ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ବ୍ରହ୍ମପୁର, ରବିବାର, ଜାନୁୟାରୀ ୨/୨୦୨୨ (୮+୮=୧୬ ପୃଷ୍ଠା+ଛୁଟିଦିନ) | Berhampur, Sunday, January 2/2022 | ★★★

୧୭ଶ ଭାଗ ୩୩୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



## ୱେଷ୍ଟଇଣ୍ଡିଜ ଦଳକୁ ଫେରିଲେ ପୋଲାର୍ଡ

ୱେଷ୍ଟଇଣ୍ଡିଜ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ଦଳକୁ ଅଧିନାୟକ ଭାବେ ପ୍ରତ୍ୟାବର୍ତ୍ତନ କରିଛନ୍ତି କିରନ ପୋଲାର୍ଡ। ୦୮

୦୭

## ୧୩୪ କୋଟିର ମାଲିକାଣୀ ବିଦ୍ୟା

ନୂଆ ବର୍ଷରେ ଜନ୍ମଦିନ ପାଳିଥିବା ବଲିଉଡ୍‌ର ହଟ୍ ଅଭିନେତ୍ରୀ ବିଦ୍ୟା ବାଲାନ ୧୩୪ କୋଟିର ମାଲିକାଣୀ।





ନୂଆବର୍ଷରେ ପୁରୀ ଶ୍ରୀମନ୍ଦିରରେ ଦର୍ଶନ ବନ୍ଦ ଥିବାରୁ ଶ୍ରଦ୍ଧାଳୁମାନେ ବାହାରେ ମହାପ୍ରଭୁଙ୍କୁ ପ୍ରାର୍ଥନା କରୁଛନ୍ତି।

## ରାଜ୍ୟବାସୀଙ୍କ ପାଇଁ ପ୍ରାର୍ଥନା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧।୧(ବ୍ୟୁରୋ)



ନୂଆବର୍ଷରେ ରାଜ୍ୟବାସୀଙ୍କ ସୁଖ ସମୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ କରୁଣା ଭିକ୍ଷା କରିଛନ୍ତି। ନବୀନ ନିବାସରେ ବିଶ୍ୱନିୟନ୍ତାଙ୍କୁ ମୁଖ୍ୟମନ୍ତ୍ରୀ ସ୍ମରଣ କରିଛନ୍ତି। ଜଗତର ନାଥ ଜଗନ୍ନାଥଙ୍କୁ ଆଶିଷ ମାଗିଛନ୍ତି। ନୂଆବର୍ଷ ଓଡ଼ିଶାବାସୀଙ୍କ ପାଇଁ ମଙ୍ଗଳମୟ ହେଉ। ନବୀନ ନିବାସରେ ଥିବା ଶ୍ରୀଜଗନ୍ନାଥଙ୍କ ଫଟୋ ପାଖରେ ଭକ୍ତିପୂତ ପ୍ରଣାମ ଜଣାଇବା ସହ ରାଜ୍ୟ ପାଇଁ ମଙ୍ଗଳ କାମନା କରିଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥ କରୋନା ମହାମାରୀରୁ ସମସ୍ତଙ୍କୁ ଉଦ୍ଧାର କରନ୍ତୁ ବୋଲି ସେ ପ୍ରାର୍ଥନା କରିଛନ୍ତି। ନବୀନ ଅତି ନିରାଡ଼ମ୍ବର ଭାବେ ନୂଆବର୍ଷ ଆରମ୍ଭ କରିଛନ୍ତି। ନୂଆବର୍ଷରେ ଓଡ଼ିଶାର ବିକାଶ ଓ ରାଜ୍ୟବାସୀଙ୍କ କଲ୍ୟାଣ ପାଇଁ ଆଶୀର୍ବାଦ ଭିକ୍ଷା କରିଛନ୍ତି।

## ନିୟମିତ ହେବେ ୮,୧୦୨ ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷକ

ଭୁବନେଶ୍ୱର, ୧।୧(ବ୍ୟୁରୋ)

ନୂଆବର୍ଷର ପ୍ରଥମ ଦିନରେ ଶିକ୍ଷକଙ୍କୁ ଖୁସି ଖବର ଦେଇଛନ୍ତି ରାଜ୍ୟ ସରକାର। ୮,୧୦୨ ଜଣ ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷକ ନିୟମିତ ହେବେ। ଏ ନେଇ ଶନିବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ସେ କହିଛନ୍ତି, ୨୦୧୫ ଜାନୁୟାରୀରେ ନିଯୁକ୍ତି ପାଇଥିବା କନିଷ୍ଠ ଶିକ୍ଷକଙ୍କୁ ଗଣଶିକ୍ଷା ବିଭାଗ ନିୟମିତ କରିଛି। ୬ ବର୍ଷ ୧୧ ମାସ ପରେ ଏମାନଙ୍କୁ ନିୟମିତ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରାଥମିକ ଶିକ୍ଷକମାନଙ୍କ ପଦୋନ୍ନତି ପାଇଁ ଉଦ୍ଦିଷ୍ଟ ସମୟସୀମାକୁ କୋହଳ କରିଥିବାରୁ ଏହା ଭିତରେ ୪୦,୦୫୨ ଶିକ୍ଷକଙ୍କୁ ପଦୋନ୍ନତି ଦିଆଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ନିୟମିତ ହେବାକୁ ଥିବା ଏହି ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ମନ୍ତ୍ରୀ ଅଭିନନ୍ଦନ ଜଣାଇବା ସହିତ ସେମାନଙ୍କ ପରିବାର ଲୋକଙ୍କ ଉନ୍ନତି କାମନା କରିଛନ୍ତି। ୨୦୨୨ ଲାଗି ଗଣଶିକ୍ଷା ବିଭାଗର ଯୋଜନା ସମ୍ପର୍କରେ ସୂଚନା ଦେଇ ଗଣଶିକ୍ଷା ମନ୍ତ୍ରୀ କହିଛନ୍ତି, ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

### ଉଗ୍ର ଜାତୀୟତାବାଦ

# ଖର୍ଚ୍ଚ କମାଇବ ଇ-ମୋଡ୍

- ଛପାହେବନି ଗେଜେଟ୍ ବହି
- ଫେବୃୟାରୀରୁ କ୍ୟୁ-ଆର୍ କୋଡ୍

ଭୁବନେଶ୍ୱର,୧।୧(ବ୍ୟୁରୋ)

ରାଜ୍ୟ ସରକାର ପ୍ରଶାସନିକ କାର୍ଯ୍ୟକୁ ସମ୍ପୂର୍ଣ୍ଣ କାଗଜମୁକ୍ତ କରିବାକୁ ଲକ୍ଷ୍ୟ ରଖି ପଦକ୍ଷେପ ନେବା ଆରମ୍ଭ କରିଛନ୍ତି। ପ୍ରଶାସନିକ ଚିଠିପତ୍ର ଇଲେକ୍ଟ୍ରୋନିକ ମୋଡ୍‌ରେ କରାଯାଉଥିବା ବେଳେ ମାନୁଆଲ ବଜେଟ ବଦଳରେ ଇ-ବଜେଟ କାର୍ଯ୍ୟକାରୀ କରିଛନ୍ତି। କେବଳ ସେତିକି ନୁହେଁ, ବିଧାନସଭାର ପ୍ରଶ୍ନୋତ୍ତର, ବିଭିନ୍ନ କମିଟି ରିପୋର୍ଟ, ବାର୍ଷିକ ରିପୋର୍ଟ ଇତ୍ୟାଦି ମଧ୍ୟ ଇଲେକ୍ଟ୍ରୋନିକ ଜରିଆରେ ସମ୍ପାଦନ ହେଉଛି। ଏବେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରକାଶିତ ହେଉଥିବା ବିଭିନ୍ନ ଗେଜେଟଗୁଡ଼ିକ ଆଉ ପୁସ୍ତକ ଆକାରରେ ଛପା ହବ ନାହିଁ। ପ୍ରୋସେସିଂଠାରୁ ଆରମ୍ଭକରି ଚୂଡ଼ାନ୍ତ ଗେଜେଟ କ୍ୟୁ-ଆର୍ କୋଡ୍‌ରେ ବାହାରିବ। ଏ ନେଇ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହାଦ୍ୱାରା ରାଜ୍ୟ ସରକାରଙ୍କ କାଗଜ ଓ ଏ ବାବଦରେ ହେଉଥିବା ଅନ୍ୟାନ୍ୟ ଖର୍ଚ୍ଚ ହ୍ରାସ ପାଇବ। ବିଭାଗଗୁଡ଼ିକ ଇ-ଗେଜେଟକୁ କ୍ୟୁ-ଆର୍ କୋଡ୍ ବ୍ୟବହାର କରି ପାଇପାରିବେ ଓ ଆବଶ୍ୟକ ସ୍ଥଳେ ଛପାଇ ପାରିବେ। ଇ-ଗେଜେଟ ଡିଜିଟାଲ ପ୍ଲାଟ୍‌ଫର୍ମରେ ସହଜରେ ଉପଲବ୍ଧ ହେବ। କ୍ୟୁ-ଆର୍ କୋଡ୍ ଜରିଆରେ ଇ-ଗେଜେଟ୍‌କୁ ଡାଉନଲୋଡ୍ କରିହେବ। ଆସନ୍ତା ଫେବୃୟାରୀରୁ ସେସବୁ ଇ-ଗେଜେଟ କାର୍ଯ୍ୟକାରୀ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପରିବହନ ବିଭାଗ ଦ୍ୱାରା ନିଆଯାଉଥିବା ଏଭଳି ପଦକ୍ଷେପକୁ ପ୍ରଶଂସା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଇ-ଗେଜେଟ କାଗଜମୁକ୍ତ ହେବା ସହ ପରିବେଶ ଅନୁକୂଳ ହୋଇପାରିବ। ଏହା ଉଭୟ ଜନସାଧାରଣ ଏବଂ ବିଭାଗଗୁଡ଼ିକ ମଧ୍ୟରେ ସ୍ୱଚ୍ଛତା ରକ୍ଷା କରିବାରେ ସହାୟକ ହୋଇପାରିବ। ଏଥିସହିତ ଇଲେକ୍ଟ୍ରୋନିକ ମୋଡ୍‌ର ବହୁଳ ବ୍ୟବହାର ଫଳରେ ଜନସାଧାରଣଙ୍କୁ ସରକାରୀ କାର୍ଯ୍ୟାଳୟକୁ ବାରମ୍ବାର ଦୌଡ଼ିବାକୁ ପଡ଼ିବ ନାହିଁ। ସରକାରଙ୍କ ୫-ଟି କାର୍ଯ୍ୟକ୍ରମର ଏହା ହେଉଛି ମୂଳ ଲକ୍ଷ୍ୟ। ଜନସାଧାରଣ ହେଉଛନ୍ତି ମାଲିକ। ସେମାନେ ପ୍ରତ୍ୟେକ ଯୋଜନାର ମୂଳ ଆଧାର ମୁଖ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଇ-ଗେଜେଟ ପ୍ରସ୍ତୁତି ଦିଗରେ କାର୍ଯ୍ୟ ଜାରି ରହିଛି। ଆସନ୍ତା ଫେବୃୟାରୀ ସୁଦ୍ଧା ଇ-ଗେଜେଟ ପ୍ରକ୍ରିୟା ଶେଷ ହେବ ବୋଲି ବିଭାଗୀୟ ପ୍ରମୁଖ ସଚିବ ମଧୁସୂଦନ ପାଢ଼ୀ କହିଛନ୍ତି। ଏଥିସହିତ ୨୦୨୨ ଜାନୁୟାରୀ ପହିଲାରୁ ଡ୍ରାଇଭିଂ ଲାଇସେନ୍ସ(ଡିଏଲ) ଓ ଗାଡ଼ି କାଗଜପତ୍ର ସ୍ମାର୍ଟକାର୍ଡ ବଦଳରେ ଅନ୍‌ଲାଇନ ମୋଡ୍‌ରେ ବିଭାଗ ପକ୍ଷରୁ ଆରମ୍ଭ କରାଯାଇଛି। ଜନସାଧାରଣ ଡିଏଲ୍ ଏବଂ ଅନ୍ୟାନ୍ୟ ଯାନବାହନ ସମ୍ପର୍କିତ କାଗଜପତ୍ର ପାଇଁ ଆଉ ପରିବହନ କାର୍ଯ୍ୟାଳୟକୁ ଦୌଡ଼ିବେ ନାହିଁ କିମ୍ବା ଖର୍ଚ୍ଚାନ୍ତ ହେବେ ନାହିଁ। ସମସ୍ତ ଡକ୍ୟୁମେଣ୍ଟ ଅନ୍‌ଲାଇନ ମୋଡ୍‌ରେ ଉପଲବ୍ଧ ହେବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ ଯେ ରାଜ୍ୟ ସରକାର ପ୍ରଥମ ଥର ପାଇଁ ୨୦୨୦-୨୧ ଆର୍ଥିକବର୍ଷର ବଜେଟକୁ କାଗଜବିହୀନ (ପେପରଲେସ୍) ଇ-ବଜେଟ ଆକାରରେ ଉପସ୍ଥାପନ କରିଥିଲେ। ଏହି ଇ-ବଜେଟ ଦ୍ୱାରା ୨ହଜାର ଗଛ କଟାରୁ ରକ୍ଷା ପାଇବା ସହ ୧.୫ କୋଟି କାଗଜ ପୃଷ୍ଠାକୁ ବଞ୍ଚାଯାଇ ପାରିଲା ବୋଲି ୨୦୨୧ ଫେବୃୟାରୀ ୨୧ରେ ବିଧାନସଭାରେ ବଜେଟ ଉପସ୍ଥାପନ କଲାବେଳେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଥିଲେ। ଗତ ଶୀତ ଅଧିବେଶନରେ ମଧ୍ୟ ବଜେଟ ସମେତ ସମସ୍ତ କାଗଜପତ୍ରକୁ ବାଦ୍ ଦିଆଯାଇ ଇ-ବିଧାନସଭାରେ ପରିଣତ କରାଯାଇଛି। ଇଲେକ୍ଟ୍ରୋନିକ ପ୍ଲାଟ୍‌ଫର୍ମ ବ୍ୟବହାର କାର୍ଯ୍ୟକୁ ସହଜ କରିବା ସହ ଅଯଥା ଅପଚୟକୁ ରୋକିବାରେ ସହାୟକ ହେଉଛି। ସରକାରୀ ଯୋଜନା ଓ ଜନସେବା ସମ୍ପର୍କିତ ସମସ୍ତ ତଥ୍ୟ ଇଲେକ୍ଟ୍ରୋନିକ ମୋଡ୍‌ରେ ଉପଲବ୍ଧ ହେଉଥିବାରୁ ଏହା ଜନସାଧାରଣଙ୍କୁ ଖର୍ଚ୍ଚ ଓ ସମୟ ଅପଚୟରୁ ରକ୍ଷା କରିପାରିବ। ଇଲେକ୍ଟ୍ରୋନିକ ମୋଡ୍ ସରକାରୀ କାର୍ଯ୍ୟ ସମ୍ପର୍କରେ ମତ ଦେଇ ଆଇଟି ଛାତ୍ର ପ୍ରତିମ ନାୟକ କହିଛନ୍ତି ଯେ ଏହା ଏକ ଉତ୍ତମ ବ୍ୟବସ୍ଥା। ମାତ୍ର ଏଥିପାଇଁ ସମସ୍ତ ସ୍ଥାନରେ ଇଣ୍ଟରନେଟ ବ୍ୟବସ୍ଥା ହେବା ଦରକାର। ଦୁର୍ବଳ ଭିତ୍ତିଭୂମି ଯୋଗୁ ଏହି ବ୍ୟବସ୍ଥାରେ ଲୋକମାନେ ଫାଇଦା ଉଠାଇପାରୁ ନାହାନ୍ତି। ଇଣ୍ଟରନେଟ ବ୍ୟବସ୍ଥାକୁ ନିରବଚ୍ଛିନ୍ନ ଓ ବ୍ୟାପକ କରାଗଲେ ଜନସାଧାରଣ ଏହାର ଫାଇଦା ପାଇପାରିବେ।

## ବିଦେଶୀ ଅନୁଦାନ ଲାଇସେନ୍ସ ହରାଇଲେ ୬ ହଜାର ଏନ୍‌ଜିଓ

ନୂଆଦିଲ୍ଲୀ, ୧।୧

ବିଦେଶୀ ଅନୁଦାନ ପାଇବାକୁ ହେଲେ ଯେକୌଣସି ସଂଗଠନ ଏବଂ ଏନ୍‌ଜିଓ ପାଇଁ ଏଫ୍‌ସିଆର୍‌ଏ ପଞ୍ଜୀକରଣ ବାଧ୍ୟତାମୂଳକ। ତେବେ ନୂଆବର୍ଷରେ ଅକ୍ସଫାମ୍ ଇଣ୍ଡିଆ, କମନ କଜ୍, ଆଇଆଇଟି ଦିଲ୍ଲୀ, ଜାମିଆ ମିଲିଆ ଇସ୍‌ଲାମିଆ, ଇଣ୍ଡିଆନ ମେଡିକାଲ ଆସୋସିଏଶନ, ନେହେରୁ ମେମୋରିଆଲ ମ୍ୟୁଜିୟମ୍ ଓ ଲାଇବ୍ରେରି ସମେତ ୬,୦୦୦ରୁ ଊର୍ଦ୍ଧ୍ୱ ସଂସ୍ଥା ବିଦେଶୀ ଅନୁଦାନ ପାଇବା ଲାଇସେନ୍ସ ହରାଇଛନ୍ତି। ଶନିବାର ପଞ୍ଜୀକୃତ ଅନୁଷ୍ଠାନ ଓ ସଂସ୍ଥା ସଂଖ୍ୟା ୧୬,୮୨୯କୁ ଖସିଆସିଛି। ଏମାନେ ହୁଏତ ଏଫ୍‌ସିଆର୍‌ଏ (ବିଦେଶୀ ଅନୁଦାନ ନିୟନ୍ତ୍ରଣ ଆଇନ) ଲାଇସେନ୍ସ ନବୀକରଣ ଲାଗି ଆବେଦନ କରିନାହାନ୍ତି କିମ୍ବା ଏମାନଙ୍କର ଆବେଦନକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଖାରଜ କରିଦେଇଛି ବୋଲି ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଡ୍ୟାସ୍‌ବୋର୍ଡରେ ଦିଆଯାଇଥିବା ସୂଚନା ଅନୁଯାୟୀ ଜାନୁୟାରୀ ୧ରେ ଦେଶର ୧୬,୮୨୯ ସଂଗଠନ ଏଫ୍‌ସିଆର୍‌ଏରେ ପଞ୍ଜୀକୃତ ହୋଇଛନ୍ତି। ଦିନକ ପୂର୍ବରୁ ଏହି ତାଲିକା ୨୨,୮୩୨ ଥିଲା।

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଡ୍ୟାସ୍‌ବୋର୍ଡ ସୂଚନା ଅନୁଯାୟୀ ଜାନୁୟାରୀ ୧ରେ ୧୨,୫୮୦ ସଂଗଠନର ଏଫ୍‌ସିଆର୍‌ଏ ପଞ୍ଜୀକରଣ ସମୟସୀମା ଶେଷ ହୋଇଛି। ଏହା ଏକ ସଞ୍ଚୟୀ ତାଲିକା ଏବଂ ଉକ୍ତ ସଂଗଠନଗୁଡ଼ିକୁ ଏଫ୍‌ସିଆର୍‌ଏ ପଞ୍ଜୀକରଣରେ ସାମିଲ କରାଯିବ। ପୂର୍ବରୁ ଅନେକ ଥର ଅନୁରୂପ ସ୍ଥିତିରେ ସେମାନଙ୍କୁ ସାମିଲ କରାଯାଇଥିଲା ବୋଲି ଜଣେ ଅଧିକାରୀ କହିଛନ୍ତି। ମନ୍ତ୍ରଣାଳୟ ରେକର୍ଡ ଅନୁଯାୟୀ ଯେଉଁମାନେ ଏଫ୍‌ସିଆର୍‌ଏ ପଞ୍ଜୀକରଣ ହରାଇଛନ୍ତି, ସେମାନଙ୍କ ମଧ୍ୟରେ କେତେକ ପ୍ରମୁଖ ଅନୁଷ୍ଠାନ ହେଲେ ହମ୍‌ଦର୍ଦ୍ଦ ଏଜୁକେଶନ ସୋସାଇଟି, ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି (ହାଉଜ୍‌ଖାସ୍), ଇନ୍ଦିରା ଗାନ୍ଧୀ ନ୍ୟାଶନାଲ ସେଣ୍ଟର ଫର୍ ଆର୍ଟ୍ସ (ଆଇଜିଏନ୍‌ସିଏ), ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ୍ ଆଡ୍‌ମିନିଷ୍ଟ୍ରେଶନ (ଆଇଆଇପିଏ), ନ୍ୟାଶନାଲ ଫାଉଣ୍ଡେଶନ ଫର୍ କମ୍ୟୁନାଲ ହାର୍ମୋନି (ଏନ୍‌ଏଫ୍‌ସିଏଚ୍), ଦିଲ୍ଲୀ କଲେଜ ଅଫ୍ ଇଞ୍ଜିନିୟରିଂ, ଗୋଆ ଫୁଟ୍‌ବଲ ଆସୋସିଏଶନ, ପ୍ରେସ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ, ଦି ଲେପ୍ରା ଇଣ୍ଡିଆ ଟ୍ରଷ୍ଟ ଏବଂ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ (କୋଲକାତା), ମେଡିକାଲ କାଉନସିଲ ଅଫ୍ ଇଣ୍ଡିଆ, ଇମାନୁଏଲ୍ ହସ୍ପିଟାଲ ଆସୋସିଏଶନ, ଟ୍ୟୁବରକୁଲୋସିସ୍ ଆସୋସିଏଶନ ଅଫ୍ ଇଣ୍ଡିଆ, ବିଶ୍ୱ ଧର୍ମାୟତନ, ମହର୍ଷି ଆୟୁର୍ବେଦ ପ୍ରତିଷ୍ଠାନ, ନ୍ୟାଶନାଲ ଫେଡେରେଶନ ଅଫ୍ ଫିଶରମେନ୍ସ କୋଅପରେଟିଭ୍ ଲିଃ, ଭାରତୀୟ ସଂସ୍କୃତି ପରିଷଦ, ଡିଏଭି କଲେଜ ଟ୍ରଷ୍ଟ ଏବଂ ମ୍ୟାନେଜମେଣ୍ଟ ସୋସାଇଟି, ଗଡରେଜ୍ ମେମୋରିଆଲ ଟ୍ରଷ୍ଟ।

## ଡିସେମ୍ବରରେ ୧.୨୯ ଲକ୍ଷ କୋଟିର ଜିଏସ୍‌ଟି ସଂଗ୍ରହ

ନୂଆଦିଲ୍ଲୀ,୧।୧

ଦେଶରେ ୨୦୨୧ ଡିସେମ୍ବରରେ ୧ ଲକ୍ଷ ୨୯ ହଜାର ୭୮୦ କୋଟି ଟଙ୍କାର ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ସଂଗ୍ରହ ହୋଇଛି, ଯାହାକି ୨୦୨୦ ଓ ୨୦୧୯ ଡିସେମ୍ବର ତୁଳନାରେ ଯଥାକ୍ରମେ ୧୩% ଓ ୨୬% ଅଧିକ। କିନ୍ତୁ ୨୦୨୧ ନଭେମ୍ବର ଓ ଅକ୍ଟୋବର ତୁଳନାରେ ଜିଏସ୍‌ଟି ସଂଗ୍ରହ ହ୍ରାସ ପାଇଛି। ଡିସେମ୍ବରରେ ଆଦାୟ ହୋଇଥିବା ଜିଏସ୍‌ଟି ମଧ୍ୟରେ କେନ୍ଦ୍ରୀୟ ଜିଏସ୍‌ଟି (ସିଜିଏସ୍‌ଟି) ପରିମାଣ ହେଉଛି ୨୨,୫୭୮ କୋଟି ଟଙ୍କା। ସେହିପରି ରାଜ୍ୟ ଜିଏସ୍‌ଟି (ଏସ୍‌ଜିଏସ୍‌ଟି) ୨୮,୬୫୮ କୋଟି ଏବଂ ଏକୀକୃତ ଜିଏସ୍‌ଟି (ଆଇଜିଏସ୍‌ଟି) ୬୯,୧୫୫ କୋଟି (ସାମଗ୍ରୀ ଆମଦାନୀରେ ସଂଗୃହୀତ ୩୭,୫୨୭ କୋଟି ଟଙ୍କା ସମେତ) ଏବଂ ସେସ୍ ☞ପୃଷ୍ଠା-୪

## ଛେଳି ଖାଇ ଏଏସ୍‌ଆଇ ନିଲମ୍ବିତ

ବଲାଙ୍ଗୀର ଅଫିସ, ୧।୧

ଥାନା ପରିସରକୁ ପଶିଯାଇଥିବା ଏକ ଛେଳିକୁ ମାରି ମାଂସ ଭୋଜି କରିବା ପୋଲିସ ପାଇଁ ମହଙ୍ଗା ପଡ଼ିଛି। ଏହି ଘଟଣାରେ ବଲାଙ୍ଗୀର ଏସ୍‌ପି ସିନ୍ଧେକେଲା ଥାନା ଏଏସ୍‌ଆଇ ସୁମନ ମଲ୍ଲିକଙ୍କୁ ଶନିବାର ଚାକିରିରୁ ନିଲମ୍ବିତ କରିଛନ୍ତି। ନୂଆବର୍ଷର ପ୍ରଥମ ଦିନରେ ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଶୁକ୍ରବାର ସିନ୍ଧେକେଲା ଥାନା ପରିସରକୁ ସ୍ଥାନୀୟ ଗାଁର ସଂକୀର୍ତ୍ତନ ଗୁରୁଙ୍କ ଛେଳି ଚରିବାକୁ ପଶିଯାଇଥିଲା। ଥାନା ପରିସରରେ ଥିବା ଏଏସ୍‌ଆଇ ମଲ୍ଲିକ ଓ ଅନ୍ୟ କେତେଜଣ କର୍ମଚାରୀ ସମ୍ପୃକ୍ତ ଛେଳିକୁ ମାରିଦେଇ ମାଂସଭୋଜି ଆରମ୍ଭ କରିଥିଲେ। ଏତିକି ବେଳକୁ ସଂକୀର୍ତ୍ତନ ଥାନା ପରିସରକୁ ଆସି ଛେଳି ଖୋଜିଥିଲେ। ଥାନା ପଛପଟରେ ମାଂସଭୋଜି ଚାଲିଥିବା ସେ ଦେଖିଥିଲେ। ସେମାନେ ତାଙ୍କ ଛେଳି ମାରି ଭୋଜି କରୁଥିବା ନେଇ ପଚାରିବାରୁ ଏଏସ୍‌ଆଇ ମଲ୍ଲିକ ତାଙ୍କ ଶାର୍ଟ କଲର ଧରି ଧକ୍କା ଦେଇଥିଲେ। ପୋଲିସକୁ ଚୋର କହୁଛି କହି ତାଙ୍କୁ ଥାନାକୁ ନେଇ ଅଟକ ରଖିଥିଲେ। ସ୍ଥାନୀୟ ଲୋକଙ୍କ ପାଖରେ ଏହି ଖବର ପହଞ୍ଚିବା ପରେ ପୋଲିସ ବିରୋଧରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକଙ୍କ ସହ ବହୁ ସଙ୍ଗଠନର ପ୍ରତିନିଧି ଥାନା ଘେରାଉ କରିଥିଲେ। ସଂକୀର୍ତ୍ତନଙ୍କୁ ତୁରନ୍ତ ଛାଡିବାକୁ ଦାବି କରିଥିଲେ। ଏଏସ୍‌ଆଇ ମଲ୍ଲିକଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଥାନା ଘେରାଉ ଜାରି ରହିଥିଲା। ଲୋକଙ୍କ ପ୍ରତିକ୍ରିୟା ଦେଖି ଏଏସ୍‌ଆଇ ମଲ୍ଲିକ ଥାନାରୁ ପଳାଇଯାଇଥିଲେ। ପରେ ଥାନାଧିକାରୀ ଆଲୋକ କୁମାର ବେହେରା ଥାନାକୁ ଆସି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଅଟକ ସଂକୀର୍ତ୍ତନଙ୍କୁ ଛାଡ଼ିଦେଇ ତାଙ୍କ ଛେଳି ବାବଦ ଟଙ୍କା ଦେବାକୁ ସେ ପ୍ରତିଶ୍ରୁତି ଦେଇଥିଲେ। ଏହା ପରେ ଲୋକେ ବିଳମ୍ବିତ ରାତିରେ ☞ପୃଷ୍ଠା-୪



ନିଲମ୍ବିତ ଏଏସ୍‌ଆଇ ସୁମନ ମଲ୍ଲିକ।



# ନୂଆବର୍ଷରେ ମନ୍ତ୍ରୀ, ବିଧାୟକଙ୍କୁ ଗୁରୁମନ୍ତ୍ର

## କୋଭିଡ୍ ନିୟମ ପାଳନ କରିବାକୁ ରାଜ୍ୟବାସୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧ

ଭୁବନେଶ୍ୱର,୧।୧(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବବର୍ଷର ଅଭିନନ୍ଦନ ଜଣାଇବା ସହ ମନ୍ତ୍ରୀ, ବିଧାୟକ ଓ ଏମ୍‌ପିଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି। ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାରୁ ଯେମିତି କୌଣସି ଲୋକ ବଞ୍ଚିତ ନ ହେବେ, ସେ ଦିଗରେ ଜନପ୍ରତିନିଧି ଅଧିକ ଗୁରୁତ୍ୱ ଦେବାକୁ ନବୀନ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ବିଜୁ ପକ୍କାଘର ଯୋଜନା, ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମିଳୁଥିବା ସହାୟତା ଓ ରାଜ୍ୟ ସରକାରଙ୍କ ଅନ୍ୟାନ୍ୟ ଯୋଜନାର ଲାଭ ଯେପରି ସାଧାରଣ ଲୋକ ପାଇବେ, ତା' ଉପରେ ବର୍ଷର ପ୍ରଥମ ଦିନରୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି । ଜନପ୍ରତିନିଧି ଲୋକଙ୍କ ସହ ରହି ଲୋକଙ୍କ ସୁଖଦୁଃଖରେ ସାଥୀ ହେବାକୁ ସେ ପରାମର୍ଶ ଦେଇଛନ୍ତି। ମନ୍ତ୍ରୀ, ବିଧାୟକ, ଏମ୍‌ପି ଏବଂ ପୋଲିସ ଅଧିକାରୀମାନେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ନବବର୍ଷର ଶୁଭେଚ୍ଛା ଜଣାଇଛନ୍ତି। ଏହାସହ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ନବବର୍ଷର ଅଭିନନ୍ଦନ ଜଣାଇଛନ୍ତି। ୨୦୨୨ ଓଡ଼ିଶା ପାଇଁ ସମୃଦ୍ଧିର ବର୍ଷ ହେଉ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ। ଭିଡିଓ ବାର୍ତ୍ତା ମାଧ୍ୟମରେ ସେ ନବବର୍ଷର ଶୁଭେଚ୍ଛା ଜଣାଇବା ସହ ଓମିକ୍ରନ୍ ମୁକାବିଲା ପାଇଁ ରାଜ୍ୟବାସୀ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି। ଏହାସହ କୋଭିଡ୍ ନିୟମ ପାଳନ କରିବାକୁ ଅନୁରୋଧ କରିଛନ୍ତି।



ନବୀନ ନିବାସରୁ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସ ଜରିଆରେ ମନ୍ତ୍ରୀ, ସଚିବ, ପୋଲିସ ଅଧିକାରୀ ଏବଂ ଅନ୍ୟମାନଙ୍କୁ ନୂଆବର୍ଷର ଅଭିନନ୍ଦନ ଜଣାଉଛନ୍ତି। ନିକଟରେ ୫-ଟି ସଚିବ ଭି.କେ.ପାଣ୍ଡିଆନ୍।

















































**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୮,୮୯,୩୦,୬୧୩ | ୫୪,୫୫,୭୮୮ | ୨୫,୩୯,୬୬,୬୬୪ |
| ଭାରତ | ୩,୪୮,୬୧,୫୭୯ | ୪,୮୧,୪୮୬ | ୩,୪୨,୭୫,୩୧୨ |
| ଓଡ଼ିଶା | ୧୦,୫୫,୧୩୨ | ୮୪୬୨(+୫୩) | ୧୦,୪୪,୯୬୨ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ୩ଶହ ମୁହାଁ ଦୈନିକ ସଂକ୍ରମଣ

**ଭୁବନେଶ୍ୱର, ୧।୧(ବ୍ୟୁରୋ)**

- ■ରାଜ୍ୟରେ ସଂକ୍ରମଣ ହାର ୦.୪୮%କୁ ବୃଦ୍ଧି
- ■୨୯୮ ନୂଆ ଆକ୍ରାନ୍ତଙ୍କ ମଧରୁ ଖୋର୍ଦ୍ଧା ଜିଲାରୁ ୧୧୯
- ■ଗୋଷ୍ଠୀ ସଂକ୍ରମଣ ନେଇ ତଥ୍ୟ ନାହିଁ : ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ରାଜ୍ୟରେ କରୋନା ମହାମାରୀ ପୁଣି ବ୍ୟାପିବାରେ ଲାଗିଛି। ଏଥିସହ କରୋନାର ନୂଆ ଭାରିଆଣ୍ଟ ଓମିକ୍ରନ୍ ଆକ୍ରାନ୍ତଙ୍କ ସଂଖ୍ୟା ମଧ ବଢ଼ି ଚାଲିଛି। ଫଳରେ କିଛିଦିନ ହେବ ସଂକ୍ରମଣ ଗ୍ରାଫ୍ ଲଗାତର ଉପରମୁହାଁ ରହିଥିବାବେଳେ ଏବେ ଦୈନିକ ଆକ୍ରାନ୍ତ ସଂଖ୍ୟା ୨ଶହ ଡେଇଁ ୩ଶହ ପାଖାପାଖି ହେଲାଣି। ଦୀର୍ଘଦିନ ପରେ ଶୁକ୍ରବାର ରାଜ୍ୟରୁ ୨୨୮ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ତେବେ ଶନିବାର ୨୪ ଘଣ୍ଟାରେ ମୋଟ ୬୨,୨୧୪ ନମୁନା ପରୀକ୍ଷା କରାଯାଇଥିବାବେଳେ ୨୧ ଜିଲାରୁ ୨୯୮ଜଣ ପଜିଟିଭ୍ ବାହାରିଛନ୍ତି। ଫଳରେ ସଂକ୍ରମଣ ହାର ୦.୪୮%କୁ ବୃଦ୍ଧି ପାଇଛି। ନୂଆ ଆକ୍ରାନ୍ତଙ୍କ ମଧରେ ଖୋର୍ଦ୍ଧା ଜିଲାରେ ସର୍ବାଧିକ ୧୧୯ଜଣ ରହିଛନ୍ତି। ଏହି ଜିଲା ମେଡିକାଲ ହବ୍ ହୋଇଥିବାରୁ ଓ ରାଜ୍ୟ ତଥା ବାହାରୁ ବହୁ ସଂଖ୍ୟାରେ ରୋଗୀ ଆସୁଥିବାରୁ ଏଠାରେ ସଂକ୍ରମଣ ଅଧିକ ରହୁଛି। ତେବେ ଗୋଷ୍ଠୀ ସଂକ୍ରମଣ ନେଇ କୌଣସି ପ୍ରାମାଣିକ ତଥ୍ୟ ନାହିଁ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି। ସେହିଭଳି କଟକରୁ ପୁଣି ୩୫, ସୁନ୍ଦରଗଡ଼ ୨୩, ସମ୍ବଲପୁର ୧୩, ପୁରୀରୁ ୧୧ଜଣ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ବାକିସବୁ ଜିଲାରେ ନୂଆ ସଂକ୍ରମିତଙ୍କ ସଂଖ୍ୟା ୧୦ ତଳକୁ ରହିଛି। ୧୮ବର୍ଷରୁ କମ୍ ବୟସର ୩୩ଜଣ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୦ଲକ୍ଷ ୫୫ହଜାର ୧୩୨ରେ ପହଞ୍ଚିଛି। ସେହିଭଳି ରାଜ୍ୟରେ ଆଉ ୨ଜଣଙ୍କ କରୋନାରେ ମୃତ୍ୟୁ ଘଟିଛି। ଏମାନଙ୍କ ଘର କଟକ ଜିଲାରେ। ଫଳରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୮,୪୬୨କୁ ବୃଦ୍ଧି ପାଇଛି। ଅପରପକ୍ଷେ ରାଜ୍ୟରେ ଓମିକ୍ରନ୍ ସଂକ୍ରମଣ ଧୀରେ ଧୀରେ ବଢୁଥିବାରୁ ଚିନ୍ତା ପ୍ରକାଶ କରିଛନ୍ତି ସ୍ୱାସ୍ଥ୍ୟ ବିଶେଷଜ୍ଞ। ଏହାକୁ ନେଇ ଆମକୁ ସଜାଗ ରହିବାକୁ ପଡ଼ିବ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ମହାପାତ୍ର ରାଜ୍ୟବାସୀଙ୍କୁ ସତର୍କ କରାଇଛନ୍ତି। ସେ କହିଛନ୍ତି, ଦେଶ ତୁଳନାରେ ଆମ ରାଜ୍ୟରେ ପଜିଟିଭିଟି ହାର କମ୍ ରହିଛି। ହେଲେ ରାଜ୍ୟରେ ସଂକ୍ରମଣ ବଢୁଥିବାରୁ ଆମକୁ ସତର୍କ ରହିବାକୁ ପଡିବ। ଥଣ୍ଡା, କାଶ ଭଳି ଲକ୍ଷଣ ଥିଲେ କରୋନା ଟେଷ୍ଟ କରାନ୍ତୁ। ଯଦି ରିପୋର୍ଟ ପଜିଟିଭ ଆସିବ ତେବେ ଜିନୋମ୍ ସିକ୍ୱେନ୍ସିଂ କରାଯିବ। ଗୋଷ୍ଠୀ ସଂକ୍ରମଣ ହେଉ ଅବା ନ ହେଉ କୋଭିଡ୍ ସଂକ୍ରମଣ ରହିଛି। ଭୂତାଣୁ ଅଛି ମାନେ କେସ୍ ଲୋଡ୍ ବଢ଼ିବ। ସବୁଠାରୁ ବଡ଼ କଥା ହେଲା, ସଂକ୍ରମଣକୁ ରୋକିବା। ଟିକା ହିଁ ସଂକ୍ରମଣ ରୋକିପାରିବ। ତେଣୁ ସମସ୍ତଙ୍କୁ ଅନୁରୋଧ କରୁଛୁ, ଟିକା ନିଅନ୍ତୁ ଓ କୋଭିଡ୍ ନିୟମ ମାନନ୍ତୁ। ନିଜେ ସୁରକ୍ଷିତ ରହିବା ସହ ଅନ୍ୟମାନଙ୍କୁ ସୁରକ୍ଷିତ ରଖିବାକୁ ସେ ଅନୁରୋଧ କରିଛନ୍ତି। ସେହିଭଳି ଭାରତ ସରକାରଙ୍କ ପକ୍ଷରୁ ଗାଇଡ୍‌ଲାଇନ୍ ଦିଆଯାଇଛି। କେତେ ପଜିଟିଭିଟି ରେଟ୍‌ରେ କ'ଣ କରାଯିବ, ତାହା ଉପରେ ରାଜ୍ୟ ସରକାର ତୀକ୍ଷ୍ଣ ନଜର ରଖିଛନ୍ତି। ମନିଟରିଂ ଚାଲିଛି। ସ୍ୱାସ୍ଥ୍ୟ ସଚିବ ଏହାକୁ ମନିଟରିଂ କରୁଛନ୍ତି। ପ୍ରୋଟୋକଲ ଅନୁସାରେ ଆକ୍ସନ ନିଆଯାଉଛି ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

## ଆଇନ ଭାଙ୍ଗିଲେ ବାନ୍ଧିବୁ: ଡିଜିପି

**କଟକ ଅଫିସ,୧।୧**

- ■ଅପରାଧୀ, ନିଶା ମାଫିଆଙ୍କୁ କଡା ଚେତାବନୀ
- ■ରାଜ୍ୟବାସୀଙ୍କୁ ଅଭିନନ୍ଦନ ଜଣାଇଲେ



ଯେଉଁ ବ୍ୟକ୍ତିମାନେ ଆଇନ ଭାଙ୍ଗୁଛନ୍ତି, ସଙ୍ଗଠିତ ଅପରାଧ କରୁଛନ୍ତି, ନିଶା କାରବାର ଚଳାଉଛନ୍ତି, ଅନ୍ୟାନ୍ୟ ଆପରାଧିକ ମାମଲାରେ ସମ୍ପୃକ୍ତ ଅଛନ୍ତି, ସେମାନଙ୍କୁ ଆଇନ ଅନୁଯାୟୀ ବାନ୍ଧିବୁ। ଶନିବାର ନୂଆ ଡିଜିପି ସୁନୀଲ ବଂଶଲ ଅପରାଧୀ ଓ ନିଶା ମାଫିଆଙ୍କ ଉଦ୍ଦେଶ୍ୟରେ ଏହିପରି କଡା ଚେତାବନୀ ଦେଇଛନ୍ତି। ଏଥିସହ ଡିଜିପି ପୋଲିସ ବିଭାଗ ତରଫରୁ ରାଜ୍ୟବାସୀଙ୍କୁ ନବବର୍ଷର ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି। ପୂର୍ବପରି ଗରିବ, ଅସହାୟ, ବୃଦ୍ଧ ଲୋକଙ୍କୁ ସହାୟତା ଯୋଗାଇଦେବାକୁ ପୋଲିସ ପ୍ରତିଶ୍ରୁତିବଦ୍ଧ। କେବଳ ସେତିକି ନୁହେଁ, ଦୂରବର୍ତ୍ତୀ ସ୍ଥାନରେ ରହୁଥିବା ଜନଜାତି ଲୋକଙ୍କ ନିକଟବର୍ତ୍ତୀ ହେବ ପୋଲିସ। କୋଭିଡ୍ ନିୟନ୍ତ୍ରଣ ତଥା ଟିକାଦାନ କ୍ଷେତ୍ରରେ ପୋଲିସ ପକ୍ଷରୁ ସମସ୍ତ ସହଯୋଗ ରହିବ ବୋଲି ଡିଜିପି ବଂଶଲ ପୋଲିସ ମୁଖ୍ୟାଳୟ ପକ୍ଷରୁ ଏକ ଭିଡିଓ ବାର୍ତ୍ତାରେ କହିଛନ୍ତି। ସୂଚନାଯୋଗ୍ୟ, ଶୁକ୍ରବାର ପୂର୍ବତନ ଡିଜିପି ଅଭୟଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ ବଂଶଲ। ଏହି ଅବସରରେ ଲୋକଙ୍କ ସୁରକ୍ଷା ଓ ସେବାକୁ ଗୁରୁତ୍ୱ ଦେବା ସହ ମାଓବାଦୀ ଦମନ କ୍ଷେତ୍ରରେ ଓଡ଼ିଶା ଅର୍ଜନ କରିଥିବା ସୁନାମକୁ ବଜାୟ ରଖାଯିବ ବୋଲି କହିଥିଲେ। ଏହାବାଦ ମହିଳା ଓ ବରିଷ୍ଠ ନାଗରିକଙ୍କୁ ପୋଲିସ ବନ୍ଧୁ ଭାବେ ବ୍ୟବହାର କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

**ସଂକ୍ଷେପରେ**

## ଦୁର୍ଘଟଣାରେ ଦୁଇ ଇଞ୍ଜିନିୟରଙ୍କ ମୃତ୍ୟୁ

କେନ୍ଦୁଝର, ୧।୧(ସ୍ୱ.ପ୍ର.)-କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅଧୀନ ୫୨୦ ନଂ. ଜାତୀୟ ରାଜପଥ ବାସୁଦେବପୁର ନିକଟ ବୈତରଣୀ ପୋଲ ଉପରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। ଟ୍ରକ ଧକ୍କାରେ ୨ ଇଞ୍ଜିନିୟରଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ ସ୍ମୃତିରଞ୍ଜନ ସ୍ୱାଇଁ ଓ ଆୟୁଷ ପାଲ୍। ସେମାନେ କାହ୍ନୁପୁର ଡ୍ୟାମ ପ୍ରକଳ୍ପରେ ମେଗା ଇଂଜିନିୟରିଂ ନାମକ ଠିକା ସଂସ୍ଥା ଅଧୀନରେ କାମ କରୁଥିଲେ। ଜଣକ ଘର ଭୁବନେଶ୍ୱର ହୋଇଥିବା ବେଳେ ଅନ୍ୟ ଜଣଙ୍କ ଯାଜପୁରରେ ବୋଲି ଜଣାପଡିଛି। ଏନେଇ ଚମ୍ପୁଆ ଥାନାରେ ଏକ ମାମଲା(ନଂ.୧/୨୨) ରୁଜୁ ହୋଇଛି।

ସନ୍ଧ୍ୟାରେ ଦୁଇ ଇଞ୍ଜିନିୟର ବାଇକ୍ ନେଇ ପ୍ରକଳ୍ପ ସ୍ଥାନରୁ ବାହାରିଥିଲେ। ଅନେକ ସମୟ ପରେ ବି ସେମାନେ ନ ଫେରିବାରୁ କମ୍ପାନୀ ଅନ୍ୟ କର୍ମଚାରୀମାନେ ଖୋଜାଖୋଜି କରିଥିଲେ। ରାତି ପ୍ରାୟ ୩ଟାରେ ଡ୍ୟାମ କେନାଲ ପୋଲ ଉପରେ ଉଭୟଙ୍କୁ ଠାବ କରାଯାଇଥିଲା। ସେତେବେଳକୁ ଘଟଣାସ୍ଥଳରେ ହିଁ ଜଣଙ୍କର ମୃତ୍ୟୁ ହୋଇସାରିଥିଲା। ଅନ୍ୟଜଣଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ୧୦୮ ଆମ୍ବୁଲାନ୍ସ ଯୋଗେ ନିକଟସ୍ଥ ଚମ୍ପୁଆ ଡାକ୍ତରଖାନାକୁ ନିଆଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି ଠିକା ସଂସ୍ଥାର ମାନବ ସମ୍ବଳ ଅଧିକାରୀ ନିଲୁ ମାଝି ସୂଚନା ଦେଇଛନ୍ତି। ଦୁର୍ଘଟଣା ପରେ ଟ୍ରକ ସେଠାରୁ ଫେରାର୍ ହୋଇଯାଇଛି। ଦୁର୍ଘଟଣାସ୍ଥଳରେ ଏକ ନମ୍ବର ପ୍ଲେଟ(ଜେଏଚ ୦୨ ଏଏମ ୮୩୮୧) ଦେଖିବାକୁ ମିଳିଛି । ସମ୍ଭବତଃ ଏହି ନମ୍ବର ପ୍ଲେଟ ଦୁର୍ଘଟଣା ଘଟାଇଥିବା ଟ୍ରକର ହୋଇଥାଇପାରେ ବୋଲି ପୋଲିସ ସନ୍ଦେହ କରୁଛି । ଏନେଇ ଚମ୍ପୁଆ ପୋଲିସ ଅଧିକ ତଦନ୍ତ କରୁଛି।

## ସାହିତ୍ୟିକା ପୁଣ୍ୟପ୍ରଭା ଦେବୀଙ୍କ ପରଲୋକ



ଭୁବନେଶ୍ୱର, ୧।୧(ବ୍ୟୁରୋ)- ବିଶିଷ୍ଟ ସାହିତ୍ୟିକା ପୁଣ୍ୟପ୍ରଭା ଦେବୀଙ୍କ ଶୁକ୍ରବାର ବିଶାଖାପାଟଣାସ୍ଥିତ ବାସଭବନରେ ପରଲୋକ ଘଟିଛି। ଦୀର୍ଘଦିନ ଧରି ସେ କ୍ୟାନ୍‌ସର ରୋଗରେ ପୀଡ଼ିତ ଥିଲେ। ତାଙ୍କୁ ୮୩ ବର୍ଷ ବୟସ ହୋଇଥିଲା। ଓଡ଼ିଆ ସାହିତ୍ୟର ଲେଖକ ତଥା ପାଠକଙ୍କ ମଧରେ ସେ ମା' ଭାବରେ ସମସ୍ତଙ୍କର ଆପଣାର ଥିଲେ। ୧୯୩୮ ମସିହାରେ କଟକର ବାଙ୍କିସାହିରେ ଜନ୍ମଗ୍ରହଣ କରିଥିବା ପୁଣ୍ୟପ୍ରଭା ମାତ୍ର ୯ ବର୍ଷ ବୟସରୁ ଲେଖିବା ଆରମ୍ଭ କରିଥିଲେ। ସେ ୩୦୦ରୁ ଊର୍ଦ୍ଧ୍ୱ ଗଳ୍ପ, କ୍ଷୁଦ୍ରଗଳ୍ପ, ଉପନ୍ୟାସ, ଶିଶୁ ଗଳ୍ପ ଆଦି ରଚନା କରି ବହୁ ଜାତୀୟ ତଥା ରାଜ୍ୟସ୍ତରୀୟ ପୁରସ୍କାର ପାଇଛନ୍ତି। ୧୯୬୦ରେ ଜାତୀୟ ସ୍ତରରେ ପୁରସ୍କୃତ ହୋଇଥିବାବେଳେ ୨୦୧୦ରେ କେନ୍ଦ୍ର ସାହିତ୍ୟ ଏକାଡେ଼ମୀ ପକ୍ଷରୁ ତାଙ୍କୁ ବାଲ୍ ସାହିତ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା। ସେ ପ୍ରଥମ ଶିଶୁ ସାହିତ୍ୟିକ ଭାବେ ଗଳ୍ପ ସଂକଳନ 'କୁନି ଗୋଇନ୍ଦା' ପାଇଁ ଏହି ପୁରସ୍କାର ପାଇଥିଲେ। ଏଥିସହ ଓଡ଼ିଶା ସାହିତ୍ୟ ଏକାଡେମୀ, ଝୁମୁକା ସହିତ ଅନେକ ଅନୁଷ୍ଠାନ ଦ୍ୱାରା ସମ୍ମାନିତ ହୋଇଛନ୍ତି। ତାଙ୍କ ପରଲୋକରେ ସାହିତ୍ୟିକଙ୍କ ସମେତ ବିଭିନ୍ନ ମହଲରୁ ଶୋକ ପ୍ରକାଶ ପାଇଛି।



ସ୍ଥାନାନ୍ତରକୁ ବିରୋଧ କରି ବହୁ ଆନ୍ଦୋଳନ ପରେ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ଥିବା ଘୋଡ଼ାକୁ ରାଜ୍ୟ ସରକାର ସେହି ସ୍ଥାନରେ ରଖି ପୁନରୁଦ୍ଧାର କରିଥିବାରୁ ପୂଜ୍ୟପୂଜା ସଂସ୍କୃତି ଅଭିଯାନ ପକ୍ଷରୁ ଧନ୍ୟବାଦ ଜ୍ଞାପନ କରାଯାଉଛି।

## ଲୋକସେବା ଭବନରେ ନୂଆବର୍ଷ ବ୍ୟାନରରେ ସ୍ୱାଗତମ୍

**ଭୁବନେଶ୍ୱର,୧।୧(ବ୍ୟୁରୋ)**

କରୋନା କଟକଣା ଯୋଗୁ ଲୋକସେବା ଭବନ, ରାଜୀବ ଭବନ, ଖାରବେଳ ଭବନ, ବିଭାଗୀୟ ମୁଖ୍ୟ ଦପ୍ତରରେ ସରକାରୀ କର୍ମଚାରୀମାନଙ୍କର ନୂଆବର୍ଷ ପାଳନ ଫିକା ପଡ଼ିଯାଇଛି। କେବଳ ହ୍ୱାଟ୍‌ସଆପ୍ ବାର୍ତ୍ତାରେ ପରସ୍ପରକୁ ଶୁଭେଚ୍ଛା ଜଣାଇଛନ୍ତି। ଭଳିକି ଭଳି ବ୍ୟାନର ଲଗାଇ ସ୍ୱାଗତ କରିବା ସହ ବିଭାଗ ଆଗରେ ଫୁଲରେ ସଜାଇ ନବବର୍ଷକୁ କର୍ମଚାରୀମାନେ ପାଳନ କରିଛନ୍ତି। କର୍ମଚାରୀମାନେ ନିଜ ବିଭାଗର ସଚିବ ଏବଂ ଅନ୍ୟ ଅଧିକାରୀଙ୍କୁ ବିନା ଫୁଲତୋଡ଼ାରେ ନବବର୍ଷର ଶୁଭେଚ୍ଛା ଜଣାଇଛନ୍ତି। ଆଗକୁ ପଞ୍ଚାୟତ ଓ ପୌର ନିର୍ବାଚନ ଆସୁଥିବାରୁ ଆଶାୟୀ ପ୍ରାର୍ଥୀ ଓ ଦଳୀୟ କର୍ମୀମାନେ ନୂଆବର୍ଷ ଶୁଭେଚ୍ଛା ବାହାନାରେ ବିଧାୟକ, ମନ୍ତ୍ରୀ ଓ ନେତାଙ୍କ ଘରେ ଭିଡ଼ ଜମାଇଥିଲେ। ନେତାଙ୍କୁ ଶୁଭେଚ୍ଛା ଜଣାଇବା ସହ ଫୁଲତୋଡ଼ା ଦେଇ ଟିକେଟ ପାଇଁ ଲବି କରିଥିବା ଶୁଣିବାକୁ ମିଳୁଛି। ନିଜ ନିଜ ନିର୍ବାଚନମଣ୍ଡଳୀର ଆଶାୟୀ ପ୍ରାର୍ଥୀ ଭୁବନେଶ୍ୱର ଆସି ନେତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ମନ୍ତ୍ରୀ ପ୍ରତାପ ଜେନା ଓ ସରକାରୀ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକଙ୍କ ବାସଭବନରେ ମଧ ଆଶାୟୀଙ୍କ ଭିଡ଼ ଦେଖିବାକୁ ମିଳିଛି। ସେହିପରି କଂଗ୍ରେସ ଓ ଭାଜପା ନେତାଙ୍କ ଘରେ ମଧ ଦଳୀୟ କର୍ମୀଙ୍କର ଭିଡ଼ ଦେଖିବାକୁ ମିଳିଥିଲା।

## ଶ୍ରମିକଙ୍କୁ ନକଲି ଟଙ୍କା, ଠିକାଦାର ଗିରଫ

**ମାଲକାନଗିରି,୧।୧(ଡି.ଏନ୍.ଏ.)**

ଜଣେ ଠିକାଦାର ଶ୍ରମିକଙ୍କୁ କାମ କରାଇ ମଜୁରି ବାବଦରେ ନକଲି ଟଙ୍କା ଦେଇ ଠକିଛନ୍ତି। ଏ ସମ୍ପର୍କରେ ଶ୍ରମିକମାନେ ଥାନାରେ ଅଭିଯୋଗ କରିବା ପରେ ସମ୍ପୃକ୍ତ ଠିକାଦାରଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ଏମ୍‌ପିଭି-୭୦ ଗ୍ରାମର ରସିକ ମଣ୍ଡଳ। ଏପରି ଘଟଣା ମାଲକାନଗିରି ଜିଲା କାଲିମେଳା ବ୍ଲକରେ ଘଟିଛି।

ଖବରରୁ ଜଣାପଡ଼ିଛି, ଏମ୍‌ଭି-୭୯ ଥାନା ଅନ୍ତର୍ଗତ ଗୋରଖପାଲି ଗ୍ରାମର କେତେଜଣ ଶ୍ରମିକଙ୍କୁ ଠିକାଦାର ରସିକ ଆନ୍ଧ୍ର ପ୍ରଦେଶରେ କାମ ଯୋଗାଇଦେବାକୁ ଡାକି ନେଇଥିଲେ। ସେଠାରେ ସେମାନଙ୍କୁ ବର୍ଷେ ପର୍ଯ୍ୟନ୍ତ କାମ କରାଇ ପ୍ରାପ୍ୟ ଦେଇ ନ ଥିଲେ। ଶେଷରେ ସେମାନଙ୍କୁ ଅଳ୍ପ କିଛି ଅର୍ଥ ଦେଇ ଗ୍ରାମକୁ ଗଲେ ବକେୟା ଅର୍ଥ ସମସ୍ତଙ୍କୁ ଦେବେ କହି ଗ୍ରାମକୁ ପଠାଇଦେଇଥିଲେ। ରସିକ ଗ୍ରାମକୁ ଆସିବା ପରେ ଶ୍ରମିକଙ୍କ ଟଙ୍କା ନ ଦେବାରୁ ସମ୍ପୃକ୍ତ ଶ୍ରମିକମାନେ ଗ୍ରାମରେ ଜଣାଇ ଗ୍ରାମସଭା କରି ନିଜ ବକେୟା ଅର୍ଥ ଦାବି କରିଥିଲେ। ଠିକାଦାର ସମସ୍ତ ଶ୍ରମିକଙ୍କୁ ଟଙ୍କା ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିଛିଦିନ ପରେ ସେ ରାତିରେ ଶ୍ରମିକମାନଙ୍କ ଘରକୁ ଆସି ଟଙ୍କା ଦେଇ ଚାଲିଯାଇଥିଲେ। ମାତ୍ର ତା'ପରଦିନ ଶ୍ରମିକମାନେ ଏହି ଟଙ୍କା ନେଇ ବଜାରରେ ବିଭିନ୍ନ ସାମଗ୍ରୀ ଖରିଦ କରିବା ସମୟରେ ଏହା ନକଲି ବୋଲି ଜଣାପଡ଼ିଥିଲା। ଏ ସମ୍ପର୍କରେ ସେମାନେ ଏମ୍‌ଭି-୭୯ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୧୦୨/୨୧ରେ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଥିଲା। ଅଭିଯୋଗର ସତ୍ୟତାକୁ ଭିତ୍ତିକରି ଶେଷରେ ପୋଲିସ ଠିକାଦାର ରସିକଙ୍କୁ ଗିରଫକରି କୋର୍ଟଚାଲାଣ କରିଛି।



ଗିରଫ ରସିକ ମଣ୍ଡଳ।

## ଆତ୍ମସମର୍ପଣ କଲେ ୪୪ ମାଓବାଦୀ

**ମାଲକାନଗିରି, ୧।୧(ଡି.ଏନ.ଏ.)**

ମାଲକାନଗିରି ଜିଲା ସୀମାନ୍ତରେ ନୂତନ ବର୍ଷର ପ୍ରଥମ ଦିନରେ ମାଓବାଦୀ ସଙ୍ଗଠନକୁ ଲାଗିଛି ଶକ୍ତ ଝଟକା। ସଙ୍ଗଠନକୁ ବିରୋଧକରି ୪୪ ଜଣ ମାଓବାଦୀ ଶନିବାର ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ମାଲକାନଗିରି ଜିଲା ସୀମାନ୍ତକୁ ଲାଗିଥିବା ଛତିଶଗଡ଼ର ସୁକ୍‌ମାରେ ଏପରି ଦେଖିବାକୁ ମିଳିଛି। ୯ ଜଣ ମହିଳାଙ୍କ ସମେତ ୪୪ ମାଓବାଦୀ ସଙ୍ଗଠନ ଛାଡ଼ି ସୁକ୍‌ମା ଏସ୍‌ପି ସୁନୀଲ ଶର୍ମାଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ୯ ମହିଳା ମାଓବାଦୀଙ୍କ ମଧରେ ଜଣେ ହାର୍ଡକୋର ମାଓବାଦୀ ରହିଛନ୍ତି। ତାଙ୍କ ନାମରେ ଛତିଶଗଡ଼ ସରକାର ପୂର୍ବରୁ ୨ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରିଥିଲେ। ଅନ୍ୟପକ୍ଷରେ ଛତିଶଗଡ଼ର ମାଓବାଦୀ ପ୍ରଭାବିତ ଅଞ୍ଚଳରେ ମାଓବାଦୀ ବିରୋଧୀ ଅଭିଯାନକୁ କଡ଼ାକଡ଼ି କାର୍ଯ୍ୟକାରୀ କରାଯାଉଥିବାରୁ ମାଓବାଦୀ ସଙ୍ଗଠନଗୁଡିକ କ୍ରମଶଃ ଦୁର୍ବଳ ହେବାରେ ଲାଗିଛି। ପୂର୍ବଭଳି ମାଓବାଦୀ ସଙ୍ଗଠନକୁ ଲୋକେ ଆଉ ସମର୍ଥନ କରୁ ନ ଥିବାରୁ ସେମାନେ ହତୋତ୍ସାହିତ ହୋଇପଡ଼ିଛନ୍ତି। ଫଳରେ ସଙ୍ଗଠନ ଛାଡ଼ି ମାଓବାଦୀମାନେ ଆତ୍ମସମର୍ପଣ କରୁଛନ୍ତି।




## ୧୦୦ଦିନିଆ 'ପଢ଼େ ଭାରତ'ର ଶୁଭାରମ୍ଭ

**ଭୁବନେଶ୍ୱର, ୧।୧(ବ୍ୟୁରୋ)**

- ■ଅଭିଯାନର ୫ ପୁସ୍ତକ ମଧରେ ରହିଛି ୨ ଓଡ଼ିଆ
- ■ବହି ପଢ଼ିବାକୁ ନିତିଦିନିଆ ଅଭ୍ୟାସରେ ପରିଣତ କରିବାକୁ ଧର୍ମେନ୍ଦ୍ରଙ୍କ ଆହ୍ୱାନ

କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ରାଷ୍ଟ୍ରୀୟ ଶିକ୍ଷା ନୀତି -୨୦୨୦ ଅନ୍ତର୍ଗତ ୧୦୦ ଦିବସୀୟ ପଠନ ଅଭିଯାନ 'ପଢ଼େ ଭାରତ'ର ଶୁଭାରମ୍ଭ କରିଛନ୍ତି। ଏହି ଅଭିଯାନ ଅନ୍ତର୍ଗତ ୫ଟି ପୁସ୍ତକକୁ କେନ୍ଦ୍ରମନ୍ତ୍ରୀ ପ୍ରଥମେ ପଢ଼ିବା ସହ ଦେଶର ନାଗରିକ ବିଶେଷ ଭାବରେ ଯୁବପିଢ଼ିଙ୍କୁ ବହି ପଢ଼ିବାକୁ ନିତିଦିନିଆ ଅଭ୍ୟାସରେ ପରିଣତ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ଛାତ୍ରୀଛାତ୍ରଙ୍କ ମଧରେ ସାରା ଜୀବନ ଶିକ୍ଷା ଗ୍ରହଣକୁ ବିକଶିତ କରିବା ଦିଗରେ ପୁସ୍ତକ ପଢ଼ିବାର ବିଶେଷତା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଅଳ୍ପ ବୟସରୁ ପୁସ୍ତକ ପଢ଼ିବା ଅଭ୍ୟାସ କଲେ ଏହା ଶିଶୁଙ୍କ ମାନସିକ ବିକାଶ କରିବ। ସେମାନଙ୍କ ସୃଜନଶୀଳତାକୁ ବୃଦ୍ଧି କରିବା ସହ ଛାତ୍ରୀଛାତ୍ରଙ୍କ ପାଇଁ ଶିକ୍ଷାର ଏକ ସୁସ୍ଥ ବାତାବରଣ ତିଆରି କରିବ ବୋଲି ସେ କହିଛନ୍ତି। ଉକ୍ତ ୫ ପୁସ୍ତକ ମଧରେ ୨ଟି ଓଡ଼ିଆ ପୁସ୍ତକ କବିବର ରାଧାନାଥ ରାୟଙ୍କ 'ଚିଲିକା' ଓ ବ୍ୟାସକବି ଫକୀର ମୋହନ ସେନାପତିଙ୍କ 'ପ୍ରାୟଶ୍ଚିତ' ରହିଛି। ସେହିପରି ଅନ୍ୟ ୩ ପୁସ୍ତକ ହେଉଛି, ଜେମ୍‌ସ କ୍ଲୟରଙ୍କ 'ଅଟୋମିକ୍ ହାବିଟ୍', ରସ୍କନ୍ ବଣ୍ଡଙ୍କ 'ଏ ଲିଟିଲ୍ ବୁକ୍ ଅଫ୍ ହାପିନେସ୍' ଓ ସ୍ୱାମୀ ବିବେକାନନ୍ଦଙ୍କ 'ରିଫ୍ଲେକ୍ସନ୍ସ'। ପାଠକମାନେ ନିଜେ ଏସବୁ ପୁସ୍ତକ ପଢ଼ିବା ସହ ଆଗକୁ କେଉଁ ପୁସ୍ତକ ପଢ଼ିବା ଉଚିତ୍, ସେ ନେଇ ମଧ ତାଙ୍କୁ ମତାମତ ଦେବାକୁ ଧର୍ମେନ୍ଦ୍ର କହିଛନ୍ତି। ସୂଚନାଯୋଗ୍ୟ, ସମସ୍ତଙ୍କ ମଧରେ ପୁସ୍ତକ ପଢ଼ିବା ପ୍ରତି ଆଗ୍ରହ ସୃଷ୍ଟି କରିବା ଦିଗରେ ଏହି ୧୦୦ ଦିବସୀୟ 'ପଢ଼େ ଭାରତ' ଅଭିଯାନ ହେଉଛି ଏକ ଅଭିନବ ତଥା ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ। ଜାନୁୟାରୀ ୧ରୁ ଆରମ୍ଭ ହୋଇ ଏପ୍ରିଲ୍ ୧୦ ପର୍ଯ୍ୟନ୍ତ ୧୦୦ ଦିନ ବା ୧୪ ସପ୍ତାହ ଧରି ଆୟୋଜନ କରାଯିବ। ଛାତ୍ରୀଛାତ୍ର, ଶିକ୍ଷକ, ଅଭିଭାବକ, ଶିକ୍ଷାବିତ୍ ଏବଂ ସମାଜ ସମେତ ରାଷ୍ଟ୍ରୀୟ ତଥା ରାଜ୍ୟ ସ୍ତରରେ ସମାଜର ଅଂଶୀଦାରଙ୍କ ଭାଗିଦାରୀକୁ ସୁନିଶ୍ଚିତ କରିବା ଏହାର ଉଦ୍ଦେଶ୍ୟ। ବାଲ୍ ବାଟିକା ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ଏହି ଅଭିଯାନର ଭାଗୀଦାରୀ ହେବେ।

## ବ୍ରଜରାଜନଗର ଆସନ ଖାଲି

### ନିର୍ବାଚନ କମିଶନରଙ୍କୁ ଅବଗତ କଲା ବିଧାନସଭା

**ଭୁବନେଶ୍ୱର,୧।୧(ବ୍ୟୁରୋ):** ବ୍ରଜରାଜନଗର ବିଜେଡି ବିଧାୟକ କିଶୋର ମହାନ୍ତିଙ୍କ ପରଲୋକ ପରେ ଆସନ ଖାଲି ନେଇ ବିଧାନସଭା ପକ୍ଷରୁ ଶନିବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଏ ନେଇ ଭାରତର ନିର୍ବାଚନ କମିଶନଙ୍କୁ ଅବଗତ କରାଯାଇଛି। ଏଥିସହିତ ରାଜ୍ୟ ନିର୍ବାଚନ ଅଧିକାରୀ, ବିଧାନସଭାର ସମସ୍ତ ସଦସ୍ୟ ଓ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଛି ।

ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ସୂଚନା ଦେବା ସହିତ କହିଛନ୍ତି ଯେ ମହାନ୍ତି ଜଣେ ଜନପ୍ରତିନିଧି ଭାବେ ଅନେକ ସୁନାମ ଅର୍ଜନ କରିଥିଲେ । ସେ ବିଧାନସଭାର ବାଚସ୍ପତି ଭାବେ ଦାୟିତ୍ୱ ତୁଲାଇବା ସହ ରାଜ୍ୟ ସଭାର ସଦସ୍ୟ ଥିଲେ । କିଶୋର ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଦାୟିତ୍ୱ ତୁଲାଇଥିଲେ । ହୀରାକୁଦ ବିସ୍ଥାପିତଙ୍କ ହକ୍ ପାଇଁ ସେ ଲଢ଼େଇ କରି ଆସିଥିଲେ । ତାଙ୍କ ପରଲୋକରେ ବ୍ରଜରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ ଆସନ ଖାଲି ହେବା ନେଇ ଭାରତୀୟ ନିର୍ବାଚନ କମିଶନରଙ୍କୁ ଜଣାଇ ଦିଆଯାଇଛି।



**ଆଜିର ମନ୍ତବ୍ୟ**
ନୂଆବର୍ଷରେ ମହାମାରୀଜନିତ ଚ୍ୟାଲେଞ୍ଜକୁ ଦେଶର ବିକାଶରେ ବାଧକ ହେବାକୁ ଦିଆଯିବ ନାହିଁ। -ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଝୁମୁକା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ନୂଆବର୍ଷରେ ଭିତରକନିକାରେ ୨୦୫୭ ପର୍ଯ୍ୟଟକ

ରାଜନଗର,୧।୧(ଡି.ଏନ.ଏ.)-ଶନିବାର ନୂଆବର୍ଷର ପ୍ରଥମ ଦିନରେ ୨୦୫୭ ପର୍ଯ୍ୟଟକ ଭିତରକନିକା ଜାତୀୟ ଉଦ୍ୟାନ ବୁଲି ଦେଖିଛନ୍ତି। ଡାଙ୍ଗମାଳ ପ୍ରବେଶ ପଥ ଦେଇ ୧୨୦୭ ପର୍ଯ୍ୟଟକ ଭିତରକନିକା ଆସିଥିବା ବେଳେ ଗୁପ୍ତିରୁ ଜଳପଥରେ ୨୧ଟି ବୋଟରେ ୧୯୪ ପର୍ଯ୍ୟଟକ, ଖୋଲାରୁ ଜଳପଥରେ ୫୪ଟି ବୋଟରେ ୫୨୭ପର୍ଯ୍ୟଟକ, ଚାନ୍ଦବାଲିରୁ ୮ଟି ବୋଟରେ ୧୨୯ ପର୍ଯ୍ୟଟକ ଭିତରକନିକା ଆସିଥିଲେ । ଅନ୍ୟପକ୍ଷେ ବଣଭୋଜି ପାଇଁ କଟକଣା ଥିଲେ ମଧ୍ୟ ପେଣ୍ଠ ବେଳାଭୂମିରେ ପର୍ଯ୍ୟଟକଙ୍କ ଭିଡ଼ ଲାଗି ରହିଥିଲା। ପେଣ୍ଠରେ ଅନୁଷ୍ଠିତ ହେଉଥିବା ଇକୋ ରିଟ୍ରିଟସ୍ଥଳଠାରୁ ଜଉଦିଆ ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ଗହଳି ଲାଗିଥିଲା। ଅଧିକାଂଶ ପର୍ଯ୍ୟଟକ ବଣଭୋଜି କରୁଥିବା ଦେଖିବାକୁ ମିଳିଥିଲା। ସମୁଦ୍ରରେ ସ୍ନାନ କରିବା ସହ ବୋଟିଂର ମଜା ଉଠାଇଥିଲେ ପର୍ଯ୍ୟଟକ। ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ନଦୀର ତ୍ରିକୋଣ ଭୂମି ପର୍ଯ୍ୟଟକଙ୍କ ପାଇଁ ଭୂସ୍ୱର୍ଗ। ଜାତୀୟ ଉଦ୍ୟାନରେ ଭିଡ ଜମାଇଥିବା ବିଦେଶୀ ପକ୍ଷୀଙ୍କ ସହିତ ଦେଶୀୟ ପକ୍ଷୀଙ୍କ କାକଳିରେ ପର୍ଯ୍ୟଟକ ବିମୋହିତ ହୋଇ ପଡ଼ିଥିଲେ। ଭିତରକନିକାରେ ଥିବା ବଉଳା କୁମ୍ଭୀର, ବହୁ ସଂଖ୍ୟକ ହରିଣ, ବାର୍‌ହା ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଏଥିସହ ହେନ୍ତାଳ ବଣ, ସୁନ୍ଦରୀ, ଶିଶୁମାର, କେରୁଅଁ, ରାଇ, ବଣି, ଗରଣି, ପାଣିଆମ୍ବ, ସିଙ୍ଗଡା, ପୀତାମ୍ବରୀ, ପୀତକୋରୁଅ ଭଳି ବିରଳ ଲୁଣା ଉଦ୍ଭିଦ ସହିତ ପ୍ରକୃତି ଓ ପରିବେଶ ପର୍ଯ୍ୟଟକଙ୍କ ମନକୁ କିଣି ନେଇଥିଲା। ଭିତରକନିକାରେ ନୌକା ଭ୍ରମଣ ସମୟରେ ପ୍ରକୃତିକୁ ନିକଟରେ ଦେଖିବାର ସୁଯୋଗ ଓ ନଈପଠାରେ ବିରଳ ବଉଳା କୁମ୍ଭୀରଙ୍କ ଖରା ପୋଇଁବା ଓ ମିଳନର ଦୃଶ୍ୟ ଭିତରକନିକାକୁ ପର୍ଯ୍ୟଟକଙ୍କୁ ଟାଣି ଆଣିଥିଲା। ଏଥିସହ ଧଳା କୁମ୍ଭୀର ଗୋରୀ, ଶଙ୍ଖୁଆ ଓ ୩ବର୍ଷର ଧଳା କୁମ୍ଭୀରକୁ ଦେଖିବାକୁ ପର୍ଯ୍ୟଟକମାନେ ଭିଡ ଜମାଇଥିଲେ। ଏଥିସହ ଡାଙ୍ଗମାଳରେ ଥିବା ମ୍ୟୁଜିୟମ ପର୍ଯ୍ୟଟକଙ୍କ ମନକୁ କିଣି ନେଇଥିଲା।

# ବସ୍‌ରୁ ପର୍ଯ୍ୟଟକଙ୍କ ମୃତଦେହ ଜବତ

ନରସିଂହପୁର,୧।୧(ସ୍ୱ.ପ୍ର.): କଟକ ଜିଲା ନରସିଂହପୁର ବ୍ଲକ ଅଧୀନ ଦିଅଁଝର ଜଳପ୍ରପାତକୁ ବଣଭୋଜି ପାଇଁ ଆସୁଥିବା ଏକ ବସ୍‌ରୁ ଜଣେ ପର୍ଯ୍ୟଟକଙ୍କ ମୃତଦେହ କାନପୁର ପୋଲିସ ଜବତ କରିଛି। ସେ ହେଲେ ସୁରେନ୍ଦ୍ର କୁମାର। ଝାଡଖଣ୍ଡରୁ ଆସିଥିବା ଏହି ବସ୍‌ରେ ୧୬ ଜଣ ପର୍ଯ୍ୟଟକ ଥିଲେ। ସେମାନେ ଶୁକ୍ରବାର ରାତିରେ ନରସିଂହପୁରସ୍ଥିତ ଏକ ହୋଟେଲରେ ଖାଇବା ପରେ ଉକ୍ତ ଗାଡ଼ିରେ ଶୋଇଥିଲେ। ଶନିବାର ସକାଳେ ବସ୍‌ଟି ଦିଅଁଝର ଅଭିମୁଖେ ବାହାରିଥିଲା। ଚମ୍ପେଶ୍ୱର ଛକରେ ପର୍ଯ୍ୟଟକମାନେ ଚା’ ପିଇବାକୁ ରହିଥିଲେ। ଏହି ସମୟରେ ସୁରେନ୍ଦ୍ରଙ୍କୁ ଅଚେତ ଅବସ୍ଥାରେ ଦେଖି ନିକଟରେ ଥିବା କାନପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନାହିଁ।

# classifieds Everyday
0674-2580101, 2549302




### GROOM WANTED

Private Teacher ଭାବେ କାର୍ଯ୍ୟରତ ୪୬ ବୟସ୍କା ଛାଡ଼ପତ୍ରପ୍ରାପ୍ତ ବ୍ରାହ୍ମଣ ଝିଅଙ୍କୁ ଯେ କୌଣସି ଜାତିର ପୁଅ ଦରକାର। 7326057574. D-22683

38 ବୟସ, ୫'୪''/ ଉଚ୍ଚତା, ସରକାରୀ Head Master, ଦରମା 48 ହଜାର, ମହିଳା ହେତୁ ବର ଦରକାର। ଘରଜ୍ୱାଇଁଙ୍କୁ ପ୍ରାଥମିକତା।(ସଭିଜାତି ସଭିମାନ୍ୟ ଅଟନ୍ତି)। ଯୋଗାଯୋଗ- 7381009738. D-22682

### real estate

### SALE

**Gharabari plots sale Kateni near Vikash residential school sqft.-650/9337766961, 9861964818.** D-22717

**Infocity-II ମଦନପୁର (1500sqft.) ପ୍ଲଟ୍‌କୁ 12,000,00/- ଟଙ୍କାରେ ବିକ୍ରିହେବ। ଯୋଗାଯୋଗ- 8093959827.** D- 22679

ଖୋର୍ଦ୍ଧା ମଳିପଡ଼ା NH ପାଖରେ ପଟ୍ଟା ଥାଇ boundary plot ମିଳୁଛି। 9692213354. D-71840

**Flat sale with Orera approval at Naharakanta Chhak, Rasulgarh, Bhubaneswar NH Facing. Contact: 6371401150.** D-22709

ଭୁବନେଶ୍ୱର ଡେରାସ୍, ସୁନ୍ଦରପଦାରେ ଘରବାଡ଼ି ପ୍ଲଟ୍ sqft.-1500/-, 950/-, 650/- ମିଳୁଛି। SEEMA-6370476317. D-71765

**ଭୁବନେଶ୍ୱର ଟଙ୍କପାଣି ରୋଡ୍ ସାଇ ମନ୍ଦିରରୁ 2.5K.M. ରଙ୍ଗବଜାର BJEM-2 କୁ ଲାଗି East Facing 1500sqft. 4BHK duplex built up area-2285 (Bank finance available) booking open- 9337088399.** D-71761

Duplex Immediate Sale near Vani Vihar University. 1.03Crore Fixed Price. Whatsapp: 943-731-3333(Owner) 9438874333. D-22702

3BHK flat, 2nd Floor 1800sqft., 3Toilet near Jharapada Jail Square Cuttack Puri main road side, 2011 posession, resale @90lac including all. 9439716901 (Broker Excuse). D-71925

**Flat sale at near Jharpada Durgamandap, Bhubaneswar 100' wide road facing. Contact: 6371401150.** D-22710

CRPରୁ ୧୪କି.ମି. କାଟେଣୀରେ ଘରବାଡ଼ି ପ୍ଲଟ୍ 2400 ବର୍ଗଫୁଟକୁ 15,60,000/- ସୁନ୍ଦରପଦାରେ 9,60,000/- (18 plot available). 9938016295. D-71760

**30' road ଘରବାରି ପ୍ଲଟ୍ ପାଚେରି ସହ Sum Hospitalରୁ 4K.M. ଘଙ୍ଗାପାଟଣାରେ ମିଳୁଛି। Owner- 8249779595.** D-71763

ମୁଣ୍ଡୁଳି ମୌଜାରେ develope plot with demarkcated sqft.- 520/-ରେ ମିଳୁଛି। 9692213354. D-71841

**Ready to move 1BHK Holiday apartment sale Jagannathdham Puri, Rate-14.5lakhs-18.5lakhs Bank Loan available with monthly rent facilities. 9040033905, 6372753860.** D-71749

ଭୁବନେଶ୍ୱର ଜଟଣୀଗେଟ୍ ନିକଟରେ 1200sqft. 3,00,000/-, ନଖରା ତ୍ରିନାଥବଜାର sqft.-200 (Outright). 9348232008. D-22629

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact: 9937059891.** D-22647

ଧଉଳି ଛକ ପାଖରେ ଘରବାରି boundary 40ft. ପିଚୁରୋଡ୍ ଥାଇ plot ବିକ୍ରିହେବ। 7008833643. D-71762

**Sum Hospital ନିକଟବର୍ତ୍ତୀ ଅନ୍ଧାରୁଆରେ Bio-Tech Park (Vaccine Plant) ନିକଟରେ gharabari plot boundary, electricity ଥାଇ କିଣନ୍ତୁ, immediate ଘର କରନ୍ତୁ 9437005434.** D-71754

ପୁରୀ ଅଠରନଳା ପାଖ ଗୋପୀନାଥପୁର ମୌଜାରେ ସ୍ଥିତିବାନ୍ ଘରବାରି ପ୍ଲଟ୍ 20X71 ବିକ୍ରିହେବ। Rs.- 16,00000/-, 9437177131. D-69054

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

**Duplex house (11years old) for sale Jagamara, Bhubaneswar, Built-up area 2500sqft., land area 2100sqft., Price 1.30 crores, only serious buyers are requested to contact: 8328812205.** D-71759

**3BHK Flat Sale in Sharada Bhaban Near Unit-8 Dav School, next to Passport office Covered Parking, 2nd floor. Contact: 7978849173.** D-22730

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-22657

**Residential gharabari plot near English Medium School, Brahmanjharilo, Cuttack with boundarywall, 7km from Nakhara, Cuttack, 12km to BBSR. 7809525452.** D-71835

### construction

**Construct your home which includes, Architecture, BDA plan approval, Structure quality designing materials, ABBICO Concept Engineering. 7609931239.** D-71757

### to-let

Two Bedroom, Ground Floor near DAV School, Nilakantha Nagar, Unit-8, BBSR, One Bedroom Prachivihar, Palasuni, BBSR. Contact:9078706109. D-22674

**1378 Bapuji Nagar rent for house (only Family). Contact: 9556185625.** D-71766

### healthcare

Newly open full body massage ladies and gents. 8327740003, 8455985899. D-71838

One hour any therapy by expert therapist @800 only. 9078484455. D-71461

Newly Open Saikrupa Panchakarma Spa positively health benefits with expert. 8984068077. D-22723

### business

ଘରେବସି ସ୍ୱଳ୍ପ ବିନିଯୋଗରେ ମାସକୁ ୩୦,୦୦୦/-ରୁ ୬୦,୦୦୦/- ରୋଜଗାର କରନ୍ତୁ। 9776020766, 9439008685. D-71460

### astrology

Contact Astrologer, Er. S.K. Samal, Sahid Nagar, BBSR. Mob: 9078706109. D-22675

### LOST

I Dadhibaban Dash, S/o- Karunakar Dash, Village- Kumunde, PO.- Ranisarda, Dist.- Subarnapur declare that my Father is the recorded tenant of holding No.- 17, 18, 19 of Mouza- Kumunde. On dt. 22.12.2021 while I was coming from menda to my home, the said ROR and my Aadhaar Card has been lost some where inspite of my through search I could not find the same. D-22734

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବଢ଼େଇଖାଇର ଗରବ ଦେଖ !**
**ବାଡ଼ି ପନ୍ଦାରରେ ମାରିଚି ଯଖା।**

ବ୍ୟକ୍ତି ଯେତେବେଳେ ଧନୀ ହୋଇଯାଏ ସେତେବେଳେ ଆଉ ସେ ଇନ୍ଦ୍ରଚନ୍ଦ୍ର ମାନି ନ ଥାଏ। ହାସଲ କରିଥିବା ବା ପାଇଥିବା ଧନକୁ ନେଇ ତା’ ମନରେ ଅନେକ ଗର୍ବ ଓ ଅହଂକାର ଆସିଯାଇଥାଏ। ହଠାତ୍ ଗୁପ୍ତଧନ ପାଇ ଅହେତୁକ ଗର୍ବ କରିବସୁଥିବା ମହିଳା ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ବାଳ ଶୁଖୋଉଛି ପୋଖରୀ ତୁଠରେ**
**ପିନ୍ଧିଅଛି ରଙ୍ଗପାଟ**
**ଯାଆନ୍ତି ପାଖକୁ, ଚିହ୍ନନ୍ତି ତାହାକୁ**
**ସଳଖ ତ ନାହିଁ ବାଟ।**

ଦୂରରୁ ଅଜଣା ନାରୀକୁ ଦେଖିଲେ ମନରେ ସ୍ୱତଃ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଯାଏ। ପାଖକୁ ଯାଇ ଭଲମନ୍ଦ ବୁଝିବାରେ ଅନେକେ ସାହସ ଜୁଟାଇ ପାରି ନ ଥାନ୍ତି। ପରୋକ୍ଷରେ ପ୍ରେମୀ ଯୁଗଳ ପାଇଁ ଏ ସମାଜ ବା ଦୁନିଆ ସେତେଟା ସହଜ ହୋଇ ନ ଥାଏ। ଉଚ୍ଚ, ନୀଚ ଜାତିପ୍ରଥା ଭଳି ଅନେକ ପ୍ରତିବନ୍ଧକ ତା’ ଆଗରେ ପ୍ରାଚୀର ଭଳି ଦଣ୍ଡାୟମାନ ହୋଇଥାଏ, ଯାହାକୁ ମୁକାବିଲା କରିବା କଷ୍ଟକର ହୋଇପଡିଥାଏ। ପ୍ରେମର ବାଟ ସଳଖ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ସୂକ୍ଷ୍ମକଳାରେ ନୂଆବର୍ଷ ଶୁଭେଚ୍ଛା ଜଣାଇଲେ ଏଲ୍. ଈଶ୍ୱର




ଖୋର୍ଦ୍ଧା ଅଫିସ,୧।୧: ଖୋର୍ଦ୍ଧା ଜିଲା ଜଟଣୀ ଅଞ୍ଚଳର ଏଲ୍.ଈଶ୍ୱର ରାଓ। ଜଣେ ସୂକ୍ଷ୍ମ କାରିଗର ଭାବେ ପରିଚିତ। ସୂକ୍ଷ୍ମକଳା ମାଧ୍ୟମରେ ସେ ଓଡ଼ିଶାବାସୀଙ୍କୁ ନୂତନ ବର୍ଷର ଶୁଭେଚ୍ଛା ଜଣାଇବା ସହ ସୁଖ ସମୃଦ୍ଧି କାମନା କରିଛନ୍ତି। କରୋନା ମହାମାରୀରୁ ମୁକ୍ତି ଲାଗି ସେ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ଏକ ୭୫୦ ମିଲି କାଚ ବୋତଲରେ ୪.୫ଇଞ୍ଚ ଉଚ୍ଚ ଓ ୨.୫ଇଞ୍ଚ ଚଉଡା ବିଶିଷ୍ଟ ଏକ ସୂକ୍ଷ୍ମ କଳାକୃତି ତିଆରି କରିଛନ୍ତି। ଏହି ସୂକ୍ଷ୍ମ କଳାକୃତି ପାଇଁ ତାଙ୍କୁ ୩ଦିନ ସମୟ ଲାଗିଥିବା ବେଳେ ଏଥିରେ ସେ ଚକ ଖଣ୍ଡ, କାଚ, କାଗଜ, ବ୍ୟବହାର କରିଛନ୍ତି। ଏହି ସୂକ୍ଷ୍ମ କଳାକୃତି ମାଧ୍ୟମରେ ଲୋକଙ୍କୁ ନବବର୍ଷର ଅଭିନନ୍ଦନ ଜଣାଇବା ସହ କୋରୋନା କଟକଣା ମାନି ଜୀବନ ଜୀବିକା ନିର୍ବାହ ପାଇଁ ପରାମର୍ଶ ଦେଇଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଡିସେମ୍ବରରେ ୧.୨୯ ଲକ୍ଷ ...

ବାବଦରେ ୯,୩୮୯ କୋଟି (ସାମଗ୍ରୀ ଆମଦାନୀରେ ସଂଗୃହୀତ ୬୧୪ କୋଟି ଟଙ୍କା ସମେତ) ଆଦାୟ ହୋଇଥିବା ଶନିବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

ହାରାହାରି ମୋଟ ମାସିକ ଜିଏସ୍‌ଟି ଆଦାୟ କ୍ଷେତ୍ରରେ ତୃତୀୟ ତ୍ରୈମାସିକ(ଅକ୍ଟୋବର-ଡିସେମ୍ବର)ରେ ୧.୩ ଲକ୍ଷ କୋଟି ସଂଗ୍ରହ ହୋଇଥିବାବେଳେ ଦ୍ୱିତୀୟ ଓ ପ୍ରଥମ ତ୍ରୈମାସିକରେ ଏହା ଯଥାକ୍ରମେ ୧.୧୫ ଲକ୍ଷ କୋଟି ଏବଂ ୧.୧ ଲକ୍ଷ କୋଟି ଟଙ୍କା ରହିଛି। ଅର୍ଥନୀତିରେ ସୁଧାର ସହିତ ଟିକସ ଫାଙ୍କିବା ବିଶେଷକରି ନକଲି ବିଲର୍‌ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଜିଏସ୍‌ଟି ବୃଦ୍ଧିରେ ସହାୟକ ହେଉଛି। ଗତ ତ୍ରୈମାସିକରେ ରୋଜଗାରର ସକାରାତ୍ମକ ଧାରା ଜାରି ରହିବ ବୋଲି ଆଶା କରାଯାଉଛି।

| ମାସ | ଜିଏସ୍‌ଟି ସଂଗ୍ରହ |
|---|---|
| ୨୦୨୧ | (କୋଟି ଟଙ୍କା) |
| ଏପ୍ରିଲ | ୧,୩୯,୭୦୮ |
| ମେ | ୯୭,୮୨୧ |
| ଜୁନ | ୯୨,୮୦୦ |
| ଜୁଲାଇ | ୧,୧୬,୩୯୩ |
| ଅଗଷ୍ଟ | ୧,୧୨,୦୨୦ |
| ସେପ୍ଟେମ୍ବର | ୧,୧୭,୦୧୦ |
| ଅକ୍ଟୋବର | ୧,୩୦,୧୨୭ |
| ନଭେମ୍ବର | ୧,୩୧,୫୨୬ |
| ଡିସେମ୍ବର | ୧,୨୯,୭୮୦ |

### ନିୟମିତ ହେବେ ୮,୧୦୨ ...

ରାଜ୍ୟର ୨୫୦ ବ୍ଲକରେ ଆଦର୍ଶ ବିଦ୍ୟାଳୟ ଖୋଲା ଯାଇଛି। ବାକି ଅନ୍ୟସବୁ ବ୍ଲକରେ ଏ ବର୍ଷ ଆଦର୍ଶ ବିଦ୍ୟାଳୟ ଖୋଲାଯିବ ଏବଂ ଚଳିତବର୍ଷ ଷଷ୍ଠ ଶ୍ରେଣୀରୁ ପାଠପଢ଼ା ଆରମ୍ଭ କରାଯିବ। ସେହିପରି ରାଜ୍ୟର ସମସ୍ତ ସ୍କୁଲ୍‌ର ରୂପାନ୍ତରୀକରଣ କରାଯିବା ସହ ୫-ଟି ଅଧୀନରେ ଅଣାଯିବ। ସ୍କୁଲ୍ ରୂପାନ୍ତରୀକରଣ ସହିତ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ମଧ୍ୟ ଜାରି ରହିଛି। ହାଇସ୍କୁଲଗୁଡ଼ିକରେ ଆହୁରି ୧୧ହଜାର ଶିକ୍ଷକଙ୍କୁ ନିଯୁକ୍ତି ଦେବା ପାଇଁ ବିଜ୍ଞପ୍ତି ବାହାରି ସାରିଛି। ଆଦର୍ଶ ବିଦ୍ୟାଳୟଗୁଡ଼ିକରେ ୧,୭୦୦ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନିଯୁକ୍ତି ଦେବାକୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସେହିଭଳି ଚଳିତ ବର୍ଷ ଦଶମ ଓ ଯୁକ୍ତ୨ ପରୀକ୍ଷା ଠିକ୍ ସମୟରେ ହୋଇ ପରୀକ୍ଷା ଫଳ ଶୀଘ୍ର ପ୍ରକାଶ ପାଇବ ବୋଲି ମନ୍ତ୍ରୀ ଆଶା କରିଛନ୍ତି। ଯଦି କିଛି ସମସ୍ୟା ଉପୁଜେ ତା’ହେଲେ ସରକାର ସେଥିପାଇଁ ପ୍ରସ୍ତୁତ ଥିବା ମନ୍ତ୍ରୀ କହିଛନ୍ତି।

### ଛେଳି ଖାଇ ଏଏସ୍‌ଆଇ ...

ଘେରାଉରୁ ହଟିଥିଲେ। ଘଟଣା ସମ୍ପର୍କରେ ଏସ୍‌ପି ନୀତିନ କୁଶଲକର ଜାଣିବା ପରେ ଏଏସ୍‌ଆଇ ସୁମନ ମଲ୍ଲିକଙ୍କୁ ନିଲମ୍ବିତ କରିଛନ୍ତି। ଛେଳିମାରି ମାଂସ ଭୋଜି କରିବା ଘଟଣାରେ ସମ୍ପୃକ୍ତ ଅନ୍ୟ ପୋଲିସ କର୍ମଚାରୀଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି କେତେକ ସଙ୍ଗଠନର କର୍ମକର୍ତ୍ତା ମତ ଦେଇଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ଅଷ୍ଟମ ଚନ୍ଦ୍ର ପାପଯୁକ୍ତ ମଙ୍ଗଳ ସହ ଥିବାରୁ ଦୈହିକ ଓ ମାନସିକ ବ୍ୟସ୍ତତାକୁ ବୃଦ୍ଧି କରିବେ। ସ୍ଥଗିତ କାମରେ ଅଗ୍ରଗତି, ପାରିବାରିକ ସମସ୍ୟାର ସମାଧାନ କରି ଆଶ୍ୱସ୍ତି ଲଭିବେ। ବାଧ୍ୟବାଧକତାରେ ବ୍ୟୟବୃଦ୍ଧି ଓ ଶତ୍ରୁତାଜନିତ କୌଣସି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି।

**ବୃଷ**
ପାରିବାରିକ ସ୍ନେହ, ଶ୍ରଦ୍ଧା ଓ ଆଦର ଲାଭ କରିବା ସହ ଦିନଟି ସାମଗ୍ରିକ ଦୃଷ୍ଟିକୋଣରୁ ସମ୍ପୂର୍ଣ୍ଣ ଉପଭୋଗ୍ୟ। ରୋହିଣୀ ନକ୍ଷତ୍ର ବନ୍ଧୁଙ୍କ ସହାନୁଭୂତି ସହିତ ବୈଷୟିକ ସୁଖ, ସମୃଦ୍ଧି ଓ ଶିଳ୍ପ, ବାଣିଜ୍ୟ, ବ୍ୟବସାୟରୁ ଲାଭବାନ୍ ହେବେ। ସ୍ଥଗିତ କାମ ତ୍ୱରାନ୍ୱିତ କରି ଆନନ୍ଦ ଅନୁଭବ କରିବେ। ପିଲାଙ୍କ ସ୍ୱାସ୍ଥ୍ୟ ଓ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ।

**ମିଥୁନ**
ରବି ଓ ଶୁକ୍ରଙ୍କ ରାଶି ପ୍ରତି ଦୃଷ୍ଟି ପ୍ରଭାବରୁ ପ୍ରିୟଜନଙ୍କ ସାହଚର୍ଯ୍ୟ ଲାଭ କରି ଅଭିଳଷିତ କାମ ପୂର୍ଣ୍ଣାଙ୍ଗ କରିବେ। କର୍ମକ୍ଷେତ୍ରରେ ପ୍ରାଧାନ୍ୟତା ଅକ୍ଷୁଣ୍ଣ ରହିବା ସହ ପାରିବାରିକ ଜୀବନର ବ୍ୟତିକ୍ରମକୁ ସୁଧାରିନେବେ। ନିଜେ ରହୁଥିବା ପରିବେଶରେ କୌଣସି ବୟସ୍କଙ୍କ ଅନୁଗ୍ରହ ସମସ୍ୟା ସମାଧାନରେ ସହାୟକ ହେବ।

**କର୍କଟ**
କର୍ମକ୍ଷେତ୍ରରେ ଖର୍ଚ୍ଚଣି ବଢ଼ିଯିବା ସହ ନିଜ ଲୋକଙ୍କ ବେଖାତିର କଥା ଓ ଅନାଦର ବ୍ୟଥିତ କରିପାରେ। ପୁଷ୍ୟା ନକ୍ଷତ୍ର ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ କ୍ଷତିର ଭରଣା କରିପାରିବେ। ସଭାସମିତିରେ ସମଧର୍ମୀଙ୍କ ଦ୍ୱାରା ସମ୍ମାନିତ ହେବାର ସୂଚନା ରହିଛି। ପ୍ରଶାସନ, କର୍ମକ୍ଷେତ୍ର ସାଙ୍ଗକୁ ମନୋରଞ୍ଜନ କାର୍ଯ୍ୟକ୍ରମରେ ଟେନ୍‌ସନ୍ କିଛି ମାତ୍ରାରେ ଲାଗିରହିବ।

**ସିଂହ**
ମଘା ନକ୍ଷତ୍ରର ସାଧାରଣ କଥାକୁ ନେଇ ଝଗଡ଼ାର ଆଶଙ୍କା ଦେଖାଦେବ। ବିବାଦ, ପ୍ରତିଦ୍ୱନ୍ଦ୍ୱିତା, ଅନାବଶ୍ୟକ ବାର୍ତ୍ତାଳାପରୁ ଦୂରେଇ ରହିବା ଭଲ। ଦୂରଯାତ୍ରା, କର୍ମାରମ୍ଭ, ଲୋକସମ୍ପର୍କ, ସଙ୍ଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ପ୍ରଶଂସିତ ହେବେ। ଅଫିସିଆଲି ଫାଇଲ୍ ସମ୍ପର୍କୀୟ କାମକୁ ନେଇ ବାକ୍‌ବିତଣ୍ଡା ସୃଷ୍ଟି ହୋଇପାରେ।

**କନ୍ୟା**
ଆଜି ଧନ ଓ ବ୍ୟୟାଧିପ ଏକତ୍ର ହେତୁ ବିଶେଷ ଖର୍ଚ୍ଚାନ୍ତ ହେବେ ସିନା ଚେଷ୍ଟା କରୁଥିବା କାମ ଅଟକି ରହିବ ନାହିଁ। ଆତ୍ମୀୟଙ୍କ ବିରୋଧ ବଢ଼ିବା କାରଣରୁ ବିରକ୍ତି ଅନୁଭବ କରିପାରନ୍ତି। ପରିବାରରେ ଉତ୍ତମ ବୁଝାମଣା, ବୟସ୍କଙ୍କ ସହୃଦୟତା ଦିନଟିକୁ ଉପଭୋଗ୍ୟ କରାଇବ। ଶିଳ୍ପ, ବାଣିଜ୍ୟ, ଯାତ୍ରା, ପରିବହନ ସମ୍ପର୍କରେ ଅସ୍ଥିରତା ଦେଖା ଦେଇପାରେ।

**ତୁଳା**
ଆଜି ରବି ଓ ଶୁକ୍ରଙ୍କ ପ୍ରଭାବରୁ ମଜାମଉଜ, ବନ୍ଧୁମିଳନ, ନୂଆ ସ୍ଥାନ ପରିଦର୍ଶନ ମାଧ୍ୟମରେ ଅତିବାହିତ କରିବେ। ପ୍ରିୟଜନଙ୍କ ଅନୁରକ୍ତି, ବନ୍ଧୁମାନଙ୍କ ସହାନୁଭୂତି, ପାରିବାରିକ ସ୍ଥିତି ହାଲୁକା ରହିବ। ଭଲ ସମ୍ପର୍କ ରହିଥିବା ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବାରେ ସମର୍ଥ ହେବେ।

**ବିଛା**
ଶନି ଓ ମଙ୍ଗଳ ମଧ୍ୟସ୍ଥ କର୍ମାଧିପ ହେତୁ ପ୍ରତ୍ୟେକ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିଜନିତ ମନ ଅଶାନ୍ତ ରହିବ। ଅନ୍ୟମାନଙ୍କ କାନକୁହାରେ ପ୍ରଭାବିତ ହୋଇ ସହକର୍ମୀ ଭୁଲ୍ ବୁଝିପାରନ୍ତି। ଖର୍ଚ୍ଚାନ୍ତ ହେଲେ ମଧ ସହକର୍ମୀଙ୍କ ଜରିଆରେ ମୂଲ୍ୟବାନ ଦ୍ରବ୍ୟ ପାଇପାରନ୍ତି। ବିଭିନ୍ନ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବାକୁ ପଡ଼ିପାରେ।

**ଧନୁ**
ଆଜି ଯେମିତି ଓ ଯାହା କରିବାକୁ ମନସ୍ଥ କରିଛନ୍ତି ତାହା ଅବଶ୍ୟ ସମ୍ପନ୍ନ ହୋଇପାରିବ। ସ୍ୱାସ୍ଥ୍ୟ ସମସ୍ୟା, ପାରିବାରିକ ଦ୍ୱନ୍ଦ୍ୱ ଓ ସହକର୍ମୀଙ୍କ ଦ୍ୱାରା କୌଣସି ସମସ୍ୟା ମନରେ ଭାବାନ୍ତର ସୃଷ୍ଟି କରିପାରେ। ଉତ୍ତରାଷାଢ଼ା ନକ୍ଷତ୍ରର ପ୍ରିୟଜନଙ୍କ ସହ ଦୀର୍ଘଦିନର ମତାନ୍ତରଜନିତ ସମସ୍ୟା ସମାଧାନ ହୋଇଯିବ।

**ମକର**
ଆଜି ସକାଳୁ ଶୁଭଖବର ସହ କୌଣସି ବନ୍ଧୁଙ୍କ ସହ ଆଳାପ ଆଲୋଚନାରୁ ଖୁସି ରହିବେ। ଏହା ସାଙ୍ଗକୁ ଧନଭାବସ୍ଥ ବୃହସ୍ପତି ଆପଣଙ୍କୁ ଅର୍ଥପ୍ରାପ୍ତିର ମାର୍ଗଦର୍ଶନ କରାଇବେ। ସ୍ଥଗିତ କାମକୁ ସମ୍ପନ୍ନ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ ହୋଇପାରନ୍ତି। ସୁସମ୍ପର୍କ ଅଭାବରୁ ଯେତେ ଭଲ କାମ କଲେ ମଧ ଅଭିଯୋଗ ପାଇବେ।

**କୁମ୍ଭ**
କର୍ମସ୍ଥ ପାପଗ୍ରହ ଯୋଗୁ ଆଜି ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ସଙ୍ଗଠନ, ଆନୁଷ୍ଠାନିକ କ୍ଷେତ୍ର, ସଭାସମିତିରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଅର୍ଥ ସଙ୍କଟ ରହିବା ହେତୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଗୁଡ଼ିକ ଅଟକିଯିବାର ଆଶଙ୍କା ଦେଖାଦେବ। ଶିକ୍ଷା, ପରୀକ୍ଷା, ଇଣ୍ଟରଭ୍ୟୁରେ ସଫଳତା ମିଳିବ।

**ମୀନ**
ନୂତନ ଯୋଜନାକୁ ସଫଳ କରିବା ପରିପ୍ରେକ୍ଷୀରେ ଆତ୍ମୀୟଙ୍କ ପରାମର୍ଶ ଓ ସାହାଯ୍ୟ ସହାୟକ ହେବ। ଅର୍ଥନୈତିକ ସମସ୍ୟା, ଶତ୍ରୁତାଜନିତ ବିବାଦ, ବନ୍ଧୁଙ୍କ ଅନାଦର ଭାବ ଯୋଗୁ ସାମୟିକ ମନ ଦୁଃଖ ହୋଇପାରେ। ରେବତୀ ନକ୍ଷତ୍ରର ଚେଷ୍ଟା କରୁଥିବା କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହେବାରେ କୌଣସି ଅସୁବିଧା ରହିବ ନାହିଁ।

# ଗ୍ରୀଟିଂସ୍ କାର୍ଡ



**ଦିନ ଥିଲା, ନୂଆବର୍ଷ ଆସିଲେ ପ୍ରଥମେ ଖୋଜାପଡୁଥିଲା ଗ୍ରୀଟିଂସ୍ କାର୍ଡ । ତାହା କେବଳ ନବବର୍ଷ ଅଭିନନ୍ଦନ ବାର୍ତ୍ତା ଲେଖାଥିବା ଅବା ଆଖିକୁ ସୁନ୍ଦର ଦିଶୁଥିବା ଖଣ୍ଡେ କାଗଜ ନ ଥିଲା, ବରଂ ସେଥିରେ ଭରି ରହିଥିଲା ଅମାପ ସ୍ନେହ, ଶ୍ରଦ୍ଧା। ଆଉ ପୁଣି କେତେବେଳେ ତାହା ନିଜ ବନ୍ଧୁ, ପ୍ରିୟଜନ ଆଗରେ ବଖାଣୁଥିଲା ମାନ ଅଭିମାନର କଥା। ତେବେ ଆଜିର ଡିଜିଟାଲ୍ ଯୁଗରେ ଏହାର ଚାହିଦା ଯଦିଓ ହ୍ରାସ ପାଇଛି, ହେଲେ ତା’କୁ ନେଇ ପୁରୁଣା ଦିନର ଅନୁଭୂତି ଏବେବି ଅନେକଙ୍କ ମନରେ ଉଜ୍ଜୀବିତ ହୋଇ ରହିଛି...**




### ହିସାବ କରି କିଣାଯାଉଥିଲା କାର୍ଡ

**ଲିପ୍ସା ପଟେଲ୍** (ଲେଖିକା, ଭବାନୀପାଟଣା)– ଆମେ ସ୍କୁଲ, କଲେଜରେ ପଢ଼ିଲା ବେଳେ ନୂଆବର୍ଷ ଆସିଲେ ପ୍ରଥମେ କିଣା ହେଉଥିଲା ଗ୍ରୀଟିଂସ୍ କାର୍ଡ। ସେତେବେଳେ ପଚାଶ ପଇସାରେ ମିଳୁଥିଲା ପୋଷ୍ଟକାର୍ଡ ଗ୍ରୀଟିଂସ୍। ଆଜିକାଲି ସେମିତି କାର୍ଡ ମୁଁ ଆଉ ଦେଖୁନି। ସେଥିରେ ଗୋଟିଏ ପଟେ ଠାକୁରଙ୍କ ଅବା ହିରୋ ହିରୋଇନ୍‌ଙ୍କ ଫଟୋ ରହୁଥିଲା। ଅନ୍ୟ ପଟେ ଠିକଣା ଆଉ କିଛି ବାର୍ତ୍ତା ପାଇଁ ଜାଗା ରହୁଥିଲା। ଏହି ଖର୍ଚ୍ଚ ପାଇଁ ଘରେ ବେଶି ପଇସା ଦେଉ ନ ଥିଲେ। ତେଣୁ ସାଙ୍ଗମାନଙ୍କୁ ମନେପକାଇ ପକାଇ ହିସାବ କରି କିଣାଯାଉଥିଲା କାର୍ଡ। ସାର୍ ଓ ମାଡାମ୍‌ଙ୍କୁ ଦେବାଥିଲେ ଦୁଇଫାଳିଆ କାର୍ଡ କିଣୁଥିଲୁ, ନଚେତ୍ ପଚାଶ ପଇସାରେ ପୋଷ୍ଟକାର୍ଡ ଗ୍ରୀଟିଂସ୍ ଗଣି ଗଣି କିଣୁଥିଲୁ। ପଇସା ବଳିପଡିଲେ ଚକୋଲେଟ୍ ଖାଉଥିଲୁ।





ମୁଁ ସପ୍ତମ ଶ୍ରେଣୀରେ ପଢ଼ିଲା ବେଳର ଘଟଣା। ଆମର ଧାନକଟା ଛୁଟି ପାଇଁ ସ୍କୁଲ ବନ୍ଦ ଥିଲା। ତେଣୁ ପଡ଼ିଶାଘର ନାନୀ ସହ ପାଖ ଫ୍ୟାନ୍ସି ଷ୍ଟୋରକୁ ଯାଇ ପୋଷ୍ଟକାର୍ଡ ଗ୍ରୀଟିଂସ୍ କିଣି ଆଣିଥିଲି। ତା’କୁ ପଢ଼ା ଟେବୁଲରେ ରଖି ଦେଇ ଖେଳିବା ପାଇଁ ଚାଲିଗଲି। ଫେରି ଦେଖିଲି ସେଥିରୁ ଜୁହି ଚାୱଲାର କାର୍ଡ ନାହିଁ। ଯେହେତୁ ମୁଁ ମାମୁଘରେ ରହୁଥିଲି, ମାମୁଙ୍କ ପୁଅ ଟିକିଏ ଦୁଷ୍ଟ ବୋଲି ସେ ହିଁ ନେଇଯାଇଥିବ ଭାବି ତା’ସହ ଝଗଡ଼ା ଆରମ୍ଭ ହୋଇଗଲା। ସେ କିନ୍ତୁ ବାରମ୍ବାର କହୁଥାଏ, ମୁଁ ଦେଖିନି କି ନେଇନି। ଆଈ ମୋତେ ବୁଝାଉଥିଲା, ଆଉ ଗୋଟିଏ ସେମିତି ଫଟୋ ନେଇଆସିବୁ ହେଲେ ସେଇ ଫଟୋଥିବା ଗ୍ରୀଟିଂସ୍ ତ ଦୋକାନରେ ଗୋଟିଏ ହିଁ ଥିଲା। ସେଦିନ ରାତିରେ ମୁହଁ ଫୁଲେଇ ଅଖିଆ ଅପିଆ ଶୋଇପଡିଲି। ପରଦିନ ଥିଲା ନୂଆବର୍ଷ। ସକାଳୁ ନୂଆ ଡ୍ରେସ୍ ପିନ୍ଧି ସାଙ୍ଗମାନେ ସମସ୍ତେ ସମସ୍ତଙ୍କ ଘରକୁ ଗ୍ରୀଟିଂସ୍ ଦେବା ପାଇଁ ଯାଉଥିଲୁ। ସେଇ ଜୁହି ଚାୱଲାର ଗ୍ରୀଟିଂସ୍ ମୋ ବଉଳଙ୍କ ପାଇଁ କିଣିଥିଲି। ଯେହେତୁ ସେଇଟା ହଜିଗଲା, ତାଙ୍କୁ ଅନ୍ୟ କାର୍ଡଟିଏ ଦେଇଥିଲି। ମନ କିନ୍ତୁ ବୁଝୁନଥିଲା। ମୋ ଝାଉଁଳା ମୁହଁ ଦେଖି ଅଜା କହିଲେ, ଯା’ଦେଖିବୁ ମୋ ତକିଆ ତଳେ କ’ଣ ରଖିଦେଇଛି। ମୁଁ ଜାଣେ ସେ ତକିଆ ତଳେ ଟଫିବାର୍ ରଖନ୍ତି। ନିଜେ ବି ଖାଆନ୍ତି ଆଉ ଆମକୁ ବି ଦିଅନ୍ତି।

ମୁଁ ଥାଉ, ଥାଉ କହି ଆଡ଼େଇ ଦେଲାବେଳକୁ ସେ ଏକପ୍ରକାର ବାଧ୍ୟ କଲେ ଯାଇ ଦେଖିବା ପାଇଁ। ତକିଆ ଟେକି ଦେଖିଲା ବେଳକୁ ଆଶ୍ଚର୍ଯ୍ୟ ହୋଇଗଲି। ସେ ହାତଠାରି ପାଖକୁ ଡାକି କହିଲେ, ତୁ ଦୁଇଟାଯାକ ଟଫିବାର୍ ନେଇଯା, କିନ୍ତୁ ସେଇ ଫଟୋଟା ଥାଉ। ମୁଁ ଜୋରରେ ହସିଲି ଆଉ ମୋ ହସ ଶୁଣି ଆଈ ଆସି ପାଖରେ ଠିଆ। ଏବେ ନୂଆବର୍ଷ ଆରମ୍ଭରୁ ଅଜାଙ୍କ ଅବସ୍ଥା କ’ଣ ହେବ ମୁଁ ଜାଣିଥିଲି। ହସି ହସି ଜୋରରେ ଗାଉଥିଲି, ‘‘ଘୁଁଘଟ୍ କି ଆଡ୍ ସେ ଦିଲୱର୍ କା........।’’ ଆଈ ଦାନ୍ତ କଡ଼ମଡ଼ କରି ଅଜାଙ୍କୁ ଅନାଇ ରହିଥିଲା।

### ନିଜ ଫଟୋ ଦେଖି ଆଶ୍ଚର୍ଯ୍ୟ ହୋଇଗଲି

**ଏଲି ପାଢ଼ୀ** (ଅଭିନେତ୍ରୀ)– ନୂଆ ବର୍ଷ ଆସିଲେ ବେଶ୍ ଆନନ୍ଦ ଉଲ୍ଲାସ ଖେଳିଯାଏ ସବୁଆଡ଼େ। କେମିତି ଏହି ଦିନକୁ ମଜାଦାର କରିବୁ ତାକୁ ନେଇ ଆରମ୍ଭ ହୋଇଯାଏ ପ୍ଲାନିଂ। ଯଦିଓ ପ୍ରତିବର୍ଷ ପୂର୍ବାପେକ୍ଷା ଆହୁରି ନୂଆ ନୂଆ ଢଙ୍ଗରେ ସେଲିବ୍ରେଟ୍ କରୁଛୁ, ହେଲେ ପୁରୁଣା ଦିନର କିଛି ଅନୁଭୂତି ଏବେବି ଭୁଲିହଉନି। ଠିକ୍ ଯେମିତି ଗ୍ରୀଟିଂସ୍ କାର୍ଡ। ପିଲାବେଳେ ଏହାକୁ ନେଇ ଏକ ପାଗଳାମି ଭରି ରହିଥିଲା ମନରେ। ଡିସେମ୍ବର ମାସ ଆରମ୍ଭରୁ ମାର୍କେଟ୍‌ରୁ କଲରଫୁଲ୍ ପେପର୍, କଲର୍, ଜିଙ୍କ୍, ଲେସ୍ ଆଦି କିଣିଆଣେ। ସାଙ୍ଗସାଥୀ, ଟିଚର୍ସଙ୍କ ପାଇଁ ଭିନ୍ନ ଭିନ୍ନ ଡିଜାଇନ୍‌ର କାର୍ଡ ପ୍ରସ୍ତୁତି ଆରମ୍ଭ କରିଦିଏ। ପେଣ୍ଟିଂ କରିବା ସଉକ ଥିବାରୁ ମୋ ହାତ ତିଆରି କାର୍ଡକୁ ସାଙ୍ଗମାନେ ବି ବେଶ୍ ଖୁସିରେ ଅପେକ୍ଷା କରିରହିଥାନ୍ତି। ଆଉ ସେମାନେ ଯେତେବେଳେ ଏହାକୁ ପ୍ରଶଂସା କରନ୍ତି ଏବଂ ଘର କାନ୍ଥରେ ଲଗାଇଥିବା କଥା କୁହନ୍ତି ଖୁସିର ସୀମା ରହେନି। ନବମ ଶ୍ରେଣୀରେ ପଢୁଥିବା ବେଳର କଥା। ସେଦିନ ନୂଆବର୍ଷରେ ସବୁ ସାଙ୍ଗମାନଙ୍କୁ ନିଜ ହାତତିଆରି କାର୍ଡ ଦେଇ ନ୍ୟୁଇୟର ୱିଶ୍ ଜଣାଉଥାଏ ଏବଂ ସେମାନେ ମଧ୍ୟ ମୋତେ କିଣିଥିବା କିମ୍ବା ହାତ ତିଆରି କାର୍ଡ ଦେଉଥା’ନ୍ତି। ହେଲେ ଗୋଟିଏ କାର୍ଡ ଦେଖି ମୋର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ, କାରଣ ସେଥିରେ ଥିଲା ମୋ ଫଟୋ। ସେତେବେଳେ ଚାଇଲ୍ଡ ଆର୍ଟିଷ୍ଟ ଭାବେ ଏକ ସିରିଏଲ୍‌ରେ କାର୍ଯ୍ୟ କରୁଥାଏ, ଯାହାର ଫଟୋ ଥିଲା ସେ କାର୍ଡରେ । ସେ ସାଙ୍ଗଟି ତାହାକୁ ମାର୍କେଟ୍‌ରୁ କିଣିଥିଲା ଅବା ପ୍ରିଣ୍ଟ କରାଇଥିଲା ପଚାରିବାକୁ ଯଦିଓ ଭୁଲି ଯାଇଥିଲି, ହେଲେ ତା’ର ସେ କାର୍ଡଟି ମୋତେ ଯେଉଁ ଖୁସି ଦେଇଥିଲା ତାହା ଅବର୍ଣ୍ଣନୀୟ। ଏବେର ଜେନେରେଶନ୍ ସମସ୍ତେ ଫୋନ୍‌ରେ ଭର୍ଚୁଆଲି ନ୍ୟୁଇୟର ୱିଶ୍ ଜଣାଉଥିବାରୁ ଗ୍ରୀଟିଂସ୍ କାର୍ଡର ଚାହିଦା କମୁଛି।

### ଖୁସି ଦ୍ୱିଗୁଣିତ କରୁଥିଲା ସାର୍‌ଙ୍କ ପ୍ରଶଂସା

**ସ୍ୱୟଂ ପ୍ରଭାସ ପାଢ଼ୀ** (କଣ୍ଠଶିଳ୍ପୀ)– କାହା ପାଇଁ ଅବା ପ୍ରତୀକ୍ଷିତ ନୁହେଁ ନୂଆ ବର୍ଷ। ଭଲ ଭଲ ଆଇଟମ୍ ଖାଇବା, ନୂଆ ପିନ୍ଧିବାଠୁ ଆରମ୍ଭ କରି ବନ୍ଧୁ ପରିଜନ ଏବଂ ସାଙ୍ଗସାଥୀଙ୍କୁ ୱିଶ୍ ଜଣାଇବାର ମଜା ସତରେ ଆନନ୍ଦଦାୟକ। ହେଲେ ଏହି ମଜା ଆହୁରି ଅଧିକ ଥିଲା ପିଲାବେଳେ। କାରଣ ସେତେବେଳେ ମୋବାଇଲ୍ ଫୋନ୍‌ରେ ନୁହେଁ ବରଂ ନୂଆବର୍ଷର ବର୍ତ୍ତା ଦିଆଯାଉଥିଲା ଗ୍ରୀଟିଂସ୍ କାର୍ଡରେ। ଆଉ ମାର୍କେଟ୍‌ରେ ମିଳୁଥିବା ଭଳିକି ଭଳି କାର୍ଡରେ
‘ଗୋଲାପ ଗଛରେ ବହୁତ କଣ୍ଟା..
ମନେ ପକାଉଥା ଘଣ୍ଟାକୁ ଘଣ୍ଟା..’
ଭଳି ଛୋଟ ଛୋଟ ଢଗ ଲେଖି ସାଙ୍ଗମାନଙ୍କୁ ଦିଆଯାଉଥିଲା, ଯାହାକି ବେଶ୍ ଫନି ଲାଗୁଥିଲା। ତେବେ ଏ ସବୁ ଅପେକ୍ଷା ମତେ ବେଶି ଭଲ ଲାଗୁଥିଲା ହାତ ତିଆରି ଗ୍ରୀଟିଂସ୍ ଦେବାକୁ ତା’ ପୁଣି ସାର୍‌ଙ୍କୁ। କେବଳ ମୁଁ ନୁହେଁ, ପ୍ରାୟ ସବୁ ପିଲା ସାର୍‌ଙ୍କ ପାଇଁ ସୁନ୍ଦର ସୁନ୍ଦର କାର୍ଡ ଆଣୁଥିଲେ। ସାର୍‌ମାନଙ୍କୁ କିଏ କେତେ ଭଲ କାର୍ଡ ଦେଇ ଇମ୍ପ୍ରେସ୍ କରିବ ସେଥିପାଇଁ ପିଲାବେଳେ ଯେମିତି ଏକ ପ୍ରତିଯୋଗିତା ହେଉଥିଲା। ଆଉ ସାର୍ ଯେତେବେଳେ ମୋ ଗ୍ରୀଟିଂସ୍‌କୁ ପ୍ରଶଂସା କରୁଥିଲେ ଖୁସି ଦ୍ୱିଗୁଣିତ ହୋଇଯାଉଥିଲା।

– ପୌର୍ଣ୍ଣମାସୀ



ଲିପ୍ସା



ଏଲି



ସ୍ୱୟଂ ପ୍ରଭାସ

## ଏ ସପ୍ତାହର ପ୍ରଶ୍ନ

୧– ଗ୍ଲୋବାଲ୍ ଅବ୍‌ଜରଭେଟୋରି ଅନ୍ ଡୋନେଶନ୍ ଆଣ୍ଡ ଟ୍ରାନ୍ସପ୍ଲାଣ୍ଟେଶନ୍ ରିପୋର୍ଟ ମୁତାବକ ଅଙ୍ଗଦାନରେ ପୃଥିବୀରେ ଭାରତ..... ତମ ସ୍ଥାନରେ ରହିଛି ?
୨– ଆମ ଦେଶର........ ରାଜ୍ୟରେ ନିକଟରେ ଚେରି ବ୍ଲୋଜମ୍ ଫେଷ୍ଟିଭାଲ୍ ପାଳିତ ହୋଇଯାଇଛି ?
୩– ହଣ୍ଡୁରାସ୍ ଦେଶର ପ୍ରଥମ ମହିଳା ରାଷ୍ଟ୍ରପତି ଭାବେ ......... ନିଯୁକ୍ତି ପାଇଛନ୍ତି ?
୪– ଇଣ୍ଟରନ୍ୟାଶନାଲ୍ ଡେ’ ଅଫ୍ ବ୍ୟାଙ୍କ୍ସ ପ୍ରଥମ ଥର ପାଇଁ ........... ମସିହାରେ ପାଳିତ ହୋଇଥିଲା ?
୫– ଆମ ଦେଶର .......... ରାଜ୍ୟରେ ସର୍ବାଧିକ କୋଇଲା ଗଚ୍ଛିତ ହୋଇ ରହିଛି ?

## ଗତ ଥରର ଉତ୍ତର

୧ ନାସା
୨ ଦୁବାଇ
୩ କଏନ୍
୪ ହଂସ
୫ ଫର୍ମୁଲା ୧ ରେସ୍

## ଉତ୍ତରଦାତା



ଶେଖ୍ ୟାକୁବ୍, ଗୋପ



ସ୍ୱସ୍ତିକ ଷଡ଼ଙ୍ଗୀ, ବାଙ୍ଗାଲୋର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ସବୁଠୁ ବଡ଼ ୱାଟରପାର୍କ



୧– ସିଆମ୍ ପାର୍କ.................................. ଟେନେରାଇଫ୍, ସ୍ପେନ୍
୨– ୱାଟରବମ୍ ବାଲି.................................. କୁଟା, ଇଣ୍ଡୋନେସିଆ
୩– ବିଚ୍ ପାର୍କ.............................................. ଆକ୍ୱିରାଜ୍, ବ୍ରାଜିଲ୍
୪– ଥର୍ମାସ୍ ଡସ୍ ଲାରାଞ୍ଜାଇସ୍.............................. ଅଲିମ୍ପିଆ, ବ୍ରାଜିଲ୍
୫– ଡିଜ୍‌ନିସ୍ ଟାଇଫୁନ୍ ଲାଗୁନ୍ ୱାଟର ପାର୍କ..................ଅର୍ଲାଣ୍ଡୋ, ଫ୍ଲୋରିଡ଼ା
୬– ଆକ୍ୱାପାର୍କ ଇଷ୍ଟ୍ରାଲାଣ୍ଡିଆ.......................... ନୋଭିଗ୍ରାଡ୍, କ୍ରୋସିଆ
୭– ୱାଇଲ୍ଡ ୱାଡି ୱାଟରପାର୍କ........................................ ଦୁବାଇ
୮– ମାକାଡି ୱାଟର ୱାର୍ଲ୍ଡ.................................... ହର୍ଘାଡା, ଇଜିପ୍ଟ
୯– ଇକୋ ପାର୍କ ଆରାଇଆଲ୍ ଡି ଆଜୁଡା......... ପୋର୍ଟୋ ସେଗୁରୋ, ବ୍ରାଜିଲ୍
୧୦– ୱେଟ୍‌ସାଇଡ୍ ୱାଟରପାର୍କ...................... ହର୍‌ଭେ ବେ, ଅଷ୍ଟ୍ରେଲିଆ

ଯୁବ ପ୍ରତିଭା

## ଶ୍ରୋତାଙ୍କୁ ମତୁଆଲା କରେ ପ୍ରୟତାତ୍ମାଙ୍କ ସଙ୍ଗୀତ



ନିଜ କଣ୍ଠର ଯାଦୁକରି ସ୍ପର୍ଶରେ ଓଡ଼ିଶାର ଅଗଣିତ ଶ୍ରୋତାଙ୍କ ହୃଦୟରେ ଘର କରି ସଙ୍ଗୀତ ଦୁନିଆରେ ବର୍ତ୍ତମାନ ଖୁବ୍ ଚର୍ଚ୍ଚାର ପରିସରରେ ଅଛନ୍ତି ପ୍ରୟତାତ୍ମା ରଥ। ନୟାଗଡ଼ ଜିଲା ଅନ୍ତର୍ଗତ ଜ୍ୟୋତିର୍ବିଜ୍ଞାନୀ ପଠାଣି ସାମନ୍ତଙ୍କର ଜନ୍ମପୀଠ ତଥା ସାଧନାସ୍ଥଳୀ ଭାବରେ ପରିଚିତ ଖଣ୍ଡପଡ଼ା ଗ୍ରାମରେ ରହୁଥିବା ଅନସୂୟା ଏବଂ ଚଣ୍ଡୀ ଚରଣ ରଥଙ୍କର ସେ ଏକମାତ୍ର ପୁଅ। ପ୍ରୟତାତ୍ମା ଉତ୍କଳ ବିଶ୍ୱବିଦ୍ୟାଳୟରୁ ସଂସ୍କୃତ ସମ୍ମାନରେ ପ୍ରଥମ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଥିଲେ। ବର୍ତ୍ତମାନ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ କେ.ଜେ. ସୋମାୟା ମୁମ୍ବାଇ ପରିସରରେ ଶିକ୍ଷାଶାସ୍ତ୍ରୀ ଦ୍ୱିତୀୟ ବର୍ଷର ଛାତ୍ର ଭାବେ ଅଧ୍ୟୟନରତ ଅଛନ୍ତି। ପିଲାବେଳୁ ସଂସ୍କୃତ ଓ ସଙ୍ଗୀତ ପ୍ରତି ଅନୁରକ୍ତ ପ୍ରୟତାତ୍ମା ୪ର୍ଥଶ୍ରେଣୀରୁ ଗୁରୁ ଶ୍ରୀଯୁକ୍ତ ପ୍ରଭାତ କୁମାର ଦାଶଙ୍କଠାରୁ ଓଡ଼ିଶୀ ସଙ୍ଗୀତ ଶିକ୍ଷା କରି ପ୍ରାଚୀନ କଳାକେନ୍ଦ୍ର ଚଣ୍ଡୀଗଡ଼ ବିଶ୍ୱବିଦ୍ୟାଳୟରୁ ସଙ୍ଗୀତ ବିଶାରଦ ଉପାଧି ଲାଭ କରିଛନ୍ତି । ୨୦୧୦, ୨୦୧୧, ୨୦୧୪ ମସିହାରେ ସୁରଭି ସଙ୍ଗୀତ ପ୍ରତିଯୋଗିତାରେ ଜିଲାସ୍ତରରୁ ପ୍ରଥମ ସ୍ଥାନ ଅଧିକାର କରିବା ସହ ରାଜ୍ୟସ୍ତରରୁ ପୁରସ୍କୃତ ହୋଇଛନ୍ତି । ୨୦୧୩ ଓ ୨୦୧୯ ମସିହାରେ ଜ୍ୟୋତିର୍ବିଜ୍ଞାନୀ ପଠାଣି ସାମନ୍ତଙ୍କ ସନ୍ଦର୍ଭରେ ଶୋଧପ୍ରବନ୍ଧ ଲିଖନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ଭୁବନେଶ୍ୱର ଜୟଦେବ ଭବନଠାରେ ପଠାଣି ସାମନ୍ତ ସ୍ମୃତି ସମ୍ମାନରେ ମଧ୍ୟ ବିଭୂଷିତ ହୋଇଛନ୍ତି। ଓଡ଼ିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟସ୍ତରୀୟ ସାମନ୍ତ ଜୟନ୍ତୀ ଅବସରରେ ପଠାଣି ସାମନ୍ତ ମେମୋରିଆଲ୍ ପରିଷଦ ତରଫରୁ ୨୦୦୮–୨୦୧୨ ମସିହା ପର୍ଯ୍ୟନ୍ତ ‘ଶିଶୁପଣ୍ଡିତ’ ଉପାଧିରେ ମଧ୍ୟ ସମ୍ମାନିତ ହୋଇଛନ୍ତି। ଶ୍ଳୋକ ଗାୟନ, ବେଦ ପଠନ, ପ୍ରବନ୍ଧ ଲିଖନ ଓ ସଂସ୍କୃତ ଭାଷାରେ ଭାଷଣ ଦକ୍ଷତା ପାଇଁ ମଧ୍ୟ ସେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ ହୋଇଛନ୍ତି। ଡି.ଡି. ଓଡ଼ିଆ, ‘ସିନେକ୍ରିଟିକ୍ସ’, ‘ତାଲ୍ ମ୍ୟୁଜିକ୍’, ସମ୍ବର୍ଦ୍ଧନା ମ୍ୟୁଜିକ୍, ସ୍ୱାତିଲଗ୍ନା କ୍ରିଏସନ୍, ନମସ୍ତେ ୱାର୍ଲ୍ଡ, ମୁଁ ଓଡ଼ିଆ, ଆର୍.ପି.ଏଣ୍ଟରଟେନ୍‌ମେଣ୍ଟ, ଇଭେଣ୍ଟ ଓଡ଼ିଶା, ଓଡ଼ିଶା ଇ. ନ୍ୟୁଜ୍, ମଙ୍ଗଳ ଆଳତି ଆଦିରେ କଣ୍ଠଦାନ କରୁଛନ୍ତି । ରାଜ୍ୟସ୍ତରୀୟ କଳା ସମ୍ମାନ ମଧ୍ୟ ସେ ପାଇଛନ୍ତି । ଖଣ୍ଡପଡ଼ା ରାଜପରିବାର ପକ୍ଷରୁ ସାମନ୍ତ ଜୟନ୍ତୀ ଅବସରରେ ‘ବଘେଲ ସମ୍ମାନ’ରେ ମଧ୍ୟ ଭୂଷିତ ହୋଇଛନ୍ତି । ଜଣେ କଣ୍ଠଶିଳ୍ପୀ ଭାବରେ ଓଡ଼ିଶାର ବିଭିନ୍ନ ମଞ୍ଚରେ ଆଧୁନିକ ସଙ୍ଗୀତ ଗାଇ ଶ୍ରୋତା ମହଲରୁ ପ୍ରଶଂସିତ ଓ ପୁରସ୍କୃତ ହୋଇଥିବା ପ୍ରୟତାତ୍ମା ଭବିଷ୍ୟତରେ ଜଣେ ପ୍ରତିଷ୍ଠିତ କଣ୍ଠଶିଳ୍ପୀ ସହ ସଂସ୍କୃତ ଅଧ୍ୟାପକ ଭାବେ କାର୍ଯ୍ୟ କରିବାକୁ ଲକ୍ଷ୍ୟ ରଖିଛନ୍ତି।

– ଅଜୟ ମହାରଣା

ଜାଣନ୍ତୁ ଦୁନିଆ

# ନୂଆବର୍ଷ : କେଉଁଠି କେମିତି



**ଭିନ୍ନ ଭିନ୍ନ ସ୍ଥାନରେ, ଭିନ୍ନ ଭିନ୍ନ ପ୍ରକାରେ ପାଳନ କରାଯାଏ ନୂଆବର୍ଷ। କେଉଁଠି କେକ୍ କାଟି ତ ଆଉ କେଉଁଠି ଗ୍ରୀଟିଂସ୍ କାର୍ଡ଼ ପଠାଇ। ହେଲେ ଏମିତି କିଛି ସ୍ଥାନ ରହିଛି, ଯେଉଁଠି ଭିନ୍ନ ଢଙ୍ଗରେ ସ୍ୱାଗତ କରାଯାଏ ନୂଆବର୍ଷକୁ। ଜାଣନ୍ତୁ ସେପରି କିଛି ସ୍ଥାନ ସମ୍ପର୍କରେ...**

**ବ୍ରାଜିଲ୍ :** ଦକ୍ଷିଣ ଆମେରିକା ଦେଶ ଭାବେ ପରିଚିତ ବ୍ରାଜିଲ୍‌ରେ ନୂଆବର୍ଷକୁ ଭିନ୍ନ ଭାବେ ପାଳନ କରାଯାଏ। ଏଠାର ଲୋକମାନେ ସମୁଦ୍ରକୁ ଧଳା ଫୁଲ ଫିଙ୍ଗି ନୂଆବର୍ଷ ପାଳନ କରନ୍ତି। ସେମାନେ ବିଶ୍ୱାସ କରନ୍ତି ଯେ, ଧଳା ଫୁଲ ଫିଙ୍ଗିବା ଦ୍ୱାରା ସମୁଦ୍ରରେ ଥିବା ଜଳ ଦେବତା (ୟେମୋଜା) ଖୁସି ହୁଅନ୍ତି ଓ ଆଶୀର୍ବାଦ କରନ୍ତି ବର୍ଷଟି ଭଲରେ କଟିବା ପାଇଁ।

**ଗ୍ରୀସ୍ :** ପିଆଜ ଉପରେ ଏଠାକାର ଅଧିବାସୀମାନେ ସମ୍ପୂର୍ଣ୍ଣ ବିଶ୍ୱାସ କରନ୍ତି। ପିଆଜର ଅର୍ଥ ପୁନର୍ଜନ୍ମ। ଘରେ ପିଆଜ ଲଗାଇଲେ ଧନସମ୍ପତ୍ତି ବଢ଼ିଥାଏ ଏବଂ ସେଥିପାଇଁ ସେମାନେ ନୂଆବର୍ଷରେ ଘର ସାମ୍ନାରେ ପିଆଜର ମାଳ ଲଗାଇ ନୂଆବର୍ଷକୁ ସ୍ୱାଗତ କରନ୍ତି।

**ଜାପାନ :** ତୋଷିକୋଷି ସୋବା ବା ସୋବା ନୁଡୁଲ୍ସ ଏକ ପ୍ରକାର ଖାଦ୍ୟ, ଯାହାକୁ ଖାଇ ଜାପାନିଜ୍‌ମାନେ ନୂଆବର୍ଷକୁ ପାଳନ କରନ୍ତି। ସୋବା ନୁଡୁଲ୍ସ ବହୁତ ଲମ୍ବା ଓ ପତଳା ହୋଇଥିବାରୁ, ଏଠାକାର ଅଧିବାସୀମାନେ ଭାବନ୍ତି କି ନୂଆବର୍ଷରେ ଏହାକୁ ଖାଇଲେ ଆମେ ସୁସ୍ଥ ରହିବା ସହ ଦୀର୍ଘଜୀବୀ ହେବୁ।

**ରୁଷିଆ :** ନୂଆବର୍ଷରେ ରୁଷିଆର ଅଧିବାସୀମାନେ ୱାଇନ୍ ବା ମଦରେ ପାଉଁଶ ପକାଇ ପିଅନ୍ତି। ଏକ ପେପରରେ ସେମାନେ ନିଜର ୱିଶ୍ ଲେଖି କ୍ୟାଣ୍ଡେଲ୍‌ରେ ଜାଳିଥା’ନ୍ତି। ପରେ ସେ ପାଉଁଶକୁ ମଦରେ ପକାଇ ପିଇ ନୂଆବର୍ଷକୁ ସ୍ୱାଗତ କରନ୍ତି। ଏପରି କରିବା ଦ୍ୱାରା ସେମାନଙ୍କର ୱିଶ୍ ପୂରା ହୋଇଥାଏ ବୋଲି ସେମାନେ ବିଶ୍ୱାସ ରଖନ୍ତି।

**ଇସ୍ତୋନିଆ :** ନୂଆ ବର୍ଷଟି ସୁଖ ଶାନ୍ତିରେ କଟିବା ଲାଗି ଏଠାକାର ବାସିନ୍ଦାମାନେ ସାତ, ନ’ କିମ୍ବା ବାର ପ୍ରକାରର ଆଇଟମ୍ ନୂଆବର୍ଷରେ ଖାଇଥା’ନ୍ତି। କାରଣ ଏହି ସବୁ ନମ୍ବରକୁ ସେମାନେ ଲକି ନମ୍ବର ଭାବେ ମାନିଥାଆନ୍ତି।

**ତୁର୍କୀ :** ନୂଆବର୍ଷ ଆରମ୍ଭରୁ ଅର୍ଥାତ୍ ମଧ୍ୟରାତ୍ରରୁ ଏମାନେ ଘର ସାମ୍ନାରେ ଲୁଣ ଛିଞ୍ଚି ନୂଆବର୍ଷ ପାଳନ କରିବା ଆରମ୍ଭ କରିଦିଅନ୍ତି। ଏହା କରିବା ଦ୍ୱାରା ଘରେ ଧନସମ୍ପତ୍ତି ବଢ଼ିବା ସହ ସୁଖ, ଶାନ୍ତି, ଆନନ୍ଦରେ ବର୍ଷଟି ଅତିବାହିତ ହେବ ବୋଲି ସେମାନେ ଏପରି କରିଥା’ନ୍ତି।



ମନୁଷ୍ୟକୁ ଚେତନାର ଏକ ଉଚ୍ଚତର ସ୍ତରକୁ ଉଠିଯିବାକୁ ହେବ। ତା'ହେଲେ ଯାଇ ସେ ତା'ର ଅଜ୍ଞାନ ଭିତରୁ – ସଂକୀର୍ଣ୍ଣ ସୀମାର ଘେର ଭିତରୁ –ସ୍ୱାର୍ଥପରତା ଭିତରୁ ଏବଂ ଏପରି କି ତା'ର ଦୁଃଖ ଯନ୍ତ୍ରଣା ଭିତରୁ ମୁକ୍ତି ପାଇ ପାରିବ। –ଶ୍ରୀମା

# ଉଗ୍ର ଜାତୀୟତାବାଦ



ଆକାର ପଟେଲ

ଭାରତର କଶ୍ମୀରୀକରଣକୁ ନେଇ ଶିକ୍ଷାବିତ୍ ପ୍ରତାପ ଭାନୁ ମେହେଟ୍ଟା ଆମକୁ ସତର୍କ କରିଦେଇଛନ୍ତି। ତାଙ୍କ ମତରେ କଶ୍ମୀରରେ ସୁରକ୍ଷା ବଳ ଓ ସରକାରୀ ସଂସ୍ଥାଗୁଡ଼ିକ ସିଭିଲ ସୋସାଇଟି ଓ ବ୍ୟକ୍ତି ସ୍ୱାଧୀନତାକୁ ଅତ୍ୟଧିକ ନିୟନ୍ତ୍ରଣ କରୁଛନ୍ତି ଏବଂ ତାହା ଧୀରେ ଧୀରେ ଭାରତର ଅନ୍ୟ ରାଜ୍ୟକୁ ସମ୍ପ୍ରସାରିତ ହେଉଅଛି। ଆମେ ଯଦି ନିକଟ ଅତୀତକୁ ଲକ୍ଷ୍ୟ କରିବା ତେବେ ଜାଣିପାରିବା ମେହେଟ୍ଟାଙ୍କ ସତର୍କବାଣୀର ଯଥାର୍ଥତା ରହିଛି। କଶ୍ମୀରରେ ନିୟମିତ ଇଣ୍ଟର୍‌ନେଟ ସେବା ଅଚଳ କରାଯାଉଛି। ୨୦୨୦ରେ ସମ୍ପୂର୍ଣ୍ଣ ବର୍ଷଯାକ କଶ୍ମୀରବାସୀ ଇଣ୍ଟର୍‌ନେଟରୁ ବଞ୍ଚିତ ହୋଇଥିଲେ। ଏହି କାରଣରୁ ସେଠାରେ ଅନ୍‌ଲାଇନ ଶିକ୍ଷା ଓ ଟେଲି କମ୍ୟୁନିକେଶନ ମାଧ୍ୟମରେ କରାଯାଉଥିବା ଲୋକଙ୍କ ଡାଇଗ୍ନୋସିସ୍ ଏବଂ ଚିକିତ୍ସା ବନ୍ଦ ରହିଥିଲା। ଦେଖିବାକୁ ଗଲେ ୨୦୦୧ରେ କଶ୍ମୀରରେ ମୋବାଇଲ ଇଣ୍ଟର୍‌ନେଟ ତ ଦୂରର କଥା, ମୋବାଇଲ ଟେଲିଫୋନ୍ ସେବା ବି ନ ଥିଲା। ହେଲେ ସେତେବେଳେ ହିଂସା ଶୀର୍ଷରେ ପହଞ୍ଚିଥିଲା। ଭାରତ ସରକାର ଏହି ଯୁକ୍ତିକୁ ଆଧାରକରି କଶ୍ମୀରରେ କାମ କରୁନାହାନ୍ତି। ସମାଧାନର ବାଟ ନ ଖୋଜି ଇଣ୍ଟରନେଟ ବନ୍ଦ କରିଦେଲେ ଯେ ହିଂସା କମିବ ତାହାର ନିଶ୍ଚିତତା ନାହିଁ। ସିଂଘୁ ଓ ଟିକ୍ରି ସୀମାରେ ଯେଉଁ କୃଷକମାନେ ବସି ରହିଥିଲେ, ସେମାନଙ୍କୁ ଦିଲ୍ଲୀରେ ପ୍ରବେଶ କରିବାକୁ ଅନୁମତି ଦିଆଯାଇ ନ ଥିଲା ଓ ସେମାନଙ୍କ ଇଣ୍ଟରନେଟ ମଧ୍ୟ ବନ୍ଦ କରାଯାଇଥିଲା। କଶ୍ମୀର ପରେ ଦେଶର ଅନ୍ୟଠି ଏଭଳି କରିବାକୁ ହକ୍‌ଦାର ବୋଲି ସରକାର ଭାବୁଛନ୍ତି। ୨୦୧୪ ପରେ ସବୁଠୁ ଅଧିକ ଇଣ୍ଟର୍‌ନେଟ ସେବା ବନ୍ଦ କରି ନାଗରିକଙ୍କୁ ଏଥିରୁ ବଞ୍ଚିତ କରିବାରେ ଭାରତ ବିଶ୍ୱରେ ନିଜର ଏକ ପରିଚୟ ସାମ୍ନାକୁ ଆଣିଛି। ଏହା ହିଁ ହେଉଛି କଶ୍ମୀରୀକରଣ।

ସେହିଭଳି ୟୁଏପିଏ ଯାହା କେବଳ ଉଗ୍ରବାଦ ପାଇଁ କରାଯାଇଥିଲା ତାହା ଏବେ ସାଧାରଣତଃ ସରକାରଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ତଥା ଭିନ୍ନ ମତ ଦେଉଥିବା ଶିକ୍ଷାବିତ୍, କବି ଏବଂ ସାମ୍ବାଦିକଙ୍କ ସମେତ ଅନ୍ୟମାନଙ୍କ ବିରୋଧରେ ବ୍ୟବହାର କରାଯାଉଛି। ଉକ୍ତ ପ୍ରସଙ୍ଗରେ ଯେଭଳି କଶ୍ମୀରରେ ନ୍ୟାୟିକ ବ୍ୟବସ୍ଥା ବିଫଳ ହୋଇଛି ସେହିଭଳି ଭାରତର ଅନ୍ୟ ରାଜ୍ୟଗୁଡ଼ିକରେ ମଧ୍ୟ ବିଫଳ ହେବା ଲକ୍ଷ୍ୟ କରାଯାଉଛି। କଶ୍ମୀରୀକରଣ ସହ ଭାରତର ଗୁଜରାଟୀକରଣ ମଧ୍ୟ କରାଯାଉଛି। ଏହା ଅତୀତରେ କିଭଳି ପ୍ରକାଶ ପାଇଥିଲା ତାହା ଲକ୍ଷ୍ୟ କରିବା। ସ୍ୱାଧୀନତା ସଂଗ୍ରାମର ମୁଖ୍ୟ ୪ ଜଣ ନେତାଙ୍କ ମଧ୍ୟରୁ ଜିନ୍ନା, ପଟେଲ ଏବଂ ଗାନ୍ଧୀ ଥିଲେ ଗୁଜରାଟୀ। ପଟେଲଙ୍କୁ ଦୃଢ଼ ଓ କଠୋରମନା ନେତା ଭାବେ ଦେଖାଯାଏ। ଅନ୍ୟପଟେ ଜିନ୍ନା ଏବଂ ଗାନ୍ଧୀ ସମାଧାନକୁ ଗୁରୁତ୍ୱ ଦେଉଥିଲେ(ଭାରତ ବିଭାଜନକୁ ଛାଡ଼ିଦେଲେ ଅନ୍ୟ ସବୁଥିରେ ଏହା ଆମେ ଲକ୍ଷ୍ୟ କରିପାରିବା)। ପାକିସ୍ତାନର ସାମ୍ବାଦିକ ଖଲିଦ୍ ଅହମଦ ଗୁଜରାଟୀମାନଙ୍କର ଏହି ଦୃଷ୍ଟିକୋଣ ସମ୍ପର୍କରେ ଲେଖିଛନ୍ତି। ସେମାନଙ୍କ ବ୍ୟବସାୟିକ ଉତ୍ସ ସହ ସ୍ଥିତି ଅନୁସାରେ ପରିବର୍ତ୍ତନ କରିବା ପ୍ରବୃତ୍ତି ବା କୋହଳ ମନୋଭାବର ସମ୍ପର୍କକୁ ଦର୍ଶାଇଛନ୍ତି। ମୋଗଲ ଓ ଇଂରେଜ, ରୋମାନ୍ ଓ ଗ୍ରୀକ୍ ସମୟରୁ ଗୁଜରାଟ ବିଶ୍ୱରେ ବ୍ୟବସାୟିକ କାରବାର ବଢ଼ାଇ ଲାଭବାନ୍ ହୋଇଥିଲା। ଏହା ସତ୍ତ୍ୱେ ଗୁଜରାଟ ମଧ୍ୟ ଅଧିକ ରୂଢ଼ିବାଦୀ ଓ ସଙ୍କୀର୍ଣ୍ଣମନା ବା ଅନ୍ୟମାନଙ୍କ ବିଚାରାଧାର ଓ ସଂସ୍କୃତିକୁ ଗହଣ କରିବାକୁ ଆଗ୍ରହୀ ନୁହେଁ। ଏଣୁ କେତେଜଣଙ୍କ ଏଭଳି ମନୋଭାବ ସମ୍ପନ୍ନ ବ୍ୟକ୍ତିଙ୍କ ନିୟନ୍ତ୍ରଣରେ ଦିଲ୍ଲୀ ରହିଛି ଏବଂ ତାଙ୍କର ମନୋଭବକୁ ଅନ୍ୟ ଉପରେ ଲଦି ଦେଉଛନ୍ତି। ଗୁଜରାଟ ସଂସ୍କୃତି ସହ ନିବିଡ଼ିତା ଥିବା ଏବଂ ଅନ୍ୟ ସଂସ୍କୃତିଠାରୁ ନିଜ ସଂସ୍କୃତିକୁ ବଡ଼ ମନେକରୁଥିବା ପ୍ରଧାନମନ୍ତ୍ରୀଙ୍କ ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ କ୍ଷମତା ଯୋଗୁ ଏହା ହେଉଛି। ଆଜିର ଗୁଜରାଟୀକୃତ ଭାରତରେ ଆମେ ପୁଞ୍ଜିକୁ ସମ୍ମାନ ଦେଉଛୁ ଓ ଧନକୁ ନେଇ ଉତ୍ସବ ମନାଉଛୁ। ମହାମାରୀ ସମୟରେ ୨୩ କୋଟି ଭାରତୀୟ ଦାରିଦ୍ର୍ୟ ମଧ୍ୟକୁ ଠେଲି ହୋଇ ଯାଇଥିବାବେଳେ ଅତିଧନୀଙ୍କ ସଂଖ୍ୟା ଅତ୍ୟଧିକ ବୃଦ୍ଧିପାଇଛି। ନୂଆ ଧନୀଙ୍କ ପସିଦ୍ଧିକୁ ନେଇ ଉତ୍ସବ ପାଳନ କରାଯାଉଥିବାବେଳେ ଦରିଦ୍ରଙ୍କ ସଂଖ୍ୟା ପ୍ରତି ପ୍ରାୟତଃ ଧ୍ୟାନ ଦିଆଯାଉନାହିଁ।

୨୦୧୪ ପରେ ବିମୁଦ୍ରୀକରଣ କ୍ଷୁଦ୍ର ବ୍ୟବସାୟୀମାନଙ୍କ ବିପର୍ଯ୍ୟୟ ଘଟାଇଲା ଓ ସେମାନଙ୍କ ବିଜ୍‌ନେସ ଶେୟାରକୁ କର୍ପୋରେଟ ହସ୍ତୀମାନଙ୍କ ସଂଗଠିତ କ୍ଷେତ୍ରକୁ ପଠାଇ ଦିଆଗଲା। ଦ୍ରବ୍ୟ ଓ ସେବା ଟିକସ(ଜିଏସ୍‌ଟି)ର ଅତ୍ୟଧିକ ଜଟିଳ ଅନୁପାଳନୀୟ ପ୍ରକ୍ରିୟାର ଉଦ୍ଦେଶ୍ୟ ଥିଲା ଦ୍ରବ୍ୟ ଉତ୍ପାଦକ ଓ ବ୍ୟବସାୟୀଙ୍କ ବିଜ୍‌ନେସକୁ ବାହାରେ ରଖିବାକୁ ଏବଂ ଏଥିରେ ମଧ୍ୟ ତାହା ସଫଳ ହୋଇଛି। ୨୦୧୭ରେ ସୁରଟରେ ଓ ଅହମଦାବାଦରେ ଜିଏସ୍‌ଟି ବିରୋଧରେ ବ୍ୟବସାୟୀମାନେ କରିଥିବା ପ୍ରତିବାଦ ଓ ରାଲି ଉପରେ ମଧ୍ୟ ଆମମାନଙ୍କ ମଧ୍ୟରୁ ବାକିଲୋକ ଧ୍ୟାନ ଦେଲେ ନାହିଁ। କୃଷକମାନଙ୍କ ଭଳି ସେତେବେଳେ ବ୍ୟବସାୟୀମାନେ ଏହା ବିରୋଧରେ ଏକ ଦୀର୍ଘ ଲଢ଼େଇ କରି ଦାବି ଉପସ୍ଥାପନ କରିବା ପାଇଁ ଦୃଢ ଇଚ୍ଛାଶକ୍ତି କିମ୍ବା ସାମର୍ଥ୍ୟ ନ ଥିଲା। ଏହିଦୃଷ୍ଟିକୋଣରୁ କୃଷକମାନଙ୍କ ଆନ୍ଦୋଳନକୁ ଧନୀ ବ୍ୟବସାୟୀଙ୍କ ବିରୋଧରେ ଏକ ବଡ଼ ସଂଗ୍ରାମ ଭାବେ ଦେଖିବା ଉଚିତ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୃଷି ଆଇନଗୁଡ଼ିକ କୃଷକମାନଙ୍କ ପାଇଁ ଏବକାର ପ୍ରଚଳିତ ବ୍ୟବସ୍ଥାକୁ ଦୁର୍ବଳ କରି ଧନୀ କର୍ପୋରେଟଙ୍କ ସପକ୍ଷରେ ପରିବେଶ ସୃଷ୍ଟି କରିବା ଲାଗି ଉଦ୍ଦିଷ୍ଟ ଥିଲା। ଯାହାହେଉ କୃଷକମାନେ ଏହାକୁ ଲକ୍ଷ୍ୟ କରି ଲଢେଇ କରିବାକୁ ବାହାରି ଆସିଲେ। କେନ୍ଦ୍ର ସରକାର ତାଙ୍କ ଏକଛତ୍ରବାଦୀ କ୍ଷମତା ବଳରେ ସେମାନଙ୍କୁ ଦବାଇଦେବାକୁ ଚେଷ୍ଟା କଲେ। ଏହା ସରକାରଙ୍କ କଠୋର କୃଷକ ବିରୋଧୀ ମନୋଭାବକୁ ପ୍ରକାଶ ଗଲା ଏବଂ କୃଷକମାନେ ମଧ୍ୟ ସେମାନଙ୍କ ସାହସୀ ଭାବନକୁ ଦେଖାଇଦେଲେ। ବିବିଧତା ଉପରେ ଗୁଜରାଟୀଙ୍କ ଅସହିଷ୍ଣୁତା କଶ୍ମୀର ଓ ଉତ୍ତରପୂର୍ବାଞ୍ଚଳରେ ଦେଖାଦେଇଥିବା ଉଗ୍ରଜାତୀୟତାବାଦରେ ପ୍ରକାଶ ପାଇଛି। କଶ୍ମୀରବାସୀଙ୍କ ସ୍ୱର ଦବାଇ ଦେବାଲାଗି ବଳ ପ୍ରୟୋଗ କରାଯାଉଛି,ହିଂସାର ପଥ ଆପଣାଯାଉଛି। କଶ୍ମୀରୀକରଣ ଏବଂ ଗୁଜରାଟୀକରଣ ଧାରା ଦୁଇଟି ଦୀର୍ଘମିଆଦୀ ଏବଂ ଏହାର ମୂଳୋତ୍ପାଟନ କଷ୍ଟକର ହେବ। ଏହି କାରଣରୁ ସେମାନଙ୍କ ପ୍ରଭାବ ଆମ ଅର୍ଥବ୍ୟବସ୍ଥା ଏବଂ ଗଣତନ୍ତ୍ର, ସମାଜ ଏବଂ ଏପରିକି ଆମ ଜାତୀୟତାରେ ୨୦୧୪ ପରଠାରୁ ସଂକ୍ଷିପ୍ତ ଅବଧି ମଧ୍ୟରେ ଅତି ସ୍ପଷ୍ଟ ହୋଇଛି।

Email:aakar.patel@gmail.com

# ଏକ ଅଭିନବ ସଂକଳ୍ପ



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ପ୍ରତିବର୍ଷ ପରି ଏଥର ବି ଆଉ ଥରେ ନୂଆବର୍ଷ ଆସିଛି। ମହାକାଳର ଅନନ୍ତ ଅବଧି ମଧ୍ୟରେ ତଥା ପ୍ରକୃତିର ନିରନ୍ତର ପ୍ରବାହ ଭିତରେ ଦିନ, ମାସ ବା ବର୍ଷର ଗଣନା ମୂଲ୍ୟହୀନ ହେଲେ ହେଁ ମଣିଷର ବ୍ୟାବହାରିକ ମାପଦଣ୍ଡରେ ଗଲାବର୍ଷଟି ପୁରୁଣା ହୋଇ ଦୁଇଦିନ ତଳେ ଆମ କ୍ୟାଲେଣ୍ଡରରୁ ବିଦାୟ ନେଇଛି ଓ ତାହାର ସ୍ଥାନ ନେଇଛି ସଂଖ୍ୟାର ଏକକରେ ନାମିତ ନୂଆ ଏକ ବର୍ଷ, ଯାହାକୁ କେତେକ ଆଧୁନିକ ଲୋକେ ଶ୍ରଦ୍ଧାରେ ଡାକୁଛନ୍ତି 'ଟ୍ୱେଣ୍ଟି ଟ୍ୱେଣ୍ଟି ଟୁ'। ପ୍ରତିଥର ବର୍ଷଟିଏ ନୂଆ ହୋଇ ଆସେ ଓ ଦିନ କେଇଟା ମଧ୍ୟରେ ନିଜର ନୂତନତ୍ୱର ଆବରଣଟିକୁ ଫିଙ୍ଗି ଦେଇ ପୁରୁଣା ହୋଇ ଚାଲିଯାଏ। କିଏ ଜଣେ କହିଥିଲେ ପରା 'ଜୀବନ ଆଗକୁ ବଞ୍ଚାଯାଏ ସିନା, ପଛକୁ ଫେରି ଚାହିଁଲେ ଜୀବନକୁ ଭଲ ଭାବେ ବୁଝି ହୁଏ।' ସୁତରାଂ ଚାଲିଯାଇଥିବା ବର୍ଷଟି ସମ୍ପର୍କରେ ସମୀକ୍ଷା ଭିତରୁ ଯଦି ନୂଆବର୍ଷଟିକୁ ଆବାହନ କରାଯାଉଥାଆନ୍ତା, ତେବେ ଅଧିକ ଅର୍ଥପୂର୍ଣ୍ଣ ହୁଅନ୍ତା ନବବର୍ଷର ନବୀନତ୍ୱ। ପୁରୁଣା ବର୍ଷଟିରେ ଯାହା ଥିବାରୁ ବା ନ ଥିବାରୁ ବର୍ଷଟି ସୁଖପ୍ରଦ ହୋଇପାରି ନ ଥିଲା, ସେ ସମ୍ପର୍କରେ ମଣିଷ ସଚେତନ ହୁଅନ୍ତା ଓ ତଦନୁଯାୟୀ ନୂଆବର୍ଷଟିକୁ ନୂଆ ରୂପରେ ସଜାନ୍ତା ! ମାତ୍ର ଏମିତି କିଛି ହୁଏନା। 'ଗତସ୍ୟ ଶୋଚନା ନାସ୍ତି' ନ୍ୟାୟରେ ପୁରୁଣା ବର୍ଷଟିର ସ୍ମୃତି ରୋମନ୍ଥନ କରିବାକୁ ଏକ ଅର୍ଥହୀନ ବୃଥା କସରତ ବୋଲି ମନେ କରାଯାଇ ଅତୀତକୁ ଅଳିଆଗଦାରେ ଫିଙ୍ଗି ଦିଆଯାଏ ଓ ଆବାହନ କରାଯାଏ ନବକଳେବରଧାରୀ ନୂଆବର୍ଷର ଆଗମନକୁ!

ଏ ଆବାହନର ସ୍ୱରୂପ ବି ବିବିଧବର୍ଣ୍ଣା। ପୁରୁଣାବର୍ଷର ଶେଷ ସନ୍ଧ୍ୟାଟି ସଜ୍ଜିତ ହୋଇଥାଏ ବହୁବିଧ ଆଲୋକମାଳାରେ। ସେଇ ଈପ୍‌ସିତ 'ଶୂନ୍ୟ ଘଟିକା' ବା 'ଜିରୋ ଆୱାର'କୁ ପ୍ରତୀକ୍ଷା କରାଯାଏ ବିଭିନ୍ନ ବ୍ୟବସ୍ଥା ମଧ୍ୟରେ। ବଡ଼ ବଡ଼ ନଗରୀରେ ହୋଟେଲ ବା କ୍ଲବଗୁଡ଼ିକରେ ଜମିଯାଏ ନୃତ୍ୟଗୀତର ଆସର ତ ଛୋଟ ଛୋଟ ସହର ବା ଗାଁଗୁଡ଼ିକରେ ଭୋଜିଭାତର ଆଖଡ଼ା। ପୁରୁଣା ବର୍ଷଟିର ଅବଗଣନା ଆରମ୍ଭ ହୋଇଯାଏ ମିନିଟ୍ ଓ ସେକେଣ୍ଡର ଏକକରେ ଓ ସେଇ ବାଞ୍ଛିତ ଶୂନ୍ୟ ଘଟିକା ଅପସରିଯାଏ ଅତି ନୀରବରେ। ବାସ୍ ତା'ପରେ ବାଣ ରୋଶଣିରେ ନବବର୍ଷର ପ୍ରଥମ ମୁହୂର୍ତ୍ତଟି ଜନ୍ମନିଏ।

ମାତୃଗର୍ଭରୁ ଭୂମିଷ୍ଠ ହୋଇ ସଂସାରର ପ୍ରଥମ ଆଲୋକ ଦେଖୁଥିବା ନବଜାତକର ଲଲାଟରେ ଯେମିତି ଅଦୃଶ୍ୟ ଭାବେ ଅଙ୍କିତ ହୋଇଥାଏ ଷଠୀଦେବୀଙ୍କ ବରଦାନ, ସେମିତି ନବବର୍ଷଟିଏ ମହାକାଳ ଗର୍ଭରୁ ଜନ୍ମ ନେବା ପୂର୍ବରୁ ତାହା ବ୍ୟକ୍ତି ପାଇଁ, ଜାତି ପାଇଁ ବା ସମଗ୍ର ବିଶ୍ୱ ପାଇଁ କେମିତି ହେବ, ତାହାର ଏକ ରୂପରେଖ ଅନୁଚ୍ଚାରିତ ଭାବେ ତିଆରି ହୋଇ ସାରିଥାଏ ସେଇ ଅଦୃଷ୍ଟ ସ୍ରଷ୍ଟାଙ୍କ ଦ୍ୱାରା। ପୁରୁଣା ବର୍ଷର କଲୁଷ କାଳିମାକୁ କବର ଦେଇ ନୂଆବର୍ଷଟିକୁ ନୂଆ ରୂପରେ ଗଢ଼ିବା ପାଇଁ ବ୍ୟକ୍ତି ଭିତରେ ମୁଣ୍ଡ ଟେକେ ଏକ ଦୁର୍ବାର ଆତ୍ମପ୍ରତ୍ୟୟ। ସଂକଳ୍ପଚ୍ୟୁତି ହେବାର ଦୁର୍ବଳତା ବା ଶପଥ ଭଙ୍ଗକାରୀ ବିବଶତା ମଧ୍ୟରୁ ମୁକ୍ତ ହେବାକୁ ନିଜ ଭିତରେ ଏକ ପ୍ରତିବଦ୍ଧତା ସୃଷ୍ଟି କରାଯାଏ। ପୁଣି ଆଗାମୀ ବର୍ଷଟିର ପ୍ରତ୍ୟେକ ମୁହୂର୍ତ୍ତ ନିଜ ପାଇଁ ବା ଅତିବେଶିରେ ନିଜ ପରିବାର, ବନ୍ଧୁବର୍ଗ ବା ଆତ୍ମୀୟ ସ୍ୱଜନଙ୍କ ପାଇଁ ଶୁଭଙ୍କର ହେଉ ବୋଲି ନିଜ ଇଷ୍ଟଦେବଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା ପେସ୍ ହୁଏ।

ମଦ, ଗଞ୍ଜା ବା ଗୁଟ୍‌ଖା ଆଦି ପ୍ରାଣଘାତକ ବଦଭ୍ୟାସରୁ ନିଜକୁ ମୁକ୍ତ କରିବାକୁ ନୂଆବର୍ଷର ଅବ୍ୟବହିତ ପୂର୍ବରୁ ନିଶାଗ୍ରସ୍ତମାନେ ଶପଥ ନିଅନ୍ତି। ନିଜ ବିଶାଳ ବପୁକୁ ଚର୍ବିମୁକ୍ତ କରିବାକୁ ବାଇକ୍ ବଦଳରେ ସାଇକେଲରେ ଅଫିସ୍ ଯିବାକୁ ବା ନୈତିକତାର ଆହ୍ୱାନରେ ଅଫିସ୍ କାର୍ଯ୍ୟ କରି କେବେ କାହାଠାରୁ ଲାଞ୍ଚ ନ ନେବାକୁ ନୂଆବର୍ଷ ଆରମ୍ଭ ଦିନକୁ ଏକ ଲକ୍ଷ୍ମଣଗାର ଭାବେ ଗ୍ରହଣ କରି ବଜ୍ର ଶପଥଟିଏ ନେଇଥା'ନ୍ତି ସରକାରୀ କର୍ମଚାରୀ। ସେହିପରି ନୂଆବର୍ଷ ଆରମ୍ଭରୁ ଜୀବନର ଅବଶିଷ୍ଟ କାଳଯାଏ ମିଛ ନ କହିବାକୁ ନିଜ ପାଖରେ ପ୍ରତିଜ୍ଞାବଦ୍ଧ ହୋଇଥା'ନ୍ତି କେହି ଅଭ୍ୟାସଗତ ମିଥ୍ୟାବାଦୀ। ପୁଣି ପ୍ରତିଦିନ ପ୍ରଭାତରେ ଘଣ୍ଟାଏ ଚାଲିବା ଓ ଆଉ ଘଣ୍ଟାଏ ଯୋଗାଭ୍ୟାସ କରିବା ବା ଆମିଷ ପରିତ୍ୟାଗ କରି ନିରାମିଷ ବ୍ୟଞ୍ଜନ ସେବନ କରିବା ଭଳି ବହୁବିଧ ବ୍ୟାବହାରିକ ସଂକଳ୍ପମାନଙ୍କର ଜନ୍ମହୁଏ ଏଇ ନବବର୍ଷ ଜନ୍ମ ନେବାର କିଛିଦିନ ପୂର୍ବରୁ।

ଅଥଚ କେଡ଼େ କଥା ନ ହୁଅନ୍ତା, ଯଦି ଏଭଳି ସଂକଳ୍ପ ମଧ୍ୟରେ କେଇଟି କିଛିକାଳ ପାଇଁ ଜୀବନ୍ତ ରହନ୍ତା! ନବବର୍ଷର ସଂକଳ୍ପ ମଧ୍ୟରେ ପ୍ରତିଫଳିତ ହୁଅନ୍ତା ଆତ୍ମ ସଂଶୋଧନର ପ୍ରତିବଦ୍ଧତା। କେବଳ ଜଣେ ବ୍ୟକ୍ତିର ବ୍ୟକ୍ତିସତ୍ତା ନୁହେଁ, ବ୍ୟକ୍ତିର ସମଷ୍ଟିରୁ ଗଠିତ ସମାଜର ଚିତ୍ର ଓ ଚରିତ୍ରରୁ ଅପସରିଯାଆନ୍ତା ଆତ୍ମ ପ୍ରବଞ୍ଚନାର କଳୁଷତା। ପ୍ରତ୍ୟେକ ନୂଆବର୍ଷ ଆସନ୍ତା ବ୍ୟକ୍ତି ଚେତନାର ଶୁଦ୍ଧ ସ୍ୱରୂପ ନେଇ, ଏକ ସଂଶୋଧିତ ସଂସ୍କରଣ ହୋଇ, ଏକ ଅସୁସ୍ଥ ସମାଜର ସଞ୍ଜୀବନୀ ଶକ୍ତି ହୋଇ। ମାତ୍ର ବିଡ଼ମ୍ବନାର ବିଷୟ, ଏମିତି ହୁଏନାହିଁ। ମଦମାଂସ, ନାଚଗୀତ ବା ବାଣରୋଶଣିର ବର୍ଣ୍ଣାଢ଼୍ୟ ଉତ୍ସବ ମଧ୍ୟରେ ନବବର୍ଷର ସଂକଳ୍ପ ଅଳ୍ପାୟୁ ହୋଇ ମହାଶୂନ୍ୟରେ ମିଳାଇଯାଏ। ଏକ ଶୁଦ୍ଧ ଓ ସମୃଦ୍ଧ ଜୀବନ ପାଇଁ ନୂଆବର୍ଷର ସଂକଳ୍ପ କେବଳ ଆତ୍ମ ପ୍ରବଞ୍ଚନାର ପ୍ରହସନରେ ପରିଣତ ହୁଏ।

ତେବେ ନୂଆବର୍ଷର ଶପଥ ଓ ଶପଥଭଙ୍ଗ ମଧ୍ୟରେ ଲାଳିତ ହୋଇ ଆସୁଥିବା ନୂଆବର୍ଷ ଗତ ଦୁଇବର୍ଷ ହେଲା ଘାତକ ମହାମାରୀ କରୋନା କବଳରେ ପଡ଼ି ନିଜ ରଙ୍ଗ ହରାଇ ବସିଛି। ଚାରିଆଡ଼େ ଖାଲି ଭୟ, ଆତଙ୍କ ଓ ସତର୍କତା ପାଇଁ ସରକାରୀ ଅଙ୍କୁଶ। ମଣିଷର ସକଳ ଜ୍ଞାନବିଜ୍ଞାନକୁ ଗୋଟିଏ ଫୁତ୍କାରରେ ଉଡ଼ାଇ ଦେଇ ଗତ ଦୁଇବର୍ଷ ହେଲା ସମଗ୍ର ବିଶ୍ୱକୁ କବଳିତ କରି ରଖିଥିବା ଗୋଟିଏ ସାମାନ୍ୟ ଭୂତାଣୁ ପାଖରେ ମଣିଷ କେଡ଼େ ଅସହାୟ ସତେ! ଆନନ୍ଦ ଗୋଟାଇବାର ସ୍ୱାଧୀନତା ଆଜି ସଙ୍କୁଚିତ। ନୂଆବର୍ଷକୁ ନିଜ ଢଙ୍ଗରେ ଆବାହନ କରିବାର ସୁଯୋଗରୁ ମଣିଷ ଆଜି ବଞ୍ଚିତ।

ଏହି ଆଲେଖ୍ୟଟି ପ୍ରସ୍ତୁତ କରିବାର ଦୁଇଦିନ ପୂର୍ବରୁ ଯେତେବେଳେ ନୂଆବର୍ଷ ପାଳନ ଉପରେ ସରକାରୀ କଟକଣା ଖବରଟି ଟେଲିଭିଜନ ପରଦା ଉପରେ ପ୍ରସାରିତ ହେଉଥିଲା, ସେତେବେଳେ ଜଣେ ବନ୍ଧୁଙ୍କ ସହ ଆଳାପରତ ଥିଲା ଏ ଲେଖକ। ଟିଭିରୁ ଘୋଷଣା ଶୁଣି ବନ୍ଧୁଜଣକ ପ୍ରତିକ୍ରିୟା ପ୍ରକାଶ କଲେ, ''ଯାହା ହେଉ 'ଜିରୋ ଆୱାର ସେଲିବ୍ରେଶନ' ନାଁରେ କୋଟି କୋଟି ଟଙ୍କା ଅପବ୍ୟୟରୁ ରକ୍ଷା ପାଇଗଲା ମଣିଷ!'' ବନ୍ଧୁଙ୍କ କଥାରେ କଥା ଯୋଡ଼ି କହିଥିଲା ଏ ଲେଖକ, ''କେଉଁ ମଣିଷ ରକ୍ଷା ପାଇଗଲା ବୋଲି କହୁଛ ବନ୍ଧୁ? କିଛି ମଣିଷଙ୍କ ସହଜଲବ୍ଧ ଅର୍ଥର ଅପବ୍ୟୟକୁ ସିନା ରୋକାଯାଇପାରିଲା, ହେଲେ ଆଉ କିଛି ମଣିଷଙ୍କ ରୋଜଗାର ବୁଡ଼ିଗଲା, ଯେଉଁମାନେ ନୂଆବର୍ଷକୁ ସ୍ୱାଗତ କରିବା ଆଳରେ ଲୋକଙ୍କୁ ଖୁଆଇ, ପିଆଇ ଓ ନଚାଇ ଢେର୍ ରୋଜଗାର କରୁଥିଲେ। ସରକାରଙ୍କ ପାଣ୍ଠିକୁ ଆସୁଥିବା ଢେର ରାଜସ୍ୱ ବି ହାନି ହୋଇଗଲା।'' ଏଇ ପ୍ରସଙ୍ଗରେ ଦୁଇବନ୍ଧୁଙ୍କ ଆଲୋଚନା ଆଗକୁ ଗଡୁଥିଲାବେଳେ ତାହା ମଧ୍ୟକୁ ପଶି ଆସିଲେ ଦୁଇ ଭିନ୍ନ ଭିନ୍ନ ଚରିତ୍ର।

ପ୍ରଥମ ଚରିତ୍ର ଜଣେ ଅବସରପ୍ରାପ୍ତ ଅଧ୍ୟାପକ, ଯିଏ ଉଗ୍ର ଆଧୁନିକତା ଭିତରେ ବଞ୍ଚୁଥିବା ନିଜ ପୁଅବୋହୂଙ୍କ ଅନୁରୋଧ ଏଡ଼ାଇ ନ ପାରି ତିନିବର୍ଷ ତଳେ ସପରିବାର ଯାଇଥିଲେ ରାଜଧାନୀର ଏକ ପ୍ରସିଦ୍ଧ ହୋଟେଲକୁ। ଏମିତି ଏକ 'ଜିରୋ ଆୱାର' ଆସରରେ ଯୋଗ ଦେଇ ନୂଆବର୍ଷକୁ ସ୍ୱାଗତ କରିବାକୁ। ନାଚଗୀତ ଓ ଖିଆପିଆର ଏହି ରଙ୍ଗିନ୍ ଆସର ତାଙ୍କ ପାଇଁ ଆମୋଦଦାୟକ ହେଲା କି ନାହିଁ ବୋଲି ଜଣେ ବନ୍ଧୁଙ୍କ ପ୍ରଶ୍ନରେ ସେ ପ୍ରତିକ୍ରିୟା ପ୍ରକାଶ କରି ଯାହା କହିଥିଲେ, ତାହା ବେଶ୍ ପ୍ରଣିଧାନଯୋଗ୍ୟ। ସେ କହିଥିଲେ, ''ନିମ୍ନତମ ସଂସ୍କାରଠୁ ଦୂରେଇ ଯାଇ ଯେଉଁମାନେ ଯୌବନର ଜୟଗାନ କରିବାକୁ ଏମିତି ଆସରକୁ ବାଛନ୍ତି, ସେମାନଙ୍କର ଏକମାତ୍ର ଲକ୍ଷ୍ୟ ଥାଏ କିଛି ଖର୍ଚ୍ଚ ହୋଇପାରୁ ନ ଥିବା ଫୁଲାଏ ଅର୍ଥକୁ ଅକାତରେ ଉଡ଼ାଇ ଦେଇ ଆସିବା। ପୁରୁଣା ବର୍ଷକୁ ବିଦାୟ ଜଣାଇ ନୂଆବର୍ଷକୁ ଆବାହନ କରିବା କେବଳ ଏକ ବାହାନା ମାତ୍ର।''

ଦ୍ୱିତୀୟ ଚରିତ୍ର ବୃତ୍ତିରୁ ଅବସର ନେଇ ଏକ ଅଗ୍ରଣୀ ସମାଜସେବା ସଙ୍ଗଠନ ସହ ନିଜକୁ ସାମିଲ କରିଥିବା ଜଣେ ଡାକ୍ତରଙ୍କ ଅନୁଭବ ବେଶ ମାର୍ମିକ। ଡାକ୍ତରବାବୁ ଗତବର୍ଷ ପୁରୁଣା ଓ ନୂଆବର୍ଷର ସନ୍ଧିକ୍ଷଣକୁ ପାଳନ କରିଥିଲେ ରେଳଷ୍ଟେଶନରେ ଆଶ୍ରୟ ନେଇଥିବା ବୁଲା ଭିକାରିଙ୍କ ମେଳରେ। ନିଜ ନିଜର ଅଭିଶପ୍ତ ଦାରିଦ୍ର୍ୟ ସହ ଲଢ଼ି ଲଢ଼ି ତଥାପି ହାଲିଆ ହୋଇ ନ ଥିବା ସେଇ ଭିକାରିମାନେ ଯେତେବେଳେ ନିଜର ଛିଣ୍ଡା କନାର ସାହାଯ୍ୟ ନେଇ ହାଡ଼ଥରା ଜାଡ଼କୁ ସାମ୍ନା କରୁଥିଲେ, ସେତେବେଳେ ସେମାନଙ୍କ ଉପରେ ନୂଆ କମ୍ବଳ ଘୋଡ଼ାଇ ସେମାନଙ୍କ ଓଠରେ ହସ ଓ ଆଖିରେ ସୁସୁପ୍ତିର ନିଦ ଭରି ଦେଇଥିବାର ସେଇ ମୁଗ୍ଧ, ମହାର୍ଘ୍ୟ ଅନୁଭବ ସେଇ ନୂଆବର୍ଷର ଆଗମନକୁ ଅବଶିଷ୍ଟ ଅନ୍ୟ ନୂଆବର୍ଷର ଅନୁଭବଠାରୁ ବେଶ୍ ଭିନ୍ନ କରି ଗଢ଼ି ତୋଳିଥିଲା। ଏମିତି ସିନା ହୁଅନ୍ତା, ନୂଆବର୍ଷର ସଂକଳ୍ପ ଉପଭୋଗର ଆସର ନ ହୋଇ ଆତ୍ମାର ଆହ୍ୱାନ ହୁଅନ୍ତା। ନିଜର ସୁଖ ସ୍ୱାଚ୍ଛନ୍ଦ୍ୟ ବାହାରେ ଅନ୍ୟ କାହା ପାଇଁ ସୁଖ ସାଉଁଟିବାରେ ଉଦ୍‌ବେଳନ ସୃଷ୍ଟି କରନ୍ତା ମନ ଓ ହୃଦୟର ବ୍ୟାକୁଳତା। ଏମିତି ହୁଅନ୍ତା, ନବବର୍ଷର ଅବ୍ୟବହିତ ପୂର୍ବରୁ ନିଜ ସହ ମୂଳଚାଲ କରି ଏକ ନିର୍ଦ୍ଦିଷ୍ଟ ସଂକଳ୍ପର ସ୍କେଚ୍ ତିଆରି ହୁଅନ୍ତା। ଯେମିତି କି 'ମୁଁ ଏ ବର୍ଷ ବାରମାସରେ ବାରଟି ବୃକ୍ଷରୋପଣ କରିବି ଓ ବଡ଼ ହେବା ଯାଏ ସେଗୁଡ଼ିକର ରକ୍ଷଣାବେକ୍ଷଣ କରିବି' କିମ୍ବା 'ମୁଁ ଏଇ ବର୍ଷଟି ମଧ୍ୟରେ ଦୁଇଥର ରକ୍ତଦାନ କରିବି' ଅବା 'ଜଣେ ଦରିଦ୍ର ଛାତ୍ରର ପଢ଼ାଖର୍ଚ୍ଚ ବହନ କରିବି'। କିଛି ନ ହେଲେ ନିଜ ଭିତରେ ମୁଣ୍ଡ ଟେକନ୍ତା ଏକ ଅଭିନବ ସଂକଳ୍ପ 'ମାସର ସବୁଦିନ ନିଜ ବା ନିଜ ପରିବାର ପାଇଁ ବଞ୍ଚି କେବଳ ଗୋଟିଏ ଦିନ କେହି ଦୁଃସ୍ଥ, ଦରିଦ୍ର ଅବା ଅସହାୟ ଲୋକର ସେବାପାଇଁ ସମର୍ପିତ ହେବି'। ଏମିତି ହେଲେ କୌଣସି ନୂଆବର୍ଷ ଆଉ କେବେ ବି ପୁରୁଣା ହୁଅନ୍ତା ନାହିଁ। ସଂକଳ୍ପର ପ୍ରତିବଦ୍ଧତା ମଧ୍ୟରେ ପ୍ରତିବିମ୍ବିତ ହୁଅନ୍ତା ଏକ ସଫଳ ଜୀବନର ପ୍ରାଣମୟ ପ୍ରତିବେଦନ। ଆତ୍ମଚେତନାର ଉତ୍ତରଣ ଭଳି ଏକ ମହତ୍ତର ଉପଲବ୍ଧି ମଧ୍ୟରେ ନିନାଦିତ ହୁଅନ୍ତା ସାର୍ଥକ ଜୀବନର ଓଁକାର ଉଚ୍ଚାରଣ!

ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର
ଚକେଇସିହାଣି, ଭୁବନେଶ୍ୱର–୧୦
ମୋ: ୮୮୯୫୬୨୪୧୦୫

# ସୃଜନ ସ୍ଥପତି

ବ୍ୟକ୍ତିତ୍ୱ



ନମିତା ଗୋଖ୍‌ଲେ

ଭାରତୀୟ ସମାଜରେ ଏକ ପୁରୁଣା ଚିନ୍ତାଧାରା ଭାବେ ମହିଳାମାନେ ପୁରୁଷଙ୍କ ଉପରେ ପ୍ରାୟତଃ ନିର୍ଭର କରିଆସିଥିବା କୁହାଯାଉଛି। ସେଥିପାଇଁ କଥାକଥାକେ 'ପୁରୁଷକୈନ୍ଦ୍ରିକ' ସମାଜ ଭଳି ଶବ୍ଦ ବ୍ୟବହାର କରାଯାଇଥାଏ। କିନ୍ତୁ ଔପନ୍ୟାସିକା ନମିତା ଗୋଖଲେ ତାଙ୍କ ଇଂଲିଶ ଉପନ୍ୟାସ 'ଥିଙ୍ଗ୍‌ସ ଟୁ ଲିଭ୍ ବିହାଇଣ୍ଡ୍' ବା ପଛରେ ଛାଡ଼ି ଦେଇଥିବା ଜିନିଷ (ଘଟଣା) ମାଧ୍ୟମରେ ମହିଳାମାନଙ୍କୁ କିଭଳି ଏକ ଛାୟା ଆକୃତି ମଧ୍ୟରେ ରଖାଯାଇଆସିଛି ଓ ତାହା ଦ୍ୱାରା ସେମାନଙ୍କ ଶକ୍ତିକୁ ହ୍ରାସ କରିଦିଆଯାଇଛି, ତା'ର ନିଖୁଣ ବର୍ଣ୍ଣନା କରିଛନ୍ତି। ନିଜ ଆଇମା'ଙ୍କ ନିକଟରୁ ଶୁଣିଥିବା କାହାଣୀକୁ ଆଧାର କରି ନମିତା ଉତ୍ତରାଖଣ୍ଡର କୁମାଓନି ଅଞ୍ଚଳର ମହିଳାଙ୍କ ଜୀବନକୁ ଅନୁଧ୍ୟାନ କରିଥିଲେ। ଏଥିରେ ସେ ଦେଖାଇଛନ୍ତି କିଭଳି ମହିଳାମାନେ ପୁରୁଷଙ୍କ ଉପରେ ନିର୍ଭର କରିବାରୁ ନିର୍ଯାତନା ସହିବାକୁ ପଡ଼ିଛି। କିନ୍ତୁ ମହିଳାଙ୍କ ଶକ୍ତିକୁ ଯେଉଁ ପୁରୁଷ ମାପି ପାରିଛନ୍ତି ସେହିମାନଙ୍କୁ ଉଚ୍ଚ ସ୍ଥାନ ଦେଇଛନ୍ତି। ଏହିଭଳି ପଛରେ ଛାଡ଼ି ଦିଆଯାଉଥିବା ଚିନ୍ତାଧାରାରେ ପରିବର୍ତ୍ତନ ଆସିଲେ ଏକ ଭିନ୍ନତା ଲକ୍ଷ୍ୟ କରାଯାଇପାରିବ ବୋଲି ଔପନ୍ୟାସିକା କହିଛନ୍ତି। ୨୦୨୧ ବର୍ଷ ଲାଗି ତାଙ୍କ ଉପନ୍ୟାସ 'ଥିଙ୍ଗ୍‌ସ ଟୁ ଲିଭ୍ ବିହାଇଣ୍ଡ୍' କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଗି ମନୋନୀତ ହେବା ପରେ ତାଙ୍କ ବ୍ୟକ୍ତିତ୍ୱ ଚର୍ଚ୍ଚାକୁ ଆସିଛି।

ନମିତା ୧୯୫୬ରେ ଉତ୍ତରପ୍ରଦେଶର ଲକ୍ଷ୍ନୌଠାରେ ଜନ୍ମଗ୍ରହଣ କରିଥିଲେ। କିନ୍ତୁ ଉତ୍ତରାଖଣ୍ଡର ନୈନିତାଲରେ ଆଇମା' ଶକୁନ୍ତଳା ପାଣ୍ଡେଙ୍କ ପାଖରେ ବଢ଼ିଥିଲେ। ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଅଧୀନ ଜେସସ୍ ଆଣ୍ଡ୍ ମେରୀ କଲେଜରୁ ଇଂଲିଶ ସାହିତ୍ୟରେ ଡିଗ୍ରୀ ଅର୍ଜନ କରିଥିଲେ। ତେବେ ମାତ୍ର ୧୮ ବର୍ଷ ବୟସରେ ରାଜୀବ ଗୋଖଲେଙ୍କୁ ବିବାହ କରିଥିଲେ। ସେ ଯେତେବେଳେ ଛାତ୍ରୀ ଥିଲେ ସେତିକିବେଳେ ତାଙ୍କର ଦୁଇ କନ୍ୟା ଜନ୍ମ ହୋଇସାରିଥିଲେ। ୪୦ ବର୍ଷ ବୟସ ହୋଇଥିବା ବେଳେ ତାଙ୍କୁ କର୍କଟ ରୋଗ ହୋଇଥିଲା। ପରବର୍ତ୍ତୀ ସମୟରେ ସେ ସେଥିରୁ ଆରୋଗ୍ୟ ଲାଭ କରିଥିଲେ ହେଁ ଅଚାନକ ସ୍ୱାମୀଙ୍କୁ ହରାଇଥିଲେ। ଦୁଇ ଝିଅଙ୍କୁ ନେଇ ତାଙ୍କ ଜୀବନ ଗତିଶୀଳ ହୋଇଥିଲା। ଦୁଃଖରେ ଭାଙ୍ଗି ନ ପଡ଼ି ସେ ସାହିତ୍ୟରେ ବଞ୍ଚିବାକୁ ଚେଷ୍ଟା କରିଥିଲେ। ଲେଖାଲେଖି ମାଧ୍ୟମରେ ମଣିଷ ନୂଆ ଜୀବନକୁ ଆବିଷ୍କାର କରିପାରିବ ବୋଲି ସେ ପ୍ରମାଣ କରିବାକୁ ଚେଷ୍ଟା କରି ସେଥିରେ ସଫଳ ହୋଇଛନ୍ତି। ଅବଶ୍ୟ ତାଙ୍କ ଲେଖକୀୟ ପ୍ରତିଭା ୧୭ ବର୍ଷ ବୟସରୁ ପ୍ରସ୍ଫୁଟିତ ହୋଇଥିଲା। ସେତେବେଳେ ସେ ଗତ ଶତାବ୍ଦୀର ୭୦ ଦଶକର ଫିଲ୍ମର ସମୀକ୍ଷା ଲାଗି 'ସୁପର' ନାମକ ପତ୍ରିକାର ସମ୍ପାଦନା ଓ ପରିଚାଳନା ଦାୟିତ୍ୱ ନେଇଥିଲେ। ଏହା ୭ ବର୍ଷ ପ୍ରକାଶ ପାଇବା ପରେ ବନ୍ଦ ହୋଇଯାଇଥିଲା। ତଥାପି ତାହା ସିନେମା ସମୀକ୍ଷା କ୍ଷେତ୍ରକୁ ଏକ ନୂଆ ଦିଶା ଦେଖାଇଥିଲା। ଅନ୍ୟପକ୍ଷରେ ପତ୍ରିକା ବନ୍ଦ ହେବା ତାଙ୍କୁ ମୌଳିକ ରଚନା ଆଡ଼କୁ ଟାଣି ନେଇଥିଲା। ସେ କ୍ଷୁଦ୍ରଗଳ୍ପ ଓ ଉପନ୍ୟାସ ଲେଖିବା ଆରମ୍ଭ କରିଦେଇଥିଲେ। କେବଳ ସେତିକି ନୁହେଁ, ସାହିତ୍ୟ ସଂକ୍ରାନ୍ତ ବିଷୟବସ୍ତୁକୁ ଦର୍ଶକଙ୍କ ନିକଟରେ ଉପସ୍ଥାପନା କରିବା ଲାଗି ଟେଲିଭିଜନରେ ନୂଆ ପରୀକ୍ଷଣ ଆରମ୍ଭ କରିଥିଲେ। ଦୂରଦର୍ଶନରେ 'କିତାବନାମା: ବୁକ୍ସ ଆଣ୍ଡ୍ ବିୟଣ୍ଡ୍' ନାମରେ ଏକଶହ ଏପିସୋଡ୍ ପ୍ରସ୍ତୁତ କରି ବହୁଭାଷୀ ପୁସ୍ତକ ପ୍ରଦର୍ଶନର ନିଜେ ଏକ ମଞ୍ଚ ପାଲଟିଯାଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଭାଷାର ଲେଖକଙ୍କୁ ଏଥିରେ ବସାଇ ସାହିତ୍ୟର ବିଭିନ୍ନ ବିଭବକୁ ସମୃଦ୍ଧ କରିବାରେ ସହାୟକ ହୋଇଥିଲେ। ପରବର୍ତ୍ତୀ ସମୟରେ ସାହିତ୍ୟ ଉତ୍ସବ ଯାତ୍ରାରେ ଆଉ ଏକ ଫର୍ଦ୍ଦ ଯୋଡ଼ିବାକୁ ଯାଇ ସେ ଆୟୋଜନ କରିଥିଲେ 'ଜୟପୁର ଲିଟରେଚର ଫେଷ୍ଟିଭାଲ'। ତାହା ଦେଶ ବିଦେଶର ଲେଖକଙ୍କୁ ଆକୃଷ୍ଟ କରିଥିଲା। ତାଙ୍କ ଆୟୋଜନର କଳା ଓ ସାହିତ୍ୟ ସମୀକ୍ଷା ଭୁଟାନର ସାହିତ୍ୟ ମହୋତ୍ସବ 'ମାଉଣ୍ଟେନ୍ ଇକୋଜ୍'ର ଆୟୋଜକଙ୍କୁ ମଧ୍ୟ ପ୍ରଭାବିତ କରିଥିଲା। ଫଳରେ ନମିତାଙ୍କୁ ସମ୍ମାନର ସହିତ ଏହି ମହୋତ୍ସବରେ ଉପଦେଷ୍ଟା ଆସନ ଦେଇଥିଲା। ଏଥିସହିତ ସେ ଦେଶ ବିଦେଶର ବିଭିନ୍ନ ଇଂଲିଶ ପତ୍ରପତ୍ରିକାରେ ସାହିତ୍ୟ ସ୍ତମ୍ଭ ଲେଖି ଅନେକ ପାଠିକାପାଠକ ସୃଷ୍ଟି କରିପାରିଛନ୍ତି। କମ୍ ବୟସରେ ସ୍ୱାମୀଙ୍କୁ ହରାଇଥିବା ନମିତା ଦୁଇ ପିଲାଙ୍କୁ ବଡ଼ କରିବା ସହ ଅଧ୍ୟବସାୟ ବଳରେ ସୃଜନର ଶୀର୍ଷରେ ପହଞ୍ଚିବା ଆଜି ତାଙ୍କୁ ଅନ୍ୟମାନଙ୍କ ପାଇଁ ଉଦାହରଣୀୟ ସ୍ତରରେ ନେଇ ବସାଇ ଦେଇଛି।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଗୋଟିଏ ଗାଁରେ ୩୫ ବର୍ଷ ଧରି ରହି ଖୁବ୍ କମ୍ ଫି' ରେ ରୋଗୀ ସେବା କରୁଛନ୍ତି ବିହାରର ଡା. ରାମନନ୍ଦନ ସିଂ। ଶୋଖପୁର ଜିଲା ବରବିଘା ଗାଁରେ ରୁହନ୍ତି ଡା. ସିଂ। ତାଙ୍କ ବୟସ ୬୮। ଚିକିତ୍ସା ପାଇଁ ଆଖପାଖ ଜିଲାରୁ ତାଙ୍କ ପାଖକୁ ରୋଗୀ ଆସୁଛନ୍ତି। କେବଳ କମ୍ ଫି ପାଇଁ ନୁହେଁ, ବରଂ ତାଙ୍କ ଉପରେ ଲୋକମାନଙ୍କର ବିଶ୍ୱାସ ରହିଥିବାରୁ ଏହା ହୋଇପାରିଛି। ସେ ପ୍ରଥମେ ୫ ଟଙ୍କା ନେଉଥିଲେ ଓ କିଛି ବର୍ଷରେ ୫୦ ଟଙ୍କା ନେବା ଆରମ୍ଭ କରିଥିଲେ। ସେ ଯେଉଁ ଫି' ନେଉଛନ୍ତି ତାହାକୁ ନିଜ କାମରେ ନ ଲଗାଇ ରୋଗୀ ସେବାରେ ନିଯୁକ୍ତ ୧୫ ଜଣ ଷ୍ଟାଫ୍‌ଙ୍କ ପରିବାର ଚଳାଇବା ଲାଗି ସେମାନଙ୍କୁ ଦେଉଛନ୍ତି। ବଡ଼ କଥା ହେଉଛି ଡା.ସିଂ ନିଜ ପରିବାର ସହ ଚାଷ ଉପରେ ନିର୍ଭର କରୁଛନ୍ତି ଓ ସେଥିରେ ପରିବାରର ସବୁ ଖର୍ଚ୍ଚ ତୁଲାଉଛନ୍ତି। ସେ ସକାଳ ୮ରୁ ରାତି ୮ଟା ଯାଏ ରୋଗୀ ସେବା କରୁଛନ୍ତି। ୫୦ ଟଙ୍କା ଫି' ବଡ଼ କଥା ନୁହେଁ, ଲୋକମାନେ ବାହାର ଜିଲାରୁ ୩୦୦ ଟଙ୍କା ଖର୍ଚ୍ଚ କରି ତାଙ୍କ ପାଖକୁ ଆସୁଛନ୍ତି କେବଳ ବିଶ୍ୱାସ ଯୋଗୁ। ସେ ବିଭିନ୍ନ ଗାଁରେ ମଧ୍ୟ ମେଡିକାଲ କ୍ୟାମ୍ପ୍ ଆୟୋଜନ କରୁଛନ୍ତି। ଭୟଙ୍କର କରୋନା ସମୟରେ ବି ଭୟ ନ କରି ସେ ଲୋକମାନଙ୍କ ଚିକିତ୍ସା କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨ ଜାନୁୟାରୀ ୧୯୯୭

- ୱେଷ୍ଟବ୍ୟାଙ୍କର ହେବ୍ରନ ସହର ଉପରେ ନିୟନ୍ତ୍ରଣ ନେଇ ଇସ୍ରାଏଲ ପ୍ରଧାନମନ୍ତ୍ରୀ ଜେନୟାମିନ ନେତନ୍ୟାହୁ ଓ ପାଲେଷ୍ଟାଇନ ରାଷ୍ଟ୍ରପତି ୟାସେର ଆରାଫତ୍‌ଙ୍କ ମଧ୍ୟରେ ଐତିହାସିକ ଚୁକ୍ତି ସ୍ୱାକ୍ଷରିତ।
- କେନ୍ଦ୍ରର ପୂର୍ବତନ ବାଣିଜ୍ୟ ସଚିବ ତେଜିନ୍ଦର ଖାନ୍ନା ଦିଲ୍ଲୀର ଉପରାଜ୍ୟପାଳ ନିଯୁକ୍ତ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 7 | | 8 | | 4 | | |
| | | | 5 | 9 | | | | 6 |
| 9 | 8 | | 6 | 1 | | | | |
| | | 4 | | 3 | | | | |
| 3 | | | | 7 | | 9 | | |
| | | 2 | | | 8 | | 1 | |
| 2 | | 8 | | | | 1 | | |
| | | | | | | 7 | | 5 |
| | | | | 5 | | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 6 | 7 | 2 | 3 | 1 | 9 | 5 | 8 |
| 2 | 1 | 9 | 8 | 7 | 5 | 3 | 4 | 6 |
| 8 | 5 | 3 | 9 | 6 | 4 | 1 | 2 | 7 |
| 1 | 9 | 5 | 7 | 2 | 8 | 6 | 3 | 4 |
| 3 | 7 | 4 | 6 | 5 | 9 | 8 | 1 | 2 |
| 6 | 2 | 8 | 1 | 4 | 3 | 5 | 7 | 9 |
| 5 | 4 | 6 | 3 | 9 | 7 | 2 | 8 | 1 |
| 7 | 8 | 2 | 5 | 1 | 6 | 4 | 9 | 3 |
| 9 | 3 | 1 | 4 | 8 | 2 | 7 | 6 | 5 |

ଗତ କାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

### ଶିକ୍ଷାନୁଷ୍ଠାନ, ପାର୍କକୁ ପ୍ଲାଷ୍ଟିକ ମୁକ୍ତ କରାଯାଉ

ମହାଶୟ,

ଶିକ୍ଷାନୁଷ୍ଠାନ, ପାର୍କଗୁଡ଼ିକରେ ପ୍ଲାଷ୍ଟିକ ଓ ପଲିଥିନ୍ ସାମଗ୍ରୀ ଆଣିବାକୁ ବାରଣ କରାଯିବା ଉଚିତ୍। ଛାତ୍ରୀଛାତ୍ରମାନେ ପ୍ଲାଷ୍ଟିକ ପରିବର୍ତ୍ତେ ଷ୍ଟିଲ ଓ କାଚ ବୋତଲରେ ପାଣି ବ୍ୟବହାର କରିବା ପାଇଁ ବାଧ୍ୟ କରାଯାଉ। କିଛି ଦିନ ବାଧ୍ୟତାମୂଳକ କରାଗଲେ ଛାତ୍ରୀଛାତ୍ର ଓ କର୍ମଚାରୀମାନଙ୍କ ଅଭ୍ୟାସ ହୋଇଯିବ। କେବଳ ଆଇନ କରିଦେଲେ ଜନସାଧାରଣ ଆପେ ଆପେ ମାନିଯିବେ ନାହିଁ। ଅତୀତରେ ୨/୩ ଚକିଆ ଯାନ ଚଳାଇବାକୁ ଗାଡ଼ିଚାଳନା ପ୍ରମାଣପତ୍ର ଓ ଆନୁସଙ୍ଗିକ କାଗଜପତ୍ର ଆବଶ୍ୟକ ନିୟମ ରହିଥିଲେ ମଧ୍ୟ ଲୋକେ ଆଇନକୁ ଭ୍ରୂକ୍ଷେପ ନ କରି ଗାଡ଼ି ଚଳାଇ ଆସୁଥିଲେ। କଡ଼ାକଡ଼ି ଭାବରେ କେନ୍ଦ୍ର ଓ ରାଜ୍ୟ ଆଇନ କାର୍ଯ୍ୟକାରୀ କରାଯିବା ପରେ ଲୋକଙ୍କର ଚେତାପଶୁଛି। ପାର୍କରେ ଶହ ଶହ ବ୍ୟକ୍ତି ପ୍ଲାଷ୍ଟିକ ଓ ଜରି ବ୍ୟବହାର କରୁଛନ୍ତି। ସବୁ କ୍ଷେତ୍ରରେ ଜନସାଧାରଣ ବାଧ୍ୟବାଧ୍ୟତା ନ ଭାବି ଅଭ୍ୟାସରେ ପକାଇଲେ ସବୁ କାମ ସହଜ ହେବ।

ନିର୍ମଳ ସାମଲ, ମଧୁସୂଦନ ପାର୍କ, ପୋଖରୀପୁଟ, ଭୁବନେଶ୍ୱର

## ଚିରନ୍ତନୀ

ଏ ବେଳାକୁ ନାହିଁ କିଛି
ଶୁଖାଇ ଦେଲାଣି ମୁହଁ।
କିଟିକିଟି କଳା ମେଘ
ବିଲରେ ପଡିଛି ଧୁଆ।
(ଚାଷୀର ଭାଗ୍ୟ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



# ୧୩୪ କୋଟିର ମାଲିକାଣୀ ବିଦ୍ୟା

**ମୁମ୍ବାଇ:** ନୂଆ ବର୍ଷରେ ଜନ୍ମଦିନ ପାଳିଛନ୍ତି ବଲିଉଡ୍‌ର ହଟ୍ ଅଭିନେତ୍ରୀ ବିଦ୍ୟା ବାଲାନ। ୧୯୭୮ ଜାନୁୟାରୀ ୧ରେ କେରଳରେ ତାଙ୍କର ଜନ୍ମ। ନିଜ ଅଭିନୟ ବଳରେ ସେ ଥରେ ରାଷ୍ଟ୍ରୀୟ ପୁରସ୍କାର ସହ ୫ ଥର ଫିଲ୍ମ ଫେୟାର ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ବିଦ୍ୟାଙ୍କ ପିଲାଦିନ ବିତିଛି ବମ୍ବେରେ। ପାଠପଢ଼ା ସରିବା ପରେ ସେ ଫିଲ୍ମ ଦୁନିଆରେ ପାଦ ଥାପିଥିଲେ। ୨୦୧୧ରେ ଆସିଥିବା ଫିଲ୍ମ 'ଡାର୍ଟି ପିକ୍ଚର' ତାଙ୍କ କ୍ୟାରିୟରର ଟର୍ନିଂ ପଏଣ୍ଟ ଥିଲା। ଏଥିରେ ତାଙ୍କୁ ବୋଲ୍ଡ ଅବତାରରେ ଦେଖିବାକୁ ମିଳିଥିଲା। ଏହାପରଠାରୁ ସେ ଅନେକ ସଫଳ ଫିଲ୍ମ ଭେଟି ଦେଇଛନ୍ତି। ଅଭିନୟରେ ବିଦ୍ୟା ଯେତିକି ସଫଳ, ସେତିକି ସେ ପାଉଣା ମଧ୍ୟ ନେଇଥାନ୍ତି। ମୋଟ ସମ୍ପତ୍ତି ଦେଖିଲେ ବିଦ୍ୟା ୧୩୪ କୋଟିର ମାଲିକାଣୀ। ଫିଲ୍ମ ସହ ଅନେକ ବିଜ୍ଞାପନରେ ସେ କାମ କରନ୍ତି। ତାଙ୍କ ପାଖରେ ୧୪ କୋଟିର ଏକ ଆପାର୍ଟମେଣ୍ଟ ରହିଛି। ଏହାଛଡ଼ା ୮ କୋଟିର ଫ୍ଲାଟ୍ ଏବଂ ଦାମୀ କାର୍ ମଧ୍ୟ ତାଙ୍କ ପାଖରେ ରହିଛି।

## ୨୧ ବର୍ଷରେ ପାଇଲଟ୍



**ବ୍ରୁସେଲ୍ସ:** ୨୧ ବର୍ଷ ବୟସରୁ ଜଣେ ପାଇଲଟ୍ ହେବା କଥା ଶୁଣିଲେ ଯେ କେହି ଆଶ୍ଚର୍ଯ୍ୟ ହେବେ। ବେଲଜିୟମ୍‌ର ବାସିନ୍ଦା କିମ୍ ଡି କ୍ଲୋପ(୨୭) ମାତ୍ର ୨୧ ବର୍ଷ ବୟସରେ ବୋଇଂ ୭୩୭ ବିମାନ ଚଳାଇଥିଲେ। କିମ୍ ୧୯ ବର୍ଷର ହୋଇଥିବାବେଳେ ପାଇଲଟ୍ ହେବା ପାଇଁ ସ୍ୱପ୍ନ ଦେଖିଥିଲେ। ଏଥିପାଇଁ ୨ ବର୍ଷ ଟ୍ରେନିଂ ନେଇଥିଲେ। ବର୍ଷ ୨୦୧୫ରେ ସେ ବ୍ଲୁ ଏୟାର ଫ୍ଲାଇଟ୍ ସହିତ ଏକ ଫଟୋ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଥିଲେ।

# ଦ୍ୱିତୀୟ ଉଚ୍ଚତମ ଅଟ୍ଟାଳିକା



**କୁଆଲାଲମ୍ପୁର:** ଦୁନିଆର ସବୁଠାରୁ ଉଚ୍ଚତମ କୋଠା ବୁର୍ଜ ଖଲିଫା ପରେ ଏବେ ମାଲେସିଆର କୁଆଲାଲମ୍ପୁରରେ ହେବ ଦ୍ୱିତୀୟ ଉଚ୍ଚ ଅଟ୍ଟାଳିକା। ଏହାର ନାମ ମେରଡେକା ୧୧୮, ଯାହାର ଉଚ୍ଚତା ୨,୨୨୭ ଫୁଟ। ୨୦୨୨ର ଶେଷ ବେଳକୁ ଏହାର ନିର୍ମାଣ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଯାଇଥିବ ବୋଲି କୁହାଯାଉଛି। ଏହି ଟାୱାର ମାଲେସିଆରେ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ାଇବ ବୋଲି ଆଶା କରାଯାଉଛି। ଟାୱାରର ପୁରା ଉଚ୍ଚରୁ ସହରକୁ ଦେଖିଲେ ସହରଟି ବହୁତ ସୁନ୍ଦର ନିଜର ଦେଖାଯିବ। ୬୮୭ ମିଟର ତଳକୁ ଯଦି ଦେଖିବା ବେଶ ରୋମାଞ୍ଚକର ମଧ୍ୟ ରହିଛି।

ମେରଡେକାକୁ ଦୁନିଆର ଦ୍ୱିତୀୟ ଉଚ୍ଚ ଅଟାଳିକା ଭାବେ ଗଣନା କରାଯିବ। ଏହା ପୂର୍ବରୁ ଦ୍ୱିତୀୟ ଉଚ୍ଚ ଅଟାଳିକା ଭାବେ ୨୦୭୩ ଫୁଟର ଉଚ୍ଚ ସଂଘାଇ ଟାୱାର ମାନ୍ୟତା ହାସଲ କରିଥିଲା। କିନ୍ତୁ ଏବେ ଦ୍ୱିତୀୟ ଉଚ୍ଚ ଅଟ୍ଟାଳିକାର ମାନ୍ୟତା ଏହା ହାତରୁ ଚାଲିଯିବାକୁ ବସିଛି।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା: ୮ Press Regd. No. R.N. ORIORI/2005/14844 Postal Regd. No. BN/42/21-23. ବ୍ରହ୍ମପୁର, ରବିବାର, ୨ ଜାନୁୟାରୀ, ୨୦୨୨ Berhampur, Sunday, January 2/2022

# ଡେଭନ କନ୍‌ୱେଙ୍କ ଶତକ

**ମାଉଣ୍ଟ ମାଉନଗାନୁଇ,୧।୧**

ସ୍ଥାନୀୟ ବେ ଓଭାଲ ଗ୍ରାଉଣ୍ଡରେ ନୂଆବର୍ଷର ପ୍ରଥମ ଦିନରେ ନ୍ୟୁଜିଲାଣ୍ଡ ଓ ଭ୍ରମଣକାରୀ ବାଂଲାଦେଶ ମଧ୍ୟରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଆରମ୍ଭ ହୋଇଛି। ଶନିବାରଠାରୁ ଆରମ୍ଭ ହୋଇଥିବା ଏହି ଟେଷ୍ଟରେ ନ୍ୟୁଜିଲାଣ୍ଡ ଟପ୍ ଅର୍ଡର ବ୍ୟାଟ୍ସମ୍ୟାନ ଡେଭନ୍ କନୱେ ୧୨୨ ରନର ଶତକୀୟ ଇନିଂସ ଖେଳି ପୂରା ଢଙ୍ଗରେ ନୂଆବର୍ଷ ଆରମ୍ଭ କରିଛନ୍ତି। କନ୍‌ୱେ ୨୦୨୨ରେ ବିଶ୍ୱର ପ୍ରଥମ ବ୍ୟାଟ୍ସମ୍ୟାନ ଭାବେ ଶତକ ଅର୍ଜନ କରିଛନ୍ତି। ଟସ୍ ଜିତି ବାଂଲାଦେଶ ଅଧିନାୟକ ମୋମିନୁଲ ହକ୍ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ କନ୍‌ୱେଙ୍କ ଶତକ ସହାୟତାରେ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୮୭.୩ ଓଭରରେ ୫ ଉଇକେଟ ହରାଇ ୨୫୮ ରନ ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ହେନେରି ନିକୋଲ୍ସ ୩୨ ରନକରି ଅପରାଜିତ ରହିଛନ୍ତି।

ଇନିଂସ ଆରମ୍ଭରୁ ନ୍ୟୁଜିଲାଣ୍ଡକୁ ଝଟକା ଲାଗିଥିଲା। ଅଧିନାୟକ ତଥା ଓପନର ଟମ୍ ଲାଥମ ୧ ରନ କରିଥିବା ବେଳେ ସୋରିଫୁଲ ଇସ୍‌ଲାମଙ୍କ ବଲ୍‌ରେ ଉଇକେଟକିପର ଲିଟନ ଦାସଙ୍କୁ କ୍ୟାଚ୍ ଦେଇ ପ୍ରଥମେ ଆଉଟ ହୋଇଥିଲେ। ଏହାପରେ ଦ୍ୱିତୀୟ ଉଇକେଟରେ କନ୍‌ୱେ ଓ ୱିଲି ୟଙ୍ଗ୍ ୨୭୧ ବଲର ସାମ୍ନା କରି ୧୩୮ କରି ସ୍ଥିତି ସମ୍ଭାଳିଥିଲେ। ୱିଲ ୟଙ୍ଗ୍ ୫୨ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳି ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ ହୋଇଥିଲେ। ଅଭିଜ୍ଞ ରସ୍ ଟେଲର ୩୧ ରନକରି ସୋରିଫୁଲ ଇସ୍‌ଲାମଙ୍କ ବଲ୍‌ରେ ଶଦମନ ଇସ୍‌ଲାମଙ୍କୁ ଏକ ଲୋ କ୍ୟାଚ୍ ଦେଇଥିଲେ। ଏହାପରେ କନ୍‌ୱେ ମୋମିନୁଲ ହକ୍‌ଙ୍କ ବଲ୍‌ରେ ଲିଟନଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ସେ ୨୨୭ଟି ବଲର ସମ୍ମୁଖୀନ ହୋଇ ୧୬ ଚୌକା ଓ ୧ ଛକା ସହ ୧୨୨ ରନର ଶତକୀୟ ଇନିଂସ ଖେଳିଥିଲେ। ଶେଷରେ ଟମ୍ ବ୍ଲଣ୍ଡେଲ(୧୧ ରନ) ଇବାଦୋତ ହୋସେନଙ୍କ ଦ୍ୱାରା କ୍ଲିନବୋଲ୍ଡ ହୋଇ ପ୍ୟାଭିଲିୟନ ଫେରିଥିଲେ।


ଡେଭନ୍ କନୱେ

### ପ୍ରଥମ ଟେଷ୍ଟ
### ନ୍ୟୁଜିଲାଣ୍ଡ ୨୫୮/୫

ଦକ୍ଷିଣ ଆଫ୍ରିକା ଜନ୍ମିତ କନ୍‌ୱେ ୨୯ ବର୍ଷରେ ୨୦୨୧ରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରଥମ ଟେଷ୍ଟ ଇନିଂସରେ ସେ ଦ୍ୱିଶତକୀୟ ପାଳି ଖେଳି ଅନ୍ତର୍ଜାତୀୟ କ୍ରିକେଟ କ୍ୟାରିୟର ଆରମ୍ଭ କରିଥିଲେ। ଏ ପର୍ଯ୍ୟନ୍ତ ସେ ୪ଟି ଟେଷ୍ଟ ଖେଳି ଗୋଟିଏ ଦ୍ୱିଶତକ, ଗୋଟିଏ ଶତକ, ଦୁଇଟି ଅର୍ଦ୍ଧଶତକ ସହ ୮୩ ରନ ହାରରେ ୫୦୧ ରନ ସଂଗ୍ରହ କରିଛନ୍ତି। ଦିନିକିଆରେ ସେ ୭୫ ଓ ଟି୨୦ରେ ୫୦ ରନ ହାରରେ ସେ ରନ୍ ସଂଗ୍ରହ କରିଛନ୍ତି।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ- ୮୭.୩ ଓଭରରେ ୨୫୮/୫। (କନ୍‌ୱେ- ୧୨୨, ୟଙ୍ଗ- ୫୨, ନିକୋଲ୍ସ- ୩୨*, ସୋରିଫୁଲ- ୨/୫୩, ଇମାଦୋତ- ୧/୫୩, ମୋମିନୁଲ- ୧/ ୫)।

# ଟି୨୦ ଦଳକୁ ଫେରିଲେ ପୋଲାର୍ଡ

**ସେଣ୍ଟ ଜୋନ୍ସ(ଆଣ୍ଟିଗୁଆ), ୧।୧**

ଅଧିନାୟକ ଭାବେ ୱେଷ୍ଟଇଣ୍ଡିଜ ଟି୨୦ ଦଳକୁ କିରନ ପୋଲାର୍ଡ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଇଂଲଣ୍ଡ ଓ ଆୟର୍ଲାଣ୍ଡ ବିପକ୍ଷ ଆଗାମୀ ଟି୨୦ ସିରିଜରେ ସେ ଦଳର ନେତୃତ୍ୱ ନେବେ। ଇଂଲଣ୍ଡ ସିରିଜ ପୂର୍ବରୁ ଘରୋଇ ମାଟିରେ ୱେଷ୍ଟଇଣ୍ଡିଜ ଆୟର୍ଲାଣ୍ଡ ବିପକ୍ଷରେ ୩ଟି ଦିନିକିଆ ଓ ଗୋଟିଏ ଟି୨୦ ମ୍ୟାଚ୍ ଖେଳିବ। ଜାମାଇକାର ସାବିନା ପାର୍କରେ ଜାନୁୟାରୀ ୮ରୁ ୧୬ ତାରିଖ ମଧ୍ୟରେ ଏହି ସିରିଜ ଆୟୋଜନ ହେବ। ଶନିବାର ଇଂଲଣ୍ଡ ଓ ଆୟର୍ଲାଣ୍ଡ ବିପକ୍ଷ ଏହି ସିରିଜ ପାଇଁ ୱେଷ୍ଟଇଣ୍ଡିଜ ଦଳ ଘୋଷଣା କରିଛି। ସେହିପରି ଜାନୁୟାରୀ ୨୨ରୁ ୩୦ ତାରିଖ ମଧ୍ୟରେ ବାର୍ବାଡୋସର କେନସିଂଟନ ଓଭାଲ ଗ୍ରାଉଣ୍ଡରେ ୱେଷ୍ଟଇଣ୍ଡିଜ ଓ ଇଂଲଣ୍ଡ ୫ଟି ଟି୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବେ।

ଏକ ସନ୍ତୁଳିତ ଦଳ ଚୟନ କରିବାକୁ ଆମେ ପ୍ରୟାସ କରିଛୁ ବୋଲି ୱେଷ୍ଟଇଣ୍ଡିଜ କୋଚ୍ ଫିଲ ସିମନ୍ସ କହିଛନ୍ତି। ହାମଷ୍ଟ୍ରିଙ୍ଗ୍ ଇଞ୍ଜୁରି କାରଣରୁ ପୋଲାର୍ଡ ପାକିସ୍ତାନ ଗସ୍ତରେ ଯାଇପାରି ନ ଥିଲେ। ସେ ଟି୨୦ ବିଶ୍ୱକପ୍ ଖେଳିବା ଅବସରରେ ଇଞ୍ଜୁରିର ସମ୍ମୁଖୀନ ହୋଇଥିଲେ।

**ଘୋଷିତ ୱେଷ୍ଟଇଣ୍ଡିଜ ଟି୨୦ ଦଳ:** କିରନ ପୋଲାର୍ଡ (ଅଧିନାୟକ), ନିକୋଲାସ ପୁରନ, ଫବିଆନ ଆଲେନ (କେବଳ ଇଂଲଣ୍ଡ), ଡାରେନ ବ୍ରାଭୋ (କେବଳ ଇଂଲଣ୍ଡ), ରୋଷ୍ଟନ ଚେଜ, ଶେଲଡନ କଟ୍ରେଲ, ଡୋମିନିକ ଡ୍ରେକ୍ସ, ସାଇ ହୋପ, ଅକିଲ ହୋସେନ, ଜାସନ ହୋଲ୍ଡର, ବ୍ରାଣ୍ଡନ କିଙ୍ଗ୍, କାଏଲ ମେୟର୍ସ, ରୋଭମ୍ୟାନ ପାୱେଲ, ରୋମାରିଓ ଶେଫର୍ଡ, ଓଡିନ ସ୍ମିଥ, ହେଡେନ ୱାଲ୍ସ ଜୁନିୟର।

**ଆୟର୍ଲାଣ୍ଡ ବିପକ୍ଷ ୱେଷ୍ଟଇଣ୍ଡିଜ ଦିନିକିଆ ଦଳ:** କିରନ ପୋଲାର୍ଡ (ଅଧିନାୟକ), ସାଇ ହୋପ, ଶମରା ବ୍ରୁକ୍ସ, ରୋଷ୍ଟନ ଚେଜ, ଜଷ୍ଟିନ ଗ୍ରେଭ୍ସ, ଜାସନ ହୋଲ୍ଡର, ଅକିଲ ହୋସେନ, ଜେଡେନ ସିଲ୍ସ, ନିକୋଲାସ ପୁରନ, ରୋମାରିଓ ଶେଫର୍ଡ, ଓଡିନ ସ୍ମିଥ୍ ଓ ଡେଭନ ଥୋମାସ।


କିରନ ପୋଲାର୍ଡ

## ସଂକ୍ଷେପରେ

### ମାରିଓ ରିଭେରା ଏସ୍‌ସି ଇଷ୍ଟ ବେଙ୍ଗଲର ମୁଖ୍ୟ କୋଚ୍

**ମାରଗାଓ, ୧।୧ (ପି.ଟି.):** ସ୍ପେନର ମାରିଓ ରିଭେରା ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ) ସିଜନ ଅବଶିଷ୍ଟାଂଶ ପାଇଁ ଏସ୍‌ସି ଇଷ୍ଟ ବେଙ୍ଗଲର ମୁଖ୍ୟ କୋଚ ଭାବେ ନିଯୁକ୍ତି ପାଇଛନ୍ତି। ପୂର୍ବରୁ ଏହି ପଦବୀରେ ଥିବା ଜୋସ୍ ମାନୁଏଲ୍ ଡିଆଜ ଦଳର କ୍ରମାଗତ ୮ଟି ମ୍ୟାଚରେ ଖରାପ ପ୍ରଦର୍ଶନ ପାଇଁ ମଙ୍ଗଳବାର ବହିଷ୍କୃତ ହୋଇଥିଲେ। ତାଙ୍କ ସ୍ଥାନରେ ଭାରତର ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ରିନେଡି ସିଂ କାମଚଳା କୋଚ୍ ଦାୟିତ୍ୱ ତୁଲାଇ ଆସୁଥିଲେ। ସୂଚନାଯୋଗ୍ୟ, ଦୁଇଟି ସିଜନ ପୂର୍ବେ ରିଭେରାଙ୍କ ତତ୍ତ୍ୱାବଧାନରେ ଇଷ୍ଟବେଙ୍ଗଲ ଆଇ-ଲିଗ୍‌ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ଏହା ପୂର୍ବରୁ ସେ ୨୦୧୮-୧୯ରେ ୩୨ଟି ଗେମ୍ ପାଇଁ ପୂର୍ବତନ ଇଷ୍ଟ ବେଙ୍ଗଲ କୋଚ୍ ଆଲେଜାଣ୍ଡ୍ରୋ ମେନେଣ୍ଡେଜ୍‌ଙ୍କ ସହକାରୀ ଭାବେ କାର୍ଯ୍ୟ କରିଥିଲେ।

### ଉରୁଗୁଏ ସକର ଏଜେଣ୍ଟ ଜୁଆନ ଫିଗରଙ୍କ ପରଲୋକ

**ସାଓ ପାଉଲୋ,୧।୧:** ଉରୁଗୁଏର ଅଭିଜ୍ଞ ସକର ତଥା ଫୁଟବଲ ଏଜେଣ୍ଟ ଜୁଆନ ଫିଗର ୮୭ ବର୍ଷରେ ପରଲୋକ ଗମନ କରିଛନ୍ତି। ବିଶ୍ୱର ଏକାଧିକ ନାମୀଦାମୀ ଫୁଟବଲରଙ୍କ ଟ୍ରାନ୍ସଫର ପ୍ରକ୍ରିୟାକୁ ସଫଳତାର ସହ ସମ୍ପାଦନ କରି ବେଶ୍ ଚର୍ଚ୍ଚିତ ଥିଲେ। ତାଙ୍କ ନାତୁଣୀ ଷ୍ଟିଫାନି ଫିଗର ଓ ତାଙ୍କ ଏଜେନ୍ସି ଫିଗରଙ୍କ ପରଲୋକ ସମ୍ପର୍କରେ ସୂଚନା ଦେଇଛନ୍ତି। ସାଓ ପାଉଲୋରେ ତାଙ୍କ ଏଜେନ୍ସି କାର୍ଯ୍ୟ କରୁଆସୁଛି। ୧୯୬୯ରେ ସେ ତାଙ୍କ ବ୍ୟବସାୟ ଆରମ୍ଭ କରିଥିଲେ। କିମ୍ବଦନ୍ତୀ ଖେଳାଳି ଡିଏଗୋ ମାରାଡୋନା, କାକା, ଜର୍ଜେନ କ୍ଲିନ୍ସମ୍ୟାନ, ଗ୍ୟାରି ଲିନେକେର, ରୁଡ୍ ଗୁଲିଟ ଓ ସକ୍ରେଟ୍ସଙ୍କ ଭଳି ଖେଳାଳିଙ୍କର ସେ ଟ୍ରାନ୍ସଫର କରାଇଥିଲେ।

### ଆଇଏସ୍‌ଏଲ ପଦାର୍ପଣ କରିବେ ଅନୱର ଅଲି

**ଭାସ୍କୋ, ୧।୧ (ପି.ଟି.):** ସେଣ୍ଟର ବ୍ୟାକ୍ ଅନୱର ଅଲି ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ)ରେ ପଦାର୍ପଣ କରିବେ। ଚଳିତ ସିଜନରେ ସେ ଏଫ୍‌ସି ଗୋଆ ଦଳ ସହ ଚୁକ୍ତି ସ୍ୱାକ୍ଷର କରିବା ପରେ ଏହା ସ୍ପଷ୍ଟ ହୋଇଛି। ଅଲିଙ୍କ ହାର୍ଟ କଣ୍ଡିଶନ (ଆପିକାଲ ହାଇପରକାର୍ଡିଓମାୟୋପାଥି) ଭଲ ନ ଥିବାରୁ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ତାଙ୍କୁ ପ୍ରତିଯୋଗିତାମୂଳକ ଫୁଟ୍‌ବଲରେ ଅଂଶଗ୍ରହଣରୁ ବଞ୍ଚିତ କରିଥିଲା। ଡିଫେଣ୍ଡର ଜଣକ ବର୍ଷକ ପାଇଁ ଛୁଟିରେ ଯାଇ ଟେଟ୍ରୋ ସ୍ୱାଡେସ ୟୁନାଇଟେଡ ତରଫରୁ ଖେଳିବା ପରେ ମିନର୍ଭା ଏକାଡେମୀ ଜରିଆରେ ଦିଲ୍ଲୀ ଏଫ୍‌ସିରେ ଯୋଗ ଦେଇଥିଲେ। ଅଲି ୨୦୨୧ରେ ଦିଲ୍ଲୀ ଏଫ୍‌ସି ତରଫରୁ ଡୁରାଣ୍ଡ କପ୍ ଏବଂ ଆଇ-ଲିଗ୍ କ୍ୱାଲିଫାୟର୍ସରେ ଭାଗ ନେଇଥିଲେ। କ୍ୱାଲିଫାୟର୍ସରେ ସେ ୪ଟି ଗୋଲ ସ୍କୋର କରି ଦଳର ଟପ୍ ସ୍କୋରର ବିବେଚିତ ହୋଇଥିଲେ। ସିଜନ ଆରମ୍ଭରୁ ଅଲି ତାଙ୍କ ପ୍ରାକ୍ଟିସ ଜାରି ରଖିଥିଲେ। ରବିବାର କେରଳ ବ୍ଲାଷ୍ଟର୍ସ ବିପକ୍ଷ ମ୍ୟାଚରେ ତାଙ୍କ ଖେଳ ଉପରେ ସମସ୍ତଙ୍କ ନଜର ରହିବ। ଏଫ୍‌ସି ଗୋଆ ଫୁଟ୍‌ବଲ ନିର୍ଦ୍ଦେଶକ ରବି ପୁଷ୍କର ଅନୱରଙ୍କୁ ବର୍ତ୍ତମାନ ପିଢ଼ିର ଜଣେ ବିଚକ୍ଷଣ ଖେଳାଳି ବୋଲି କହିଛନ୍ତି।

### ମଙ୍ଗଳା କ୍ଲବ ଜିତିଲା ତାରିଣୀ କପ୍

**ଆନନ୍ଦପୁର, ୧।୧ (ସ୍ୱ.ପ୍ର.):** କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ ତରତରା ଖେଳପଡ଼ିଆରେ ଚାଲିଥିବା ୨୨ତମ ମା’ ତାରିଣୀ କପ୍ ଆନ୍ତଃ ରାଜ୍ୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ରାମଧୁନ୍ କ୍ଲବ ସୋନପୁର ଓ ମଙ୍ଗଳା କ୍ଲବ କଟକ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ମଙ୍ଗଳା କ୍ଲବ କଟକ ୧-୦ ଗୋଲ୍‌ରେ ବିଜୟଲାଭ କରି ଚାମ୍ପିୟନ ହୋଇଛି। ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ, ପାଟଣା ବିଧାୟକ ଜଗନ୍ନାଥ ନାଏକ ଓ ସିନେତାରକା ଏଲିନା ସାମନ୍ତରାୟ ଅତିଥି ଭାବେ ଯୋଗଦେଇ ବିଜୟୀ ଏବଂ ରନର୍ସଅପ୍ ଟିମ୍‌କୁ ପୁରସ୍କୃତ କରିଥିଲେ। ମଙ୍ଗଳା କ୍ଲବର ବବୁଲ ରାଉତଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଓ ଜୟନ୍ତ ରାଉତଙ୍କୁ ମ୍ୟାନ ଅଫ୍ ଦି ସିରିଜ୍ ଭାବେ ପୁରସ୍କାର ପ୍ରଦାନ କରାଯାଇଥିଲା। ରେଫରୀ ଭାବେ ରତ୍ନାକର ବାରିକ, ସୁଦୀପ ଦାସ, ଜ୍ୟୋତି ରଞ୍ଜନ ସ୍ୱାଇଁ ଓ ରାଜୁ ମହାନ୍ତି ଖେଳ ପରିଚାଳନା ଦାୟିତ୍ୱ ତୁଲାଇଥିଲେ। ମା’ ତାରିଣୀ କ୍ଲବ ପକ୍ଷରୁ ସୁବ୍ରତ ସାମଲ, ଜିତେନ୍ଦ୍ର ସାମଲ, ପ୍ରସନ୍ନ ସାମଲ, ସୁରେଶ ଧଳ, ଜଗନ୍ନାଥ ବେହେରା, ସନ୍ତୋଷ ଧଳ, ସୁଶାନ୍ତ ସାମଲ, କାଳିଆ ସାମଲ, ଜୟନ୍ତ ଜେନା ପ୍ରମୁଖ ସହଯୋଗ କରିଥିଲେ।

# ହାପି ଏକାଦଶ ଚାମ୍ପିୟନ


ଟ୍ରଫି ସହ ଅତିଥିଙ୍କ ଗହଣରେ ହାପି ଏକାଦଶ।

**ଭୁବନେଶ୍ୱର, ୧।୧(ସ୍ପୋର୍ଟ୍ସ ବ୍ୟୁରୋ)**

### ସନ୍ତୋଷ ମେମୋରିଆଲ କ୍ରିକେଟ

ସ୍ଥାନୀୟ ରସୁଲଗଡ଼ସ୍ଥିତ ଜିଜିପି କଲୋନୀ ହାଇସ୍କୁଲ ପଡ଼ିଆରେ ଚାଲିଥିବା ସନ୍ତୋଷ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ଶନିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ହାପି ଏକାଦଶ ୪ ଉଇକେଟରେ ୱିଣ୍ଡ ୨୦୦୦କୁ ପରାସ୍ତ କରି ଟାଇଟଲ ହାସଲ କରିଛି। ପ୍ରଥମେ ବ୍ୟାଟିଂ କରି ୱିଣ୍ଡ ୧୫ ଓଭରରେ ୬ ଉଇକେଟ ହରାଇ ୨୧୩ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ସୁଶାନ୍ତ ପ୍ରଧାନ ୨୫ ବଲରୁ ୭୬ ରନ ସଂଗ୍ରହ କରିଥିଲା। ହାପି ତରଫରୁ ବୋଲିଂରେ କେ. ରେଞ୍ଜୀ ୩ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ହାପି ୧୩.୪ ଓଭରରେ ୬ ଉଇକେଟ ହରାଇ ୨୧୪ ରନକରି ବିଜୟୀ ହୋଇଥିଲା। ଦଳ ତରଫରୁ ଆଲୋକ ସାହୁ ୨୪ ବଲରୁ ୬୮ ରନ ସଂଗ୍ରହ କରିଥିଲେ। ବୋଲିଂରେ ୱିଣ୍ଡ ତରଫରୁ ଚିଣ୍ଟୁ ବିଶ୍ୱାଳ ପ୍ରଭାବୀ ପ୍ରଦର୍ଶନ କରିଥିଲେ।

ଆଲୋକ ସାହୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସେହିପରି ସୁଶାନ୍ତ ପ୍ରଧାନ ମ୍ୟାନ ଅଫ୍ ଦି ସିରିଜ ଭାବେ ପୁରସ୍କୃତ ହୋଇଥିଲେ। କୈଳାସ ରାହୁଲ ଓ ରଜତ ଜଗଦେବ ଅମ୍ପାୟର ଭାବେ ମ୍ୟାଚ୍ ପରିଚାଳନା କରିଥିଲେ। ବିଧାୟକ ସୁଶାନ୍ତ ରାଉତ ଓ ସୁରେଶ କୁମାର ରାଉତରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଚାମ୍ପିୟନ ଓ ରନର୍ସଅପ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ସମ୍ମାନିତ ଅତିଥିଭାବେ ଯଜ୍ଞାଶିଷ ମହାପାତ୍ର, ବୁଦ୍ଧ ପ୍ରକାଶ ମହାପାତ୍ର, ସଞ୍ଜୟ ପାଇକରାୟ, ପ୍ରତାପ ରାଉତରାୟ, ଅଶୋକ ଦାଶ, ବିଶ୍ୱଜିତ୍ ଦାଶ ଓ ରବୀନ୍ଦ୍ର ଜଗଦେବ ଯୋଗ ଦେଇଥିଲେ।

# ରାଡୁକାନୁ ସର୍ବକନିଷ୍ଠ ଏମ୍‌ବିଇ

**ମେଲବୋର୍ନ,୧।୧(ଏପି)**

ୟୁଏସ୍ ଓପନ ଚାମ୍ପିୟନ ତଥା ବିଶ୍ୱର ୧୯ ନମ୍ବର ର୍‍ୟାଙ୍କିଙ୍ଗପ୍ରାପ୍ତ ଏମା ରାଡୁକାନୁଙ୍କ ନାମ ଶୁକ୍ରବାର ପ୍ରକାଶ ପାଇଥିବା କୁଇନ୍ ଏଲିଜାବେଥ୍-୨ଙ୍କ ବ୍ରିଟିଶ ରାଜତନ୍ତ୍ରର ବାର୍ଷିକ ନୂଆବର୍ଷ ସମ୍ମାନିତ ତାଲିକାରେ ସ୍ଥାନ ପାଇଛି। ୧୯ ବର୍ଷୀୟା ରାଡୁକାନୁ ପ୍ରଥମ କ୍ୱାଲିଫାୟର ଭାବେ ଏକ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବାରେ ସମର୍ଥ ହୋଇଛନ୍ତି। ଫଳତଃ ସେ ସର୍ବକନିଷ୍ଠ ମହିଳା ଖେଳାଳି ଭାବେ ଜଣେ ଏମ୍‌ବିଇ (ମେମ୍ବର ଅଫ୍ ଦି ଅର୍ଡର ଅଫ୍ ଦି ବ୍ରିଟିଶ ଏମ୍ପାୟର) ହେବାର ସୌଭାଗ୍ୟ ଲାଭ କରିଛନ୍ତି। ସୂଚନାଯୋଗ୍ୟ, କୋଭିଡ୍ ଟେଷ୍ଟରେ ପଜିଟିଭ ପରେ ଏହି ଟେନିସ ଖେଳାଳି ଆଇସୋଲେଶନରୁ ବାହାରିଛନ୍ତି। ଚଳିତ ସପ୍ତାହରେ ମେଲବୋର୍ନରେ ୱାର୍ମଅପ୍ ଟୁର୍ନାମେଣ୍ଟରୁ ସେ ଓହରିଯିବା ପରେ ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନରେ ତାଙ୍କ ଅଂଶଗ୍ରହଣ ନେଇ ସନ୍ଦେହ ସୃଷ୍ଟି ହୋଇଥିଲା। ମାତ୍ର ସମ୍ମାନଜନକ ଏମ୍‌ବିଇ ପୁରସ୍କାର ପରେ ସେ ଏହି ଟୁର୍ନାମେଣ୍ଟ ଖେଳିବା ଲାଗି ଆଗ୍ରହ ପ୍ରକାଶ କରିଛନ୍ତି। ଶନିବାର ସେ ମେଲବୋର୍ନ କୋର୍ଟକୁ ଓହ୍ଲାଇଛନ୍ତି।


ଏମା ରାଡୁକାନୁ

# ଚମତ୍କାରିତା ଦେଖାଇବେ ଋତୁରାଜ

**ମୁମ୍ବାଇ, ୧।୧ (ପି.ଟି.)**

ଦକ୍ଷିଣ ଆଫ୍ରିକା ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ସିରିଜ ପାଇଁ ମନୋନୀତ ହୋଇଥିବା ଋତୁରାଜ ଗାଏକ୍ୱାଡ ଭାରତୀୟ ଦଳ ପାଇଁ ଚମତ୍କାରିତା ଦେଖାଇବେ ବୋଲି କହିଛନ୍ତି ମୁଖ୍ୟ ଚୟନକର୍ତ୍ତା ଚେତନ ଶର୍ମା। ଭାରତୀୟ ଦଳ ଦକ୍ଷିଣ ଆଫ୍ରିକା ବିପକ୍ଷ ୩ ଅନ୍ତର୍ଜାତୀୟ ଦିନିକିଆ ଜାନୁୟାରୀ ୧୯, ୨୧ ଓ ୨୩ରେ ଯଥାକ୍ରମେ ପାର୍ଲ ଓ କେପ୍ ଟାଉନ୍‌ଠାରେ ଖେଳିବ। ଏଥିପାଇଁ ଶର୍ମାଙ୍କ ନେତୃତ୍ୱାଧୀନ ସିଲେକ୍ସନ ପ୍ୟାନେଲ ଶୁକ୍ରବାର ଦଳ ମନୋନୟନ କରିଛି। ମହାରାଷ୍ଟ୍ର ବ୍ୟାଟର ଋତୁରାଜଙ୍କୁ ଠିକଣା ସମୟରେ ସୁଯୋଗ ମିଳିଛି। ସେ ଟି୨୦ ଦଳରେ ଥିଲେ, ବର୍ତ୍ତମାନ ଅନ୍ତର୍ଜାତୀୟ ଦିନିକିଆ ଦଳରେ ସ୍ଥାନ ପାଇଛନ୍ତି। ଜାତୀୟ ଦଳ ତରଫରୁ ସେ କମାଲ ଦେଖାଇବେ ବୋଲି ତାଙ୍କର ଦୃଢ଼ ଆଶା ରହିଛି। ୨୪ବର୍ଷୀୟ ଋତୁରାଜ ହେଉଛନ୍ତି ପୁଣେ ବାସିନ୍ଦା। ଗତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ସେ ଅଗ୍ରଣୀ ସ୍କୋରର ଥିଲେ। ସେ ମୋଟ ୬୩୫ ରନ ସ୍କୋର କରିବା ସହ ଚେନ୍ନାଇ ସୁପର କିଙ୍ଗ୍ସକୁ ଟାଇଟଲ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଋତୁରାଜଙ୍କର ଏହି ପ୍ରଭାବୀ ପ୍ରଦର୍ଶନ ପାଇଁ ତାଙ୍କୁ ପୁରସ୍କୃତ କରାଯାଇଛି ବୋଲି ଶର୍ମା କହିଛନ୍ତି। ଆଇପିଏଲ ପରେ ସେ ବିଜୟ ହଜାରେ ଟ୍ରଫିରେ ମଧ୍ୟ ତାଙ୍କର ଚମକ ଦେଖାଇଥିଲେ। ଏହି ଟୁର୍ନାମେଣ୍ଟରେ ମଧ୍ୟ ସେ ଅଗ୍ରଣୀ ସ୍କୋରର ଥିଲେ। ସେ ୫ଟି ମ୍ୟାଚରୁ ୬୦୩ ରନ ସଂଗ୍ରହ କରିଥିଲେ। ତାଙ୍କର ସର୍ବୋଚ୍ଚ ସ୍କୋର ୧୬୮ ରହିଥିଲା। ଗତବର୍ଷ କଲମ୍ବୋଠାରେ ଶ୍ରୀଲଙ୍କା ବିପକ୍ଷରେ ସେ ତାଙ୍କ ଅନ୍ତର୍ଜାତୀୟ ଟି୨୦ ପଦାର୍ପଣ କରିଥିଲେ। ଋତୁରାଜ ଦକ୍ଷିଣ ଆଫ୍ରିକା ବିପକ୍ଷ ଟି୨୦ ସିରିଜ ପାଇଁ ଭାରତୀୟ ଦଳରେ ପୂର୍ବରୁ ସ୍ଥାନ ପାଇ ସାରିଛନ୍ତି।


ଋତୁରାଜ ଗାଏକ୍ୱାଡ

# ଏସିଆ କପ୍ ବିଜୟ ଆତ୍ମବିଶ୍ୱାସ ବଢ଼ାଇଛି: ଲକ୍ଷ୍ମଣ

**ନୂଆଦିଲ୍ଲୀ,୧।୧**

୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟରେ ଭାରତ ଶୁକ୍ରବାର ଶ୍ରୀଲଙ୍କାକୁ ୯ ଉଇକେଟରେ ହରାଇ ରେକର୍ଡ ଅଷ୍ଟମଥର ପାଇଁ ଟାଇଟଲ ହାସଲ କରିଛି। ଏହି ବିଜୟରେ ଜାତୀୟ କ୍ରିକେଟ ଏକାଡେମି (ଏନ୍‌ସିଏ) ମୁଖ୍ୟ ତଥା ପୂର୍ବତନ ବ୍ୟାଟ୍ସମ୍ୟାନ ଭି.ଭି.ଏସ. ଲକ୍ଷ୍ମଣ ଖୁସି ପ୍ରକାଶ କରିଛନ୍ତି। ଏହି ବିଜୟ ଦଳର ଆତ୍ମବିଶ୍ୱାସ ବଢ଼ାଇଛି ବୋଲି ସେ କହିଛନ୍ତି। ପ୍ରତିକୂଳ ପରିସ୍ଥିତି ଓ ଖରାପ ପାଗ ଯୋଗୁ ଭାରତୀୟ ଖେଳାଳିମାନେ ପ୍ରସ୍ତୁତି କରିବାରେ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଏହା ସତ୍ତ୍ୱେ ଦଳ ଚାମ୍ପିୟନ ହୋଇଥିବାରୁ ପ୍ରଶଂସାର ହକ୍‌ଦାର ବୋଲି ସେ କହିଛନ୍ତି।

ଜାନୁୟାରୀ ୧୪ରୁ ଫେବୃୟାରୀ ୫ ମଧ୍ୟରେ ୱେଷ୍ଟଇଣ୍ଡିଜ୍‌ରେ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଟି୨୦ ବିଶ୍ୱକପ୍ ଆୟୋଜନ ହେବ। ଏହି ଇଭେଣ୍ଟ ପୂର୍ବରୁ ଏସିଆ କପ୍ ବିଜୟ ଭାରତର ଆତ୍ମବିଶ୍ୱାସ ବୃଦ୍ଧି କରିବା ସହ ପ୍ରସ୍ତୁତିରେ ସହାୟ ହେବ ବୋଲି ସେ କହିଛନ୍ତି। ୟଶ ଧୂଲଙ୍କ ନେତୃତ୍ୱାଧୀନ ଭାରତୀୟ ଦଳକୁ ସେ ଅଭିନନ୍ଦନ ଜଣାଇଛନ୍ତି। ଖରାପ ପାଗ ପ୍ରସ୍ତୁତି ତଥା ଟ୍ରେନିଂରେ ଅନ୍ତରାୟ ସୃଷ୍ଟି କରିଥିଲା। ତେବେ ପ୍ରତି ମ୍ୟାଚ୍‌ରେ ଖେଳାଳିମାନେ ପ୍ରଦର୍ଶନରେ ଉନ୍ନତି ଆଣିଥିଲେ। ଏହା ନିଶ୍ଚିତ ଭାବେ ସନ୍ତୋଷଜନକ ବୋଲି ଲକ୍ଷ୍ମଣ ଟୁଇଟ୍ କରି ଉଲ୍ଲେଖ କରିଛନ୍ତି। ଚାମ୍ପିୟନ ଭାରତୀୟ ଦଳକୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଭାପତି ସୌରଭ ଗାଙ୍ଗୁଲି ଓ ସମ୍ପାଦକ ଜୟ ଶାହା ମଧ୍ୟ ଅଭିନନ୍ଦନ ଜଣାଇଛନ୍ତି।


ଭି.ଭି.ଏସ. ଲକ୍ଷ୍ମଣ

# ତରନଜିତ ଡୋପ୍ ଟେଷ୍ଟରେ ବିଫଳ

**ନୂଆଦିଲ୍ଲୀ,୧।୧**

୨୩ ବର୍ଷରୁ କମ୍ ଦ୍ରୁତତମ ଭାରତୀୟ ମହିଳା ସ୍ପ୍ରିଣ୍ଟର ତରନଜିତ କୌର ଡୋପ୍ ଟେଷ୍ଟରେ ବିଫଳ ହୋଇଛନ୍ତି। ଜାତୀୟ ନିଶା ନିବାରଣ ସଂସ୍ଥା (ନାଡା) ଦ୍ୱାରା କରାଯାଇଥିବା ଏକ ଇନ୍ କମ୍ପିଟିଶନ ଡୋପ୍ ଟେଷ୍ଟରେ ସେ ଫେଲ ମାରିଛନ୍ତି। ୨୦୨୧ରେ ଦିଲ୍ଲୀର ଏହି ୨୦ ବର୍ଷୀୟ ସ୍ପ୍ରିଣ୍ଟର ଦେଶର ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଆଥଲେଟର ମାନ୍ୟତା ପାଇଥିଲେ।

ଗତ ସେପ୍ଟେମ୍ବର ୨୭ରୁ ୨୯ ତାରିଖ ମଧ୍ୟରେ ଅନୁଷ୍ଠିତ ହୋଇଥିବା ଜାତୀୟ ୨୩ ବର୍ଷରୁ କମ୍ ଚାମ୍ପିୟନଶିପ୍‌ରେ ସେ ୧୦୦ ଓ ୨୦୦ ମିଟର ରେସ୍ ଯଥାକ୍ରମେ ୧୧.୫୪ ଓ ୨୩.୫୭ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହା ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ଥିଲା। ଏହାର ଗୋଟିଏ ସପ୍ତାହ ପୂର୍ବରୁ ସେ ନ୍ୟାଶନାଲ ଓପନ୍ ଚାମ୍ପିୟନଶିପ୍‌ରେ ୧୧.୫୦ ସେକେଣ୍ଡ ସମୟ ନେଇ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ କରିବା ସହ ସ୍ୱର୍ଣ୍ଣ ଜିତିଥିଲେ। ସେ ୨୩. ୬୪ ସେକେଣ୍ଡ ସମୟ ନେଇ ୨୦୦ମି. ରେସ ପାର କରିଥିଲେ। ଟୋକିଓ ଅଲିମ୍ପିକ୍ସ ପରେ ଏହି ଇଭେଣ୍ଟ ଆୟୋଜନ ହୋଇଥିବାରୁ ଏକାଧିକ ଆଥ୍‌ଲେଟ ଏଥିରେ ଅଂଶଗ୍ରହଣ କରି ନ ଥିଲେ। ସେ ଡୋପ୍ ଟେଷ୍ଟରେ ଫେଲ୍ ହୋଇଛନ୍ତି ବୋଲି ନାଡା ତରଫରୁ ସ୍ପଷ୍ଟ କରାଯାଇଛି। ତେବେ ସେ କେଉଁ ନିଷିଦ୍ଧ ପଦାର୍ଥ ସେବନ କରିଥିଲେ ଓ କେଉଁ ଇଭେଣ୍ଟରେ ଏହାକୁ ସେବନ କରିଥିଲେ ସେ ନେଇ ସ୍ପଷ୍ଟ ଭାବେ କିଛି କୁହାଯାଇନାହିଁ। ଏହି ପରୀକ୍ଷା ଜାତୀୟ ୨୩ ବର୍ଷରୁ କମ୍ ଚାମ୍ପିୟନଶିପ୍ କିମ୍ବା ନ୍ୟାଶନାଲ ଓପନ ଚାମ୍ପିୟନଶିପ୍‌ରେ କରାଯାଇଥିବା ଅନୁମାନ କରାଯାଉଛି। ଯଦି ସେ ଏଥିରେ ଦୋଷୀ ସାବ୍ୟସ୍ତ ହୁଅନ୍ତି ତେବେ ସେ ୪ ବର୍ଷ ବାସନ୍ଦ ହେବାର ଆଶଙ୍କା ରହିଛି। ପ୍ରଥମଥର ପାଇଁ ଡୋପ୍ ଅଫେଣ୍ଡରମାନଙ୍କୁ ଅତିବେଶିରେ ୪ ବର୍ଷ ବାସନ୍ଦ କରାଯିବାର ନିୟମ ରହିଛି।



ତରନଜିତ କୌର

# ଶୀର୍ଷ ସ୍ଥାନ ଉପରେ କେରଳ ବ୍ଲାଷ୍ଟର୍ସର ନଜର

**ଭାସ୍କୋ, ୧।୧ (ପି.ଟି.)**

ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ)ରେ ଫର୍ମରେ ଥିବା କେରଳ ବ୍ଲାଷ୍ଟର୍ସ ଟୁର୍ନାମେଣ୍ଟରେ ସଂଘର୍ଷ ଚଳାଇଥିବା ଏଫ୍‌ସି ଗୋଆକୁ ଭେଟିବ। ରବିବାର ଏଥିରେ ବିଜୟ ସହ ଦଳ ପଏଣ୍ଟ ଟେବୁଲ ଶୀର୍ଷ ସ୍ଥାନ ଅଧିକାର କରିବା ଲକ୍ଷ୍ୟରେ ରହିଛି। ଲିଗ୍‌ରେ କେରଳ ୮ଟି ମ୍ୟାଚରୁ ୧୩ ପଏଣ୍ଟ ଅର୍ଜନ କରି ଟେବୁଲରେ ୫ମ ସ୍ଥାନରେ ରହିଛି। ଦଳ କିନ୍ତୁ ଏହାର ଗତ ୭ଟି ମ୍ୟାଚରେ ଅପରାଜେୟ ରହିଛି। ଚଳିତ ସିଜନରେ ଇଭାନ ଭୁକୋମାନୋଭିଚ୍‌ଙ୍କ ମିଡ୍ ଫିଲ୍ଡ ଓ ଆଟାକ୍ ଖୁବ୍ ଭଲ ରହିଛି। ରବିବାର ମ୍ୟାଚ ଜିତିଲେ ଦଳ ମୁମ୍ବାଇ ସିଟି ଏଫ୍‌ସିକୁ ହଟାଇ ଲିଗ୍ ଷ୍ଟାଣ୍ଡିଂର ଶୀର୍ଷ ସ୍ଥାନ ଅଧିକାର କରିନେବ ଏହି ଦଳ। ଚଳିତି ସିଜନରେ କେରଳ ବ୍ଲାଷ୍ଟର୍ସର ସଫଳତା ପଛରେ ରହିଥିବା ମୁଖ୍ୟ କାରଣ ହେଲା ଏହାର ଦୁଇ ମିଡ୍ ଫିଲ୍ଡରେ ଜିକ୍‌ସନ ସିଂ ଓ ପୁଇଟି ମଧ୍ୟରେ ସ୍ଥିରତା ଓ ସନ୍ତୁଳନ ବଜାୟ ରହିବା। ଅଲଭାରୋ ଭାଜକ୍ୱେଜ୍ ଭଲ ଆଟାକ୍ କରିପାରୁଛନ୍ତି। ଏହି ସବୁ ଦୃଷ୍ଟିରୁ ରବିବାର ମ୍ୟାଚରେ ଏଫ୍‌ସି ଗୋଆକୁ ପରାସ୍ତ କରିପାରିବ ବୋଲି କେରଳ ଦୃଢ଼ ଆଶାବାଦୀ ରହିଛି। ଅନ୍ୟପକ୍ଷରେ ଡେରିକ୍ ପେରିରାଙ୍କ ଅଧୀନରେ ଗୋଆ ଏହାର ଗତ ତିନୋଟି ମ୍ୟାଚରେ ବିଜୟ ଲାଭ କରିପାରିନି। ଗତ ମ୍ୟାଚରେ ଦଳ ଏଟିକେ ମୋହନବାଗାନଠାରୁ ହାରିଛି। ଜର୍ଜ ଓରିଜ ଏକ ଗୋଲ ସ୍କୋର କରିବା ସହ ଯଦିଓ ଫର୍ମକୁ ଫେରିଥିବା ଭଳି ମନେ ହେଉଛନ୍ତି। ହେଲେ ଏହି ଜଣେ ଖେଳାଳିଙ୍କ ଉପରେ ଭରସା କରିବା ଠିକ୍ ହେବ ନାହିଁ। ଏହି ସ୍ପାନିଶ ଖେଳାଳି ଅବଶ୍ୟ ଚଳିତ ସିଜନରେ ବ୍ୟକ୍ତିଗତ ଦୁଇଟି ଗୋଲ ସ୍କୋର କରିବା ସହ ତିନୋଟିରେ ସହାୟତା କରିଛନ୍ତି। କୋଚ୍ ପେରିରା କହିଛନ୍ତି ତାଙ୍କ ଦଳର ପ୍ରଦର୍ଶନରେ କ୍ରମେ ଉନ୍ନତି ପରିଲକ୍ଷିତ ହେଉଛି। ଦଳର ଅନ୍ୟତମ ପ୍ରତିଭା ସମ୍ପନ୍ନ ଖେଳାଳି ଏଡୁ ବେଡିଆ ତାଙ୍କ ଟ୍ରେନିଂ ଆରମ୍ଭ କରିଛନ୍ତି। ତେବେ ମେଡିକାଲ ଟିମ୍‌ର କ୍ଲିଅରାନ୍ସ ପାଇଲେ ସେ ରବିବାର ମ୍ୟାଚରେ ଖେଳିପାରନ୍ତି। ହାମଷ୍ଟ୍ରିଙ୍ଗ୍ ଇଞ୍ଜୁରି ଥିବା ଅନ୍ୟଜଣେ ଖେଳାଳି ଏରାନ କାବେରା ଏପର୍ଯ୍ୟନ୍ତ ସୁସ୍ଥ ହୋଇ ନାହାନ୍ତି।


ଅଭ୍ୟାସ ଅବସରରେ ଏଫ୍‌ସି ଗୋଆ ଦଳ।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Published at 11/2, Industrial Estate, Berhampur,Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ପୃଷ୍ଠା–୮+୮

ଧରିତ୍ରୀ
DHARITRI

ବ୍ରହ୍ମପୁର, ରବିବାର, ଜାନୁୟାରୀ ୨/୨୦୨୨ (୮+୮=୧୬ ପୃଷ୍ଠା) Berhampur, Sunday, January 2/2022 | ପୃଷ୍ଠା-୧



**ଏଲିଜାବେଥ୍‌ଙ୍କ ନାମରେ ଦ୍ୱୀପ**

ଅଷ୍ଟ୍ରେଲିଆର ଆସ୍‌ପେନ୍ ଦ୍ୱୀପକୁ ବ୍ରିଟେନ ମହାରାଣୀ ଏଲିଜାବେଥ୍ ଦ୍ୱିତୀୟଙ୍କ ନାଁରେ ନାମିତ କରାଯିବ।

୦୮

୦୩

**କେନ୍ଦ୍ର ଦଖଲ ଲକ୍ଷ୍ୟରେ ମମତା**

ଟିଏମ୍‌ସିକୁ ୨୪ ବର୍ଷ ପୂରିଛି। ଆଗାମୀ ଲୋକ ସଭା ନିର୍ବାଚନରେ ଭାଜପାକୁ ଚ୍ୟାଲେଞ୍ଜ କରି କେନ୍ଦ୍ର ଦଖଲ କରିବାକୁ ମମତା ବାନାର୍ଜୀ ଲକ୍ଷ୍ୟ ରଖିଛନ୍ତି।





ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ଶିଶିର ସରସ ମେଳାରେ ନୂଆବର୍ଷରେ କିଣାକିଣି କରୁଛନ୍ତି ଲୋକେ।

# ବୈଷ୍ଣୋଦେବୀରେ ଦଳାଚକଟା: ୧୨ ମୃତ

**ଜମ୍ମୁ, ୧।୧**

ନୂଆବର୍ଷର ପ୍ରଥମ ଦିନରେ ଜମ୍ମୁ-କଶ୍ମୀରର କଟ୍ରାସ୍ଥିତ ମାତା ବୈଷ୍ଣୋଦେବୀ ପୀଠରେ ଦୁଃଖଦ ଘଟଣା ଘଟିଛି। ପ୍ରବଳ ଭିଡ଼ ଓ ଠେଲାପେଲା ଯୋଗୁ ଦଳାଚକଟାରେ ୧୨ ଜଣଙ୍କ ଜୀବନ ଯିବା ସହ ଅନ୍ୟ ୧୬ ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ଶୁକ୍ରବାର ରାତି ୨ଟା ୪୫ ମିନିଟରେ ଏହି ଦୁର୍ଘଟଣା ଘଟିଛି। ମନ୍ଦିର ପ୍ରଶାସନର ପରିଚାଳନାଗତ ତ୍ରୁଟିରୁ ଦଳାଚକଟା ଘଟିଲା ବୋଲି ପ୍ରତ୍ୟକ୍ଷଦର୍ଶୀ ଓ ଉପସ୍ଥିତ ଶ୍ରଦ୍ଧାଳୁମାନେ ଅଭିଯୋଗ କରିଛନ୍ତି।

ନୂଆବର୍ଷରେ ଏଭଳି ଦୁଃଖଦ ଘଟଣା ପାଇଁ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଜମ୍ମୁ-କଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଦୁଃଖ ପ୍ରକାଶ କରିଛନ୍ତି। ସେହିପରି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, କଂଗ୍ରେସ ନେତା ରାହୁଲ ଗାନ୍ଧୀ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। ମୃତକଙ୍କ ପରିବାରକୁ କେନ୍ଦ୍ରଶାସିତ ଅଞ୍ଚଳ ପକ୍ଷରୁ ୧୦ ଲକ୍ଷ ଓ ପ୍ରଧାନମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୨ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ଘୋଷଣା କରାଯାଇଛି। ଏଥିସହିତ ଆହତମାନଙ୍କୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୫୦ ହଜାର ଓ କେନ୍ଦ୍ରଶାସିତ ଅଞ୍ଚଳ ପ୍ରଶାସନ ପକ୍ଷରୁ ୨ ଲକ୍ଷ ଟଙ୍କା ଲେଖାଏ ଯୋଗାଇ ଦିଆଯିବ। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିବା ଉପରାଜ୍ୟପାଳ ମନୋଜ ସିହ୍ନା କହିଛନ୍ତି।

ମୃତ ଶ୍ରଦ୍ଧାଳୁଙ୍କ ମଧ୍ୟରୁ ୭ ଜଣ ଉତ୍ତରପ୍ରଦେଶର ହୋଇଥିବାବେଳେ ଦିଲ୍ଲୀରୁ ୩ ଜଣ ଅଛନ୍ତି। ଅନ୍ୟ ଦୁଇଜଣ ହରିୟାଣା ଓ ଜମ୍ମୁ-କଶ୍ମୀରର। ସେମାନଙ୍କ ନାଁ ମମତା(୩୮) ଏବଂ ଧୀରଜ କୁମାର (୨୬) ବୋଲି ଜଣାପଡ଼ିଛି। ୟୁପିର ୭ ଜଣ ହେଲେ ଶ୍ୱେତ୍ୱାତ ସିଂ (୩୫), ଧରମବୀର ସିଂ(୩୫), ବିନୀତ କୁମାର (୩୮), ଅରୁଣ ପ୍ରତାବ ସିଂ(୩୦), ମୋନୁ ଶର୍ମା (୩୨), ମୋହିନ୍ଦର ଗୌର (୨୬) ଏବଂ ନରୀନ୍ଦ୍ର କାଶପ(୪୦)। ସେହିପରି ଦିଲ୍ଲୀର ୩ ତୀର୍ଥଯାତ୍ରୀ ହେଲେ ଆକାଶ କୁମାର (୨୯), ସୋନୁ ପାଣ୍ଡେ(୨୪) ଏବଂ ବିନୟ କୁମାର(୨୪)। ଆହତମାନଙ୍କୁ ଶ୍ରୀ ମାତା ବୈଷ୍ଣୋଦେବୀ ନାରାୟଣ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ୬ ଜଣଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ିଦିଆଯାଇଛି।



ବୈଷ୍ଣୋଦେବୀ ପୀଠ ରାସ୍ତାରେ ଶ୍ରଦ୍ଧାଳୁଙ୍କ ଅସମ୍ଭାଳ ଭିଡ଼।

# ନୂଆ ବର୍ଷରେ ରାଜଧାନୀରେ ହତ୍ୟା

## ବଡ଼ପାଟି ନ କରିବାକୁ କହିବାରୁ ମାରିଦେଲେ

**ପୁରୁଣା ଭୁବନେଶ୍ୱର/ ଭୁବନେଶ୍ୱର,୧।୧(ବ୍ୟୁରୋ)**

ନବବର୍ଷ ୨୦୨୨ ଆରମ୍ଭର କିଛି କ୍ଷଣ ମଧ୍ୟରେ ରାଜଧାନୀରେ ଘଟିଛି ହତ୍ୟାକାଣ୍ଡ। ବଡ଼ପାଟି ନ କରିବାକୁ କହୁଥିବା ଜଣେ ବ୍ୟକ୍ତିଙ୍କୁ ଅଭିଯୁକ୍ତମାନେ ମାରଣାସ୍ତ୍ରରେ ହତ୍ୟା କରିଛନ୍ତି। ଏୟାରଫିଲ୍ଡ ଥାନା ସୁନ୍ଦରପଦା ନୂଆସାହି ହଜ୍ ପୋଖରୀ ନିକଟରେ ଘଟିଛି ଏହି ଘଟଣା। ମୃତକ ହେଲେ ସ୍ଥାନୀୟ କପିଳପ୍ରସାଦ ଗ୍ରାମର ଦୀପକ କୁମାର ରାଉତରାୟ (୫୫)। ଏନେଇ ପୋଲିସ ୪ଜଣ ଅଭିଯୁକ୍ତଙ୍କ ନାମରେ ଏକ ହତ୍ୟା ମାମଲା (ନଂ.୧/୨୨) ରୁଜୁ କରିଛି। ଅଭିଯୁକ୍ତମାନେ ହେଲେ କପିଳେଶ୍ୱର ଗ୍ରାମର ବିକି ମଲିଆ, ସୁଜିତ୍ ପଣ୍ଡା, ଗୁନୁ ମଲିଆ। ଆଉ ଜଣକ ନାମ ଜଣାପଡ଼ିନାହିଁ। ପୋଲିସ ଆଉ କେତେ ଜଣଙ୍କୁ ଧରିବାକୁ ଖୋଜାଖୋଜି କରୁଛି। ଅଭିଯୁକ୍ତଙ୍କ ନାମରେ ଏକାଧିକ ମାମଲା ଥିବା ପୋଲିସ କହିଛି। ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରୁ ବିଭିନ୍ନ ନମୁନା ସଂଗ୍ରହ କରିଛି। ଜଣେ ଅତିରିକ୍ତ ଡିସିପି ଓ ସ୍ଥାନୀୟ ଏସିପିଙ୍କ ତତ୍ତ୍ୱାବଧାନରେ ମାମଲାର ତଦନ୍ତ ଚାଲିଛି। ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଡିସିପି ଉମାଶଙ୍କର ଦାସ କହିଛନ୍ତି।

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଶୁକ୍ରବାର ରାତି ପ୍ରାୟ ୧୦ଟାରେ ନୂଆସାହି ହଜ୍ ପୋଖରୀ ପାଖରେ କପିଳେଶ୍ୱର ଗ୍ରାମର ବିକି, ସୁଜିତ୍, ଗୁନୁଙ୍କ ସହ ୮ରୁ ଅଧିକ ଯୁବକ ଭୋଜି କରୁଥିଲେ। ସେଠାରେ କପିଳପ୍ରସାଦର ଆଉ କିଛି ଯୁବକ ମଧ୍ୟ ଭୋଜି କରୁଥିଲେ। ଏହି ସମୟରେ ଉଭୟ ଗୋଷ୍ଠୀ ମଧ୍ୟରେ ବଚସା ହୋଇଥିଲା। ଏପରି କି କିଛି ସମୟ ଧରି ଗଣ୍ଡଗୋଳ ମଧ୍ୟ ହୋଇଥିଲା। ରାତି ପ୍ରାୟ ୧୧ଟା ବେଳେ ପରିସ୍ଥିତି ଶାନ୍ତ ପଡ଼ିଲା ପରେ ସମସ୍ତେ ଘରକୁ ପଳାଇଯାଇଥିଲେ। ତେବେ ବିକି, ସୁଜିତ୍, ଗୁନୁ ଓ ସହଯୋଗୀମାନେ କପିଳପ୍ରସାଦର ଅନ୍ୟଗୋଷ୍ଠୀ ଉପରେ ରାଗ ରଖି ବିଳମ୍ବିତ ରାତି ପ୍ରାୟ ୧ଟାରେ ମାରଣାସ୍ତ୍ର ଧରି ଘଟଣାସ୍ଥଳକୁ ଆସି ବଡ଼ପାଟିରେ ଗାଳିଗୁଲଜ କରିଥିଲେ। ଏହି ସମୟରେ ନିକଟସ୍ଥ ଷଣ୍ଢ କ୍ଲବରେ ଶୋଇଥିବା କପିଳପ୍ରସାଦ ଗ୍ରାମର ଦୀପକ କୁମାର ରାଉତରାୟ ଉଠି ସେମାନଙ୍କୁ ବଡ଼ ପାଟି ନ କରିବାକୁ କହିଥିଲେ। ନୂଆ ବର୍ଷ ହୋଇଗଲାଣି, ଯାହା ବଚସା ହୋଇଛି ସକାଳକୁ ବୁଝାଯିବ ବୋଲି ସେମାନଙ୍କୁ ବୁଝାଇଥିଲେ। ହେଲେ ଅଭିଯୁକ୍ତମାନେ ଏଥିରେ ଉତ୍‌କ୍ଷିପ୍ତ ହୋଇ ଦୀପକଙ୍କୁ ମାରଣାସ୍ତ୍ରରେ ☞ପୃଷ୍ଠା–୬



ଦୀପକ କୁମାର ରାଉତରାୟ

### ହତ୍ୟାକାରୀଙ୍କୁ ଗିରଫ ଦାବିରେ ଧାରଣା

ହତ୍ୟାକାରୀଙ୍କୁ ଗିରଫ ଦାବିରେ ଶନିବାର ପୂର୍ବାହ୍ନରେ କପିଳପ୍ରସାଦର ଗ୍ରାମବାସୀ ସୁନ୍ଦରପଦା ଶଙ୍କରାବଜାର ଛକରେ ଟାୟାର ଜାଳି ଧାରଣାରେ ବସିଥିଲେ। ମୃତକଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଓ ହତ୍ୟାକାରୀଙ୍କୁ ୨୪ ଘଣ୍ଟା ମଧ୍ୟରେ ଗିରଫ କରିବାକୁ ତାଙ୍କର ଦାବି ଥିଲା। ଅତିରିକ୍ତ ଡିସିପି ପି.କେ ରାଉତ, ଜୋନ-୨ ଏସିପି ବିଷ୍ଣୁପ୍ରସାଦ ପାତ୍ର, ଏୟାରଫିଲ୍ଡ ଥାନା ଅଧିକାରୀ ରାଧାକାନ୍ତ ସାହୁ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ସେମାନେ ଧାରଣାରୁ ଓହରିଥିଲେ।



ହତ୍ୟାକାରୀଙ୍କୁ ଗିରଫ ଦାବିରେ ଧାରଣା ଦେଇଥିବା କପିଳପ୍ରସାଦ ଗ୍ରାମବାସୀ।

# ପ୍ରଥମ ଦିନରେ ୪୫ ହଜାର ପଞ୍ଜୀକୃତ

**ଭୁବନେଶ୍ୱର, ୧।୧(ବ୍ୟୁରୋ)**

**ପିଲାଙ୍କୁ କୋଭିଡ୍ ଟିକା**

କରୋନାର ନୂଆ ଭାରିଆଣ୍ଟ ଓମିକ୍ରନ୍ ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ରାଜ୍ୟରେ ଟିକାକରଣକୁ ତ୍ୱରାନ୍ୱିତ କରାଯାଇଛି। ବୟସ୍କ ଓ ଯୁବବର୍ଗଙ୍କ ପରେ ଏବେ ପିଲାଙ୍କୁ ମଧ୍ୟ ଟିକା ଦିଆଯିବ। ଆସନ୍ତା ୩ ତାରିଖରୁ ପିଲାଙ୍କ ଟିକାକରଣ ଆରମ୍ଭ ହେବ। ପ୍ରାଥମିକ ପର୍ଯ୍ୟାୟରେ ୧୫ ରୁ ୧୮ ବୟସ୍କ କିଶୋରଙ୍କ ଟିକାକରଣକୁ ଗୁରୁତ୍ୱ ଦିଆଯାଇଥିବାବେଳେ ଏଥିପାଇଁ ଶନିବାରଠାରୁ ପଞ୍ଜୀକରଣ ଆରମ୍ଭ ହୋଇଛି। ତେବେ ପ୍ରଥମ ଦିନରେ ୪୫ ହଜାରରୁ ଅଧିକ ପିଲା ଟିକା ପାଇଁ ନାମ ପଞ୍ଜୀକରଣ କରିଥିବା ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ୨୦୦୫ରୁ ୨୦୦୭ ମଧ୍ୟରେ ଜନ୍ମ ହୋଇଥିବା ପିଲାଙ୍କ ଟିକାକରଣ ପାଇଁ କୋୱିନ ପୋର୍ଟାଲରେ ଏହି ପଞ୍ଜୀକରଣ କରାଯାଉଛି। ପ୍ରଥମେ ଲଗ୍ ଇନ୍ କରିବା ପରେ ମୋବାଇଲ ନମ୍ବର ଦେବାକୁ ହେବ। ଏହାପରେ ମୋବାଇଲ୍‌କୁ ଆସୁଥିବା ଓଟିପି ନମ୍ବର ଦେଇ ଟିକାକରଣ ପାଇଁ ନାମ ପଞ୍ଜୀକରଣ କରାଯାଇପାରିବ। କୋୱିନ ପୋର୍ଟାଲରେ ଆପଏଣ୍ଟମେଣ୍ଟ ବୁକ୍ କରି ୩ ତାରିଖ ପରଠାରୁ ପିଲା ଟିକା ନେଇପାରିବେ। ରାଜ୍ୟରେ ଏବେ ୨,୬୦୦ ଟିକାକରଣ କେନ୍ଦ୍ର ଅଛି। ସେଥିରୁ କେତେକ କେନ୍ଦ୍ରରେ କେବଳ କିଶୋରଙ୍କୁ ଟିକା ଦିଆଯିବ। ବାକି କେନ୍ଦ୍ରରେ ମଧ୍ୟ ନିର୍ଦ୍ଦିଷ୍ଟ ସମୟରେ କିଶୋରମାନେ ଟିକା ନେଇପାରିବେ। ଏହାଛଡ଼ା ଟିକାକରଣ କେନ୍ଦ୍ରରେ ଅନ୍‌ସାଇଟ୍ ସ୍ଲଟ୍ ବୁକିଂ ମଧ୍ୟ କରି ହେବ। ଏବେ ରାଜ୍ୟରେ ୧୫ଲକ୍ଷ ଡୋଜ୍ କୋଭାକ୍ସିନ ମହଜୁଦ ଥିବା ପରିବାର କଲ୍ୟାଣ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି।

# ସ୍ପେସ୍‌ରେ ନ୍ୟୁ ଇୟର୍

**ମସ୍କୋ, ୧।୧**

ନୂଆବର୍ଷ ପାଳନ ପାଇଁ ମହାକାଶଚାରୀଙ୍କ ଭିତରେ ଉତ୍ସାହ ଦେଖିବାକୁ ମିଳିଛି। ଚଳିତ ବର୍ଷ ସ୍ପେସ୍‌ରେ ପ୍ରଥମ କରି ୧୦ ମହାକାଶଚାରୀ ସୂର୍ଯ୍ୟ ଚାରିପାଖରେ ପୃଥିବୀର ଆଉ ଏକ ଘୂର୍ଣ୍ଣନ ଆରମ୍ଭ ଉତ୍ସବ ପାଳିଛନ୍ତି। ଏ ନେଇ ରୁଷିଆ ମହାକାଶ ଏଜେନ୍ସି ରୋସ୍କୋମୋସ୍ ପକ୍ଷରୁ ଶନିବାର ସୂଚନା ଦିଆଯାଇଛି। ଅନ୍ତର୍ଜାତୀୟ ସ୍ପେସ୍ ଷ୍ଟେଶନ(ଆଇଏସ୍ଏସ୍)ରେ ୭ ଏବଂ ଚାଇନା ଷ୍ଟେଶନ ତିଆଙ୍ଗଓଙ୍ଗ୍‌ରେ ୩ ଜଣ ନୂତନ ବର୍ଷ ପାଳନ କରିଛନ୍ତି। ମହାକାଶରେ ଏତେ ସଂଖ୍ୟାରେ ମହାକାଶଚାରୀ କୌଣସି ବର୍ଷକୁ ସ୍ୱାଗତ କରିବା ସ୍ପେସ୍ ଇତିହାସରେ ପ୍ରଥମ ବୋଲି ରୋସ୍କୋମୋସ୍ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି।

ରୁଷିଆ ସ୍ପେସ୍ ଏଜେନ୍ସି ଅନୁସାରେ, ଗତ ୨୧ ବର୍ଷ ମଧ୍ୟରେ ୮୩ ଜଣ ଅନ୍ତର୍ଜାତୀୟ ସ୍ପେସ୍ ଷ୍ଟେଶନରେ ନୂଆ ବର୍ଷ ଉତ୍ସବରେ ସାମିଲ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଅନେକ ଏକାଧିକ ଥର ନୂତନ ବର୍ଷରେ ମହାକାଶରେ ରହିଛନ୍ତି। ୟୁରୀ ରୋମାନେଙ୍କୋ ଏବଂ ଜର୍ଜୀ ଗ୍ରେଚ୍‌କୋ ପ୍ରଥମ ରୁଷୀୟ ମହାକାଶଚାରୀଭାବେ ୧୯୭୭-୭୮ରେ ପୃଥିବୀ କକ୍ଷରେ ରହିଥିଲେ। ଏଥିସହ ରୁଷିଆର ଆଣ୍ଟୋନ୍ ସ୍କାପ୍ଲେରୋଭ୍ ୨୦୧୨, ୨୦୧୫, ୨୦୧୮ ଏବଂ ୨୦୨୨ ବର୍ଷର ପ୍ରଥମ ଦିନକୁ ପୃଥିବୀ କକ୍ଷରେ କାଟିଛନ୍ତି।



ରୁଷିଆ ସ୍ପେସ୍ ଏଜେନ୍ସି ପକ୍ଷରୁ ଶନିବାର ଜାରି କରାଯାଇଥିବା ମହାକାଶଚାରୀଙ୍କ ଫଟୋ।

# ୨୦୨୧ରେ ୩୧ ହଜାର ମାମଲା

**ନୂଆଦିଲ୍ଲୀ, ୧।୧**

**ମହିଳା ବିରୋଧୀ ଅପରାଧ**

- ଉତ୍ତରପ୍ରଦେଶରେ ସବୁଠୁ ଅଧିକ
- ୨୦୨୦ ତୁଳନାରେ ୩୦% ବଢ଼ିଛି
- ୨୦୧୪ ପରଠାରୁ ସର୍ବାଧିକ

ମହିଳାଙ୍କ ପାଇଁ ଖରାପ ଥିଲା ୨୦୨୧ ବର୍ଷ। ପୂର୍ବାପେକ୍ଷା ଅଧିକ ହିଂସା ଏବଂ ଅପରାଧର ଶିକାର ହୋଇଛନ୍ତି ସେମାନେ। ଦେଶରେ ପ୍ରାୟ ୩୧, ୦୦୦ ମହିଳା ବିରୋଧୀ ଆପରାଧିକ ମାମଲା ଗତ ବର୍ଷ ରୁଜୁ ହୋଇଛି, ଯାହା କି ୨୦୨୦ ତୁଳନାରେ ୩୦ ପ୍ରତିଶତ ଅଧିକ। ସେଥିମଧ୍ୟରେ ସବୁଠୁ ଖରାପ ସ୍ଥିତି ରହିଛି ଉତ୍ତରପ୍ରଦେଶରେ। ଯୋଗୀ ଆଦିତ୍ୟନାଥ ସରକାରଙ୍କ ଶାସନାଧୀନ ଏହି ରାଜ୍ୟରେ ସର୍ବାଧିକ ମହିଳା ବିରୋଧୀ ହିଂସା ଏବଂ ଅପରାଧ ଘଟୁଥିବା ଜାତୀୟ ମହିଳା କମିଶନ(ଏନ୍‌ସିଡବ୍ଲ୍ୟୁ) ପକ୍ଷରୁ ଜଣାଯାଇଛି।

ଏନ୍‌ସିଡବ୍ଲ୍ୟୁ ତଥ୍ୟ ଅନୁସାରେ, ୨୦୧୪ ପରଠାରୁ ଦେଶରେ ମହିଳା ବିରୋଧୀ ହିଂସା ସମ୍ପର୍କିତ ସବୁଠୁ ଅଧିକ ଅଭିଯୋଗ ୨୦୨୧ ମସିହାରେ ଆସିଛି। ୨୦୨୦ରେ ଏହି ସଂଖ୍ୟା ୨୩,୭୨୨ ରହିଥିବାବେଳେ ୨୦୨୧ରେ ତାହା ୩୦,୮୬୪କୁ ବୃଦ୍ଧି ପାଇଛି। ୨୦୧୪ରେ ଏହି ମାମଲା ସଂଖ୍ୟା ୩୩,୯୦୬ ରହିଥିଲା। ଏଥିମଧ୍ୟରୁ ୧୫,୮୨୮ ଅଭିଯୋଗ କେବଳ ଉତ୍ତରପ୍ରଦେଶରୁ ରହିଛି। ମହିଳାଙ୍କ ଭାବାବେଗକୁ ଆଘାତ ଲାଗିବା ଏବଂ ସମ୍ମାନର ସହ ବଞ୍ଚିବା ଅଧିକାରରୁ ସେମାନଙ୍କୁ ବଞ୍ଚାଇ ରଖିବାଜନିତ ମାମଲା ସଂଖ୍ୟା ୧୧,୦୧୩ ରହିଛି। ଏଥିସହିତ ଘରୋଇ ହିଂସାଜନିତ କେସ୍ ୬,୬୩୩ ଏବଂ ଯୌତୁକଜନିତ ହିଂସା ମାମଲା ୪,୫୮୯ ରହିଛି। ମହିଳାଙ୍କୁ ସମ୍ମାନର ସହ ବଞ୍ଚିବା ଅଧିକାରରୁ ବଞ୍ଚିତ ରଖାଯାଉଥିବା ସମ୍ପର୍କିତ ଅଭିଯୋଗ ମଧ୍ୟ ଉତ୍ତରପ୍ରଦେଶରୁ ସର୍ବାଧିକ। ଏହାତଳକୁ ଦିଲ୍ଲୀରୁ ୩,୩୩୬, ମହାରାଷ୍ଟ୍ରରୁ ୧୫୦୪, ହରିୟାଣାରୁ ୧୪୬୦ ଏବଂ ବିହାରରୁ ୧୪୫୬ କେସ୍ ରହିଛି।

ହିଂସା ସହ ଜଡ଼ିତ ଅପରାଧ ସମ୍ପର୍କରେ ଏତଲା ଦାୟର ପାଇଁ ଲୋକଙ୍କୁ ସଚେତନ କରାଯାଉଥିବାରୁ ମାମଲା ସଂଖ୍ୟା ବଢ଼ିଥିବା ଏନସିଡବ୍ଲ୍ୟୁ ମୁଖ୍ୟ ରେଖା ଶର୍ମା ପୂର୍ବରୁ କହିଥିଲେ। ଗତ ବର୍ଷ ଜୁଲାଇରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ପ୍ରତି ମାସରେ ୩,୧୦୦ରୁ ଅଧିକ ଅଭିଯୋଗ ଆସିଥିଲା। ପୂର୍ବରୁ ୨୦୧୮ ନଭେମ୍ବରରେ '#ମି ଟୁ' ଅଭିଯାନ ବେଳେ ୩,୦୦୦ ଏତଲା ଗ୍ରହଣ କରାଯାଇଥିଲା। ଗତ ବର୍ଷ ମହିଳାଙ୍କ ମର୍ଯ୍ୟାଦାହାନି ସମ୍ପର୍କିତ ଅଭିଯୋଗ ୧୮୧୯ ରହିଥିବାବେଳେ ବଳାତ୍କାର ଏବଂ ବଳାତ୍କାର ଉଦ୍ୟମ ଅଭିଯୋଗ ସଂଖ୍ୟା ୧୫୩୭ ରହିଛି। ସାଇବର ଅପରାଧର ଶିକାର ହୋଇଥିବା ମହିଳାଙ୍କ ଅଭିଯୋଗ ସଂଖ୍ୟା ୮୫୮ ଥିବା ଏନ୍‌ସିଡବ୍ଲ୍ୟୁ ତଥ୍ୟ କହୁଛି। ପୂର୍ବାପେକ୍ଷା ଏବେ ମହିଳାମାନେ ଭୟ ନ କରି ସେମାନେ ଶିକାର ହେଉଥିବା ଅପରାଧ ଓ ହିଂସା ବାବଦରେ ଅଭିଯୋଗ କରିବାକୁ ଆଗକୁ ଆସୁଛନ୍ତି, ଯାହା କି ସମାଜ ପାଇଁ ଭଲ ବୋଲି ଆକାଂକ୍ଷ ଶ୍ରୀବାସ୍ତବ ଫାଉଣ୍ଡେଶନର ପ୍ରତିଷ୍ଠାତା ଆକାଂକ୍ଷ ଶ୍ରୀବାସ୍ତବ କହିଛନ୍ତି।

# ମହିଳାଙ୍କ ପ୍ରତି ହିଂସା ଈଶ୍ୱରଙ୍କୁ ଅପମାନ: ପୋପ୍

**ଭାଟିକାନ୍ ସିଟି, ୧।୧**

ନୂଆବର୍ଷ ଉପଲକ୍ଷେ କ୍ୟାଥୋଲିକ୍ ଧର୍ମଗୁରୁ ପୋପ୍ ଫ୍ରାନ୍ସିସ୍ ଶନିବାର ବିଶ୍ୱକୁ ମହିଳା ବିରୋଧୀ ହିଂସା ରୋକିବାକୁ ଆହ୍ୱାନ ଦେଇଛନ୍ତି। ମହିଳାଙ୍କ ପ୍ରତି ହିଂସା ଈଶ୍ୱରଙ୍କୁ ଅପମାନ ବୋଲି ୮୫ ବର୍ଷୀୟ ପୋପ୍ ସେଣ୍ଟ ପିଟର୍ସ ବାସିଲିକାର ରୋମାନ କ୍ୟାଥୋଲିକ୍ ଚର୍ଚ୍ଚରେ ଆୟୋଜିତ ଏକ ସମାରୋହରେ କହିଛନ୍ତି। ମାତୃତ୍ୱ ଏବଂ ସମାଜରେ ମହିଳାଙ୍କ ଗୁରୁତ୍ୱକୁ ପୋପ୍ ନୂଆବର୍ଷରେ ଫୋକସ୍ କରିଥିଲେ। ଜୀବନର ସୂତ୍ରଧାରୀ ତଥା ବିଶ୍ୱକୁ ଏକତ୍ର କରି ରଖିବାରେ ଗୁରୁଦାୟିତ୍ୱ ତୁଲାଉଥିବା ମହିଳାଙ୍କ ବିରୋଧରେ ହିଂସା ବନ୍ଦ କରିବାକୁ ସେ ନୂଆବର୍ଷର ପ୍ରସଙ୍ଗ କରିଥିଲେ। କୋଭିଡ୍-୧୯ ଆରମ୍ଭ ହେବା ପରଠାରୁ ମହିଳା ବିରୋଧୀ ହିଂସା ବୃଦ୍ଧିକୁ ନେଇ ପୂର୍ବରୁ ମଧ୍ୟ ପୋପ୍ ଉଦ୍‌ବେଗ ପ୍ରକାଶ କରିଆସୁଛନ୍ତି।



# କପିଳାସ ଅଭୟାରଣ୍ୟରେ ଖୁବ୍‌ଶୀଘ୍ର ସଫାରି

ଢେଙ୍କାନାଳ ଅଫିସ, ୧।୧

■ବଦଳୁଛି କଳେବର, ଆକର୍ଷଣୀୟ ହେଉଛି ପରିବେଶ
■ତୃଣଭୋଜୀଙ୍କ ପାଇଁ ୨୦ ହେକ୍ଟରରେ ଲାଗିବ ଘାସ
■ନିର୍ମାଣ ଚାଲିଛି ୧୫ କିଲୋମିଟର ପାଦଚଲା ରାସ୍ତା


କପିଳାସ ଅଭୟାରଣ୍ୟ ପ୍ରବେଶ ଦ୍ୱାର ।

ବଦଳୁଛି କପିଳାସ ଅଭୟାରଣ୍ୟର କଳେବର । ଢେଙ୍କାନାଳ ଜିଲାର ଏହି ପ୍ରମୁଖ ସଂରକ୍ଷିତ ଜଙ୍ଗଲକୁ ପର୍ଯ୍ୟଟନ ଅନୁକୂଳ କରିବାକୁ ବନ ବିଭାଗ ପକ୍ଷରୁ ଲଗାତର ପ୍ରୟାସ ଜାରି ରହିଛି । ସଫାରି ସମେତ ଏଠାରେ ଜାରି ରହିଥିବା ପ୍ରକଳ୍ପଗୁଡ଼ିକ ମଧ୍ୟରୁ ଅଧିକାଂଶ ୨୦୨୨ ଶେଷ ସୁଦ୍ଧା ପୂର୍ଣ୍ଣାଙ୍ଗ ରୂପ ନେବ । ଏହା କାର୍ଯ୍ୟକ୍ଷମ ହେଲେ ଦେଶୀୟ ଏବଂ ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ । ତା' ସାଙ୍ଗକୁ ରାଜସ୍ୱ ମଧ୍ୟ ବଢ଼ିବ ।

୧୨୫୫୯.୫୯ ହେକ୍ଟର ପରିମିତ କପିଳାସ ଜଙ୍ଗଲକୁ ୨୦୧୧ ଏପ୍ରିଲ୍ ୨ରେ ଅଭୟାରଣ୍ୟ ମାନ୍ୟତା ମିଳିଥିଲା । ଏବେ ଏହି ସଂରକ୍ଷିତ ନିଷିଦ୍ଧାଞ୍ଚଳରେ ହରିଣ, ଶମ୍ବର, କୁଟୁରା ଭଳି ତୃଣଭୋଜୀ ପ୍ରାଣୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ସେମାନଙ୍କ ଖାଦ୍ୟ ସମସ୍ୟା ଦୂର କରିବା ଏବଂ ବିସ୍ତୀର୍ଣ୍ଣ ଚାରଣ ଭୂମି ସୃଷ୍ଟି କରିବା ଉଦ୍ଦେଶ୍ୟରେ ୨୦ ହେକ୍ଟର ଜାଗାରେ ଘାସ ଲଗାଯିବ । ଏଥିଲାଗି ଦୁଇଟି ନିର୍ଦ୍ଦିଷ୍ଟ ଅଞ୍ଚଳ ଚିହ୍ନଟ କରାଯାଇଛି । ସମ୍ପୃକ୍ତ ୨ ସ୍ଥାନରେ ଘାସ ନ ଥିବାରୁ ଖାଦ୍ୟଶୃଙ୍ଖଳ ପ୍ରଭାବିତ ହେଉଛି । ସେହିପରି ଅଭୟାରଣ୍ୟରେ ସଫାରି କାମ ଆଗେଇ ଚାଲିଛି । ଏଥିଲାଗି ଶୋରିଷିଆପଦାଠାରୁ ବଣିଆ ଯାଏ ୧୫ କିଲୋମିଟର ରାସ୍ତା ନିର୍ମାଣ କରାଯାଉଛି । ଅଭୟାରଣ୍ୟର ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା, ନିକଟରୁ ବନ୍ୟପ୍ରାଣୀଙ୍କୁ ଦେଖିବା ଲାଗି ଏକ ୱାଚ୍ ଟାୱାର ମଧ୍ୟ ତିଆରି ଚାଲିଛି । ସଫାରିରେ ପର୍ଯ୍ୟଟକଙ୍କୁ ନେବାଆଣିବା ଲାଗି ୨ଟି ଗାଡ଼ି କିଣାଯିବ । ଏଥିଲାଗି ଅର୍ଥ ମଞ୍ଜୁର ହୋଇଛି । ଚଳିତବର୍ଷ ସଫାରି କାର୍ଯ୍ୟକ୍ଷମ ହେବ ବୋଲି ଲକ୍ଷ୍ୟ ରଖାଯାଇଥିବାବେଳେ ପର୍ଯ୍ୟଟକମାନେ ଟିକେଟ କାଟି ଏହାର ମଜା ନେଇପାରିବେ ।

ଏ ସଂକ୍ରାନ୍ତରେ ଡିଏଫ୍‌ଓ ଡା. ପ୍ରକାଶଚାନ୍ଦ ଗୋଗିନେନି କୁହନ୍ତି, ଶିମିଳିପାଳ, ସାତକୋଶିଆ ଭଳି କପିଳାସ ଅଭୟାରଣ୍ୟରେ ପର୍ଯ୍ୟଟନର ଅପାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ କାର୍ଯ୍ୟ ଜାରିରହିଛି । କପିଳାସ ଅଭୟାରଣ୍ୟ ସମେତ ସପ୍ତଶଯ୍ୟା ସଂରକ୍ଷିତ ଜଙ୍ଗଲର ରକ୍ଷଣାବେକ୍ଷଣ ଲାଗି ଦେଢ଼ କୋଟି ଟଙ୍କା ମଞ୍ଜୁର ହୋଇଛି । କେଉଁ ପ୍ରକଳ୍ପରେ କେତେ ଟଙ୍କା ଖର୍ଚ୍ଚ ହେବ ସେ ନେଇ ରାଜ୍ୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକୁ ଅପେକ୍ଷା କରାଯାଇଛି । ସେହିପରି କପିଳାସ ପ୍ରାଣୀ ଉଦ୍ୟାନ ହାତୀ ରେସ୍‌କ୍ୟୁ ସେଣ୍ଟରକୁ ଉଦ୍ଧାର ହୋଇ ଆସୁଥିବା ଛୁଆହାତୀଙ୍କ ଚଳପ୍ରଚଳ ଲାଗି ଏକ କାଠ ଘେରାବନ୍ଦୀ ସ୍ଥାନ କରାଯିବାକୁ ଯୋଜନା ହେଉଥିବା ଡିଏଫ୍‌ଓ ସୂଚନା ଦେଇଛନ୍ତି ।

# ସୀମାନ୍ତରେ ସ୍ଥିତି ଜାହିର କଲେ ମାଓବାଦୀ

ମାଲକାନଗିରି/ଟିକିରି, ୧।୧(ଡି.ଏନ୍.ଏ.)

ବର୍ଷ ଆରମ୍ଭରୁ ମାଓବାଦୀମାନେ ନିଜ ସ୍ଥିତି ଜାହିର କରିଛନ୍ତି । ମାଲକାନଗିରି ଜିଲା ସୀମାନ୍ତ ସୁକୁମାର କୁଟ୍ରୁରଠାରୁ କାର୍ଲିକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ମାଓବାଦୀମାନେ ରାସ୍ତା ଖୋଳିବା ସହ ବିଭିନ୍ନ ସ୍ଥାନରେ ଗଛ କାଟି ରାସ୍ତା ଅବରୋଧ କରିଛନ୍ତି । ଏଥିସହ ରାସ୍ତାର ବିଭିନ୍ନ ସ୍ଥାନରେ ବ୍ୟାନର ଲଗାଇ ନିଜର ସ୍ଥିତି ଜାହିର ସୂଚନା ଦେଇଛନ୍ତି । ଛତିଶଗଡ଼ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ମାଓବାଦୀ ବିରୋଧୀ ବସ୍ତର ଫାଇଟର ନିଯୁକ୍ତିରେ ଯୋଗ ନ ଦେବାକୁ ସେମାନେ ଏହି ପୋଷ୍ଟରରେ ଉଲ୍ଲେଖ କରିଛନ୍ତି । ସେମାନେ ଶୁକ୍ରବାର ବିଳମ୍ବିତ ରାତିରେ ଏପରି ଘଟଣା ଘଟାଇଥିବା ଅନୁମାନ କରାଯାଉଛି । ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ରାସ୍ତାରୁ ଗଛ ଓ ମାଓବାଦୀ ପୋଷ୍ଟର ହଟାଇଥିଲା ।

ସେହିପରି ରାୟଗଡ଼ା ଜିଲା କାଶୀପୁର ବ୍ଲକ ଦୋରାଗୁଡ଼ାସ୍ଥିତ କମ୍ପର ଛକରେ ଶନିବାର ସକାଳେ ଏକ ମାଓବାଦୀ ପୋଷ୍ଟର ଦେଖିବାକୁ ମିଳିଛି । କେନ୍ଦ୍ର ସରକାର ଓ ରାଜ୍ୟ ସରକାର, ୱାର୍ଡ ମେମ୍ବରଠାରୁ ଆରମ୍ଭକରି ବିଧାୟକ, ଏମ୍‌ପି ଏବଂ ସରକାରୀ କର୍ମଚାରୀ ସମସ୍ତେ ଗରିବ ଲୋକଙ୍କୁ ଠକି ଚାଲିଛନ୍ତି ବୋଲି ଏଥିରେ ଉଲ୍ଲେଖ ରହିଛି । କାଶୀପୁର ବ୍ଲକରେ ରହିଥିବା ଉତ୍କଳ ଆଲୁମିନା କମ୍ପାନୀ ଏବଂ ରାଜ୍ୟର ୪୫ କମ୍ପାନୀରୁ ୨୨ଟି ବନ୍ଦ କରାଯାଉ ବୋଲି କୁହାଯାଇଛି । ଅନ୍ୟ କିଛି ଲେଖା ସ୍ପଷ୍ଟ ଦେଖାଯାଉନାହିଁ । ସିପିଆଇ(ମାଓବାଦୀ)ଙ୍କ ପକ୍ଷରୁ ଏହି ପୋଷ୍ଟର ଲଗାଯାଇଥିବା ଉଲ୍ଲେଖ ରହିଛି । ଖବର ପାଇ ପୋଲିସ ସନ୍ଧ୍ୟାରେ ପୋଷ୍ଟର ଜବତ କରିଛି ।


ମାଓବାଦୀମାନେ ସୁକୁମାର କାର୍ଲିରାସ୍ତାରେ ଲଗାଇଥିବା ପୋଷ୍ଟର ଏବଂ କାଟି ପକାଇଥିବା ଗଛ ।

# ଏସ୍‌ସିଡିଆର୍‌ସି ସଚିବଙ୍କ ପଦୋନ୍ନତି

କଟକ ଅଫିସ,୧।୧

ରାଜ୍ୟ ଉପଭୋକ୍ତା ବିବାଦ ସମାଧାନ ଆୟୋଗ (ଏସ୍‌ସିଡିଆରସି) ସଚିବ ଅଭିଜିତ୍ ପଲେଇଙ୍କ ପଦୋନ୍ନତି ହୋଇଛି । ତାଙ୍କୁ କଟକ ଜିଲା କୋର୍ଟର ତୃତୀୟ ଅତିରିକ୍ତ ବିଚାରପତି ଭାବେ ନିଯୁକ୍ତି ମିଳିଛି । ଆସନ୍ତା ୩ରେ ସେ କାର୍ଯ୍ୟରେ ଯୋଗଦେବେ । ସୂଚନାଯୋଗ୍ୟ, ରାଜ୍ୟ ଖାଉଟି ବିବାଦ ସମାଧାନ ଆୟୋଗର ସଚିବ ଭାବେ ଜଷ୍ଟିସ ପଲେଇ କାର୍ଯ୍ୟ କରି ସାଧାରଣ ଲୋକଙ୍କ ବହୁ ଉନ୍ନୟନ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ । ତାଙ୍କ କାର୍ଯ୍ୟକାଳ ସମୟରେ ବହୁ ଲୋକଙ୍କ ଖାଉଟି ବିବାଦ ସମ୍ପର୍କିତ ମାମଲା ସମାଧାନ କରାଯାଉଥିଲା ।







See Career Appointment on every Wednesday & Saturday



























# କେନ୍ଦ୍ର ଦଖଲ ଲକ୍ଷ୍ୟରେ ମମତା

କୋଲକାତା, ୧ା୧

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଦ୍ୱାରା ପ୍ରତିଷ୍ଠିତ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଶନିବାର ୨୪ ବର୍ଷ ପୂରଣ କରିଛି। ପଶ୍ଚିମବଙ୍ଗର ବାମ ସାମ୍ମୁଖ୍ୟକୁ କ୍ଷମତାଚ୍ୟୁତ କରିବା ପାଇଁ ୧୯୯୮ ଜାନୁୟାରୀ ୧ରେ ଏହି ଦଳ ପ୍ରତିଷ୍ଠା କରାଯାଇଥିଲା। ଉକ୍ତ ଦଳ ରାଜ୍ୟରେ ୩୪ ବର୍ଷର ବାମଦଳ ଶାସନର ଅନ୍ତ ଘଟାଇ ୨୦୧୧ରେ କ୍ଷମତାକୁ ଆସିଥିଲା। ମମତାଙ୍କ ନେତୃତ୍ୱରେ ଟିଏମ୍‌ସି କ୍ରମାଗତ ତୃତୀୟ ଥର ପାଇଁ ପଶ୍ଚିମବଙ୍ଗରେ ସରକାର ଗଢ଼ିଥିବାବେଳେ ଏବେ କେନ୍ଦ୍ରରେ କ୍ଷମତା ଦଖଲ ଲାଗି ଲକ୍ଷ୍ୟ ରଖିଛି। ଇତିମଧ୍ୟରେ ଦଳ ପଶ୍ଚିମବଙ୍ଗ ବାହାରେ ଗୋଆ, ତ୍ରିପୁରା, ମେଘାଳୟ ଓ ହରିୟାଣାରେ ସଂଗଠନ ସୃଷ୍ଟି କରିଛି ଏବଂ ୨୦୨୪ ଲୋକ ସଭା ନିର୍ବାଚନରେ ଭାଜପାକୁ ସିଧାସଳଖ ଚ୍ୟାଲେଞ୍ଜ କରିବା ଯୋଜନାରେ ରହିଛି।

କଂଗ୍ରେସ ଛାଡ଼ି ଟିଏମ୍‌ସି ଗଢ଼ିଥିବା ମମତା ସର୍ବପୁରାତନ ଦଳକୁ ଚ୍ୟାଲେଞ୍ଜ କରି ମୁଖ୍ୟ ବିରୋଧୀ ଦଳ ଭୂମିକା ନେବାକୁ ଉଦ୍ୟମ ଚଳାଇଛନ୍ତି। ୨୦୨୧ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ବିପୁଳ ବିଜୟ ପରେ ଟିଏମ୍‌ସି ନିଜକୁ ପ୍ରକୃତ କଂଗ୍ରେସ ଭାବେ ଉପସ୍ଥାପିତ କରିବା ସହ ଗୈରିକ ଦଳକୁ ମୁକାବିଲା କରିବା ପାଇଁ ଏକମାତ୍ର ଉପଯୁକ୍ତ ଦଳ ବୋଲି ଦାବି କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ନିଜକୁ ମୁଖ୍ୟ ବିରୋଧୀ ଦଳର ଚେହେରା ଭାବେ ଉପସ୍ଥାପନ କରିବାକୁ ବିଭିନ୍ନ ରାଜ୍ୟ ଓ ଭିନ୍ନ ଭିନ୍ନ ଦଳର ନେତାଙ୍କୁ ଟିଏମ୍‌ସିରେ ସାମିଲ କରାଉଛନ୍ତି। ୨୦୨୪ ନିର୍ବାଚନ ପୂର୍ବରୁ ଦେଶବ୍ୟାପୀ ପ୍ରଚାର ଚଳାଇବାକୁ ମମତା ଲକ୍ଷ୍ୟ ରଖିଛନ୍ତି।

### ଟିଏମ୍‌ସିକୁ ୨୪ ବର୍ଷ



ମେଘାଳୟରେ ଟିଏମ୍‌ସିର କୌଣସି ବିଧାୟକ ନ ଥିବାବେଳେ ଏବେ ଏହା ରାଜ୍ୟ ବିଧାନସଭାରେ ମୁଖ୍ୟ ବିରୋଧୀ ଦଳ ଭାବେ ଉଭା ହୋଇଛି। କଂଗ୍ରେସର ୧୭ ବିଧାୟକଙ୍କ ମଧ୍ୟରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ମୁକୁଲ ସାଙ୍ଗମାଙ୍କ ନେତୃତ୍ୱରେ ୧୨ ଜଣ ଟିଏମ୍‌ସିରେ ଯୋଗ ଦେଇଛନ୍ତି। ସେହିପରି ତ୍ରିପୁରାରେ ଟିଏମ୍‌ସି ଶାସକ ଭାଜପାକୁ ଚ୍ୟାଲେଞ୍ଜ ଦେବା ଲକ୍ଷ୍ୟରେ ରହିଛି। ନିକଟରେ ଟିଏମ୍‌ସିରେ ବିହାରର କଂଗ୍ରେସ ନେତା ତଥା ପୂର୍ବତନ ଭାଜପା ଏମ୍‌ପି କୀର୍ତ୍ତି ଆଜାଦ, ପୂର୍ବତନ ଜେଡିୟୁଏମ୍‌ପି ପୱନ ବର୍ମା, ହରିୟାଣାର ପୂର୍ବତନ କଂଗ୍ରେସ ସଭାପତି ଅଶୋକ ତନୱର, ଦିଲ୍ଲୀ ଆର୍‌ଟିଆଇ କର୍ମୀ ସାକେତ୍ ଗୋଖଲେ, ପୂର୍ବତନ ମହିଳା କଂଗ୍ରେସ ମୁଖ୍ୟ ସୁଷ୍ମିତା ଦେବ, ପୂର୍ବତନ ଗୋଆ ମୁଖ୍ୟମନ୍ତ୍ରୀ ଲଇଝିନୋ ପଲେରିଓ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବାବୁଲ ସୁପ୍ରିୟୋ ପ୍ରମୁଖ ଯୋଗ ଦେଇଛନ୍ତି। ଟିଏମ୍‌ସି ଆଞ୍ଚଳିକ ଦଳରୁ ଜାତୀୟ ଦଳର ମାନ୍ୟତା ହାସଲ ପାଇଁ ଉଦ୍ୟମ ଚଳାଇଛି।

# ଶାହାଙ୍କ ଉପରେ ବର୍ଷିଲେ ମାୟାବତୀ

ଲକ୍ଷ୍ନୌ, ୧ା୧

### ବହନଜୀ ଭୟଭୀତ ମନ୍ତବ୍ୟ

ବହୁଜନ ସମାଜ ପାର୍ଟି (ବିଏସ୍‌ପି) ଅଧ୍ୟକ୍ଷା ମାୟାବତୀ ଶନିବାର ଭାଜପା ନେତାମାନଙ୍କ ଉପରେ ବର୍ଷିଛନ୍ତି। ରାଜକୋଷୀୟ ଅର୍ଥ ଶାସକ ଦଳର ନେତାମାନଙ୍କୁ ଶୀତଦିନେ ଗରମ ରଖୁଥିବା ସେ ଅଭିଯୋଗ କରିଛନ୍ତି। ଭାଜପାର କାର୍ଯ୍ୟ କରିବା ଢାଞ୍ଚା ସ୍ୱତନ୍ତ୍ର। ଏହା ଅନ୍ୟ କୌଣସି ଦଳକୁ ନକଲ କରିବାକୁ ଚାହେଁନାହିଁ ବୋଲି ମାୟାବତୀ କହିଛନ୍ତି। ଦୁଇଦିନ ତଳେ ଏକ ରାଲିକୁ ସମ୍ବୋଧିତ କରି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା 'ବହନଜୀ ଭୟଭୀତ, ଏପର୍ଯ୍ୟନ୍ତ ଶୀତରୁ ବାହାରୁ ନାହାନ୍ତି ବୋଲି ମାୟାବତୀଙ୍କୁ ଲକ୍ଷ୍ୟ କରି କହିଥିଲେ। ନିର୍ବାଚନ ମୁଣ୍ଡ ଉପରେ ହେଲେ ବହନଜୀ ପ୍ରଚାର ପାଇଁ ବାହାରୁନାହାନ୍ତି। ସେ ସମ୍ପୂର୍ଣ୍ଣ ଭୟଭୀତ ଥିବା ଜଣାପଡୁଛି ବୋଲି ଶାହା ୟୁପିର ବିଭିନ୍ନ ସ୍ଥାନରେ ଜନ ବିଶ୍ୱାସ ଯାତ୍ରାକୁ ସମ୍ବୋଧିତ କରି କହିଥିଲେ।



ମାୟାବତୀ ଖବରଦାତାମାନଙ୍କୁ କହିଛନ୍ତି, ଯେତେବେଳେ କେନ୍ଦ୍ର କିମ୍ବା ରାଜ୍ୟରେ କଂଗ୍ରେସ ଓ ଭାଜପା କ୍ଷମତାରେ ଥାଆନ୍ତି, ସେମାନେ ନିର୍ବାଚନର କିଛି ମାସ ପୂର୍ବରୁ ବାରମ୍ବାର ସାଧାରଣ ସଭା କରିଥାନ୍ତି। ଏଥିପାଇଁ ସରକାରୀ ଅର୍ଥ ବା ଗରିବ ଲୋକଙ୍କ ଟିକସ ଅର୍ଥ ଖର୍ଚ୍ଚ ହୁଏ। ସେହି ରାଜସ୍ୱ ଅର୍ଥ ସେମାନଙ୍କୁ ଗରମ ରଖିଥାଏ। ଏହି ଦଳଗୁଡ଼ିକ କ୍ଷମତାରେ ନ ଥିଲେ ଆମ ଭଳି ହୋଇଥାନ୍ତି। ସେମାନେ ସାଧାରଣ ସଭା, ଉଦ୍‌ଘାଟନ କିମ୍ବା ଶିଳାନ୍ୟାସ କରି ନ ଥାନ୍ତି ବୋଲି ମାୟାବତୀ କହିଛନ୍ତି।







# ଭୋଟ ପରେ ଟିକସ ବୋଝ : କଂଗ୍ରେସ



ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତୃବୃନ୍ଦ।

ଭୁବନେଶ୍ୱର,୧ା୧(ବ୍ୟୁରୋ)

ବିଗତ ୭ବର୍ଷ ଭଳି ଏ ବର୍ଷ ମଧ୍ୟ ଦେଶର ଜନତାଙ୍କୁ ମୋଦି ସରକାରଙ୍କ ତରଫରୁ ଯେଉଁ ଉପହାର ଦିଆଯାଉଛି ତାହା ହେଉଛି 'ମହଙ୍ଗାଇର ମାଡ଼' ବା 'ଦରଦାମ ବୃଦ୍ଧିର ମାଡ଼'। ବର୍ତ୍ତମାନ ତରବରିଆ ଭାବେ ବର୍ଦ୍ଧିତ ଟିକସକୁ ସ୍ଥଗିତ ରଖାଯାଇଛି, ନିର୍ବାଚନ ସରିଲେ ଏହାକୁ ଲାଗୁ କରାଯିବ। ଜନତାଙ୍କ ଉପରେ ଟିକସ ବୋଝ ଲଦି ଦିଆଯିବ ବୋଲି କଂଗ୍ରେସ କହିଛି। ଶନିବାର କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବିହାର ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ସଭାପତି ଅନିଲ ଶର୍ମା ଦରବୃଦ୍ଧିକୁ ନେଇ କେନ୍ଦ୍ରର ଭାଜପା ସରକାରଙ୍କ ଉପରେ ବର୍ଷିଛନ୍ତି। ସେ କହିଛନ୍ତି, ମୋଦି ସରକାର ବର୍ଷସାରା ୧୦ ପ୍ରତିଶତ ବେକାରୀ ବୃଦ୍ଧି କରି ୨୦୨୧ ଭେଟି ଦେଇଥିବାବେଳେ ୨୦୨୨ ଆରମ୍ଭର ପୂର୍ବ ଦିନରେ ଟିକସ ବୃଦ୍ଧି କରି ନୂଆ ବର୍ଷର ମହଙ୍ଗା ଉପହାର ଦେଇଛନ୍ତି। କ'ଣ ଏଇଥିପାଇଁ ଆମ୍ଭେମାନେ ମୋଦୀ ମହାଶୟଙ୍କୁ ଧନ୍ୟବାଦ ଦେବା ଦରକାର? ବୋଲି ସେ ଜନତାଙ୍କୁ ପ୍ରଶ୍ନ କରିବା ସହ କହିଛନ୍ତି, ୨୦୨୧ ନଭେମ୍ବରରେ ପାଇକାରୀ ଦର ସୂଚକାଙ୍କ ବିଗତ ୧୦ବର୍ଷ ମଧ୍ୟରେ ୧୪.୨୩ ପ୍ରତିଶତ ହାରରେ ସର୍ବାଧିକ ଥିଲା। ଏବେ ନୂଆବର୍ଷରେ ଟିକସ ବୃଦ୍ଧିର ପ୍ରଭାବ ଖୁବ୍‌ଶୀଘ୍ର ଅନୁଭବ ହେବ। ନିତ୍ୟ ବ୍ୟବହୃତ, ଖାଦ୍ୟ, କପଡ଼ାଠାରୁ ଆରମ୍ଭ କରି ଜୋତା, ଏଟିମରୁ ଟଙ୍କା ଉଠାଣ କିମ୍ବା ଟୋଲ ଟିକସ, ପ୍ରତ୍ୟେକ ଦ୍ରବ୍ୟ ଓ ସେବାର ଦରବୃଦ୍ଧି ହେବାକୁ ଯାଉଛି ବୋଲି ସେ କହିଛନ୍ତି। ପୋଷାକ ଭଳି ଦ୍ରବ୍ୟ ଆହୁରି ମହଙ୍ଗା ହେବ। ଏହି ଦ୍ରବ୍ୟଗୁଡ଼ିକ ଉପରେ ରହିଥିବା ୫ ପ୍ରତିଶତ ଜିଏସ୍‌ଟିକୁ ୧୨ ପ୍ରତିଶତକୁ ବୃଦ୍ଧି କରାଯାଇଛି। ଅଧିକ କାରବାର ହେଉଥିବା ଉପଭୋକ୍ତା ସାମଗ୍ରୀ ଉପରେ ୬ରୁ ୧୦ ପ୍ରତିଶତ ଟିକସ ବୃଦ୍ଧି ହେବ। ସେହିପରି ଅନ୍‌ଲାଇନ ଟ୍ୟାକ୍ସି ବା ଅଟୋରିକ୍ସା ବୁକିଂରେ ବି ଏବେ ପକେଟ ଖର୍ଚ୍ଚ ଉପରେ ଭାରି ପଡ଼ିବ। ସିମେଣ୍ଟ ଦାମ ପ୍ରତି ବ୍ୟାଗ ୪୦୦ ଟଙ୍କା ଛୁଇଁବ ବୋଲି ଶର୍ମା କହିଛନ୍ତି। କଂଗ୍ରେସ ଦଳ ଓ କଂଗ୍ରେସ ଶାସନାଧିନ ରାଜ୍ୟଗୁଡ଼ିକରେ ପ୍ରବଳ ବିରୋଧ ତଥା ଆଗାମୀ ୫ଟି ରାଜ୍ୟର ନିର୍ବାଚନକୁ ଦୃଷ୍ଟିରେ ରଖି ଏହି ଜିଏସ୍‌ଟି ବୃଦ୍ଧିକୁ ତରବରିଆ ଭାବେ ୨୮ ଫେବୃୟାରୀ ପର୍ଯ୍ୟନ୍ତ ସ୍ଥଗିତ ରଖିଛନ୍ତି। ନିର୍ବାଚନ କାରଣରୁ ଏହି ତାରିଖ ଆହୁରି ପ୍ରାୟ ୧ ମାସ ବଢ଼ିପାରେ। ନିର୍ବାଚନ ସରିଗଲା କ୍ଷଣି ଜନତାଙ୍କ ଉପରେ ଏହି ଟିକସ ପୁନଃ ଲଗାଇ ଦିଆଯିବ ବୋଲି ଶର୍ମା କହିଛନ୍ତି। ଏହି ଖବରଦାତା ପିସିସି ସଭାପତି ପଟ୍ଟନାୟକ, ପିସିସି ଗଣମାଧ୍ୟମ ଅଧ୍ୟକ୍ଷ ଗଣେଶ୍ୱର ବେହେରା, ଆବାହକ ସତ୍ୟପ୍ରକାଶ ନାୟକ, ମୁଖପାତ୍ର ରଜନୀ ମହାନ୍ତି, ପଦ୍ମାକର ଗୁରୁ ଉପସ୍ଥିତ ଥିଲେ।










# ପଛୁଆ ବର୍ଗଙ୍କୁ ପଛକୁ ଠେଲି ଦିଆଯାଉଛି : ଭାଜପା

## ୮ ପର୍ଯ୍ୟନ୍ତ ସମସ୍ତ ଜିଲାପାଳ, ବ୍ଲକ ଅଫିସ ସମ୍ମୁଖରେ ବିକ୍ଷୋଭ

**ଭୁବନେଶ୍ୱର,୧ା୧(ବ୍ୟୁରୋ)** : ରାଜ୍ୟ ସରକାର ପଛୁଆ ବର୍ଗଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରି ଆସୁଛନ୍ତି। ଉଚ୍ଚ ନ୍ୟାୟାଳୟ ଆଳ ଦେଖାଇ ଦ୍ୱନ୍ଦ୍ୱ ସୃଷ୍ଟି କରି ଏହି ବର୍ଗଙ୍କୁ ଆଗାମୀ ପଞ୍ଚାୟତ ନିର୍ବାଚନରେ ଭାଗିଦାରୀ ହେବାରୁ ବଞ୍ଚିତ ରଖିବାର ହୀନ ପ୍ରୟାସ କରିଛନ୍ତି। ଏହା ପଛୁଆ ବର୍ଗ ବିରୋଧୀ ବୋଲି ଭାଜପା ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ କହିଛନ୍ତି। ଭାଜପା କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୁରଥ କହିଛନ୍ତି, ଶାସକ ବିଜେଡିର ଓବିସି ବିରୋଧୀ ମନୋଭାବ ବିରୋଧରେ ଭାଜପା ପକ୍ଷରୁ ରାଜଧାନୀରୁ ପଲ୍ଲୀ ପର୍ଯ୍ୟନ୍ତ ଆନ୍ଦୋଳନ କରାଯିବ। ଏନେଇ ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ସମସ୍ତ ଜିଲାପାଳ ଓ ବ୍ଲକ ଅଫିସରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯିବ। ଆଗାମୀ ଦିନରେ ଏହି ଅନ୍ଦୋଳନକୁ ପଞ୍ଚାୟତ ସ୍ତରକୁ ନିଆଯିବ ଓ ରାଜ୍ୟବ୍ୟାପୀ ଦସ୍ତଖତ ସଂଗ୍ରହ କରାଯାଇ ରାଜ୍ୟପାଳଙ୍କୁ ପ୍ରଦାନ କରାଯିବ ବୋଲି ସୁରଥ ସୂଚନା ଦେଇଛନ୍ତି।

# ନୂଆବର୍ଷରେ ଚାଷୀଙ୍କୁ ଭେଟି ଦେଲେ ପ୍ରଧାନମନ୍ତ୍ରୀ: ଧର୍ମେନ୍ଦ୍ର

**ନୂଆଦିଲ୍ଲୀ/ଭୁବନେଶ୍ୱର, ୧ା୧:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇଂରାଜୀ ନୂତନ ବର୍ଷ ୨୦୨୨ର ପ୍ରଥମ ଦିନରେ ପିଏମ୍ କିଷାନ ସମ୍ମାନ ନିଧି ଯୋଜନାର ଦଶମ କିସ୍ତି ଭାବେ ୧୦ କୋଟିରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ୨୦,୦୦୦ କୋଟି ଟଙ୍କାରୁ ଅଧିକ ଟଙ୍କା ପ୍ରଦାନ କରିଛନ୍ତି। ନୂଆବର୍ଷର ଏପରି ଉପହାର ଚାଷୀମାନଙ୍କୁ ଆହୁରି ସଶକ୍ତ କରିବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମତ ରଖିଛନ୍ତି। 'ଅନ୍ନଦାତା'ଙ୍କ ହାତମୁଠାକୁ ମଜଭୁତ କରିବା ପାଇଁ ପ୍ରଧାନମନ୍ତ୍ରୀ ମୋଦି ଏବଂ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ନରେନ୍ଦ୍ର ସିଂହ ତୋମାରଙ୍କୁ ଧର୍ମେନ୍ଦ୍ର ଧନ୍ୟବାଦ ଜଣାଇଛନ୍ତି। ଚାଷ ଜମିରେ ବିହନ ବୁଣିବା ଦିନଠାରୁ ବଜାର ପର୍ଯ୍ୟନ୍ତ ଦେଶର ଅନ୍ନଦାତାଙ୍କ ହାତରେ ଦେଇ ପ୍ରଧାନମନ୍ତ୍ରୀ ନିଜର ସଂକଳ୍ପବଦ୍ଧତାକୁ ବାରମ୍ବାର ଦୋହରାଇଛନ୍ତି। ପିଏମ କିଷାନ ଯୋଜନାରେ ଏହି କିସ୍ତିକୁ ମିଶାଇ ଦେଶର ୧୧ କୋଟି ୬ ଲକ୍ଷ ଚାଷୀଙ୍କ ଖାତାକୁ ୧ ଲକ୍ଷ ୮୨ ହଜାର କୋଟି ଟଙ୍କା ହସ୍ତାନ୍ତର କରାଯାଇଛି। ଏହା ଅନ୍ନଦାତାଙ୍କୁ ସଶକ୍ତ ଏବଂ ମୋଦି ସରକାରଙ୍କ ଚାଷୀ କଲ୍ୟାଣ ପ୍ରୟାସକୁ ଅଧିକ ଗତିଶୀଳ କରାଇବ। ଚାଷୀଙ୍କ ସମୃଦ୍ଧି ସୁନିଶ୍ଚିତ କରିବା ଦିଗରେ ଏହି ପଦକ୍ଷେପ ନିଆଯାଇଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।








## ଗଞ୍ଜେଇ ଭର୍ତ୍ତି ଗାଡ଼ି ଧକ୍କାରେ ଜଣେ ମୃତ

ଦିଗପହଣ୍ଡି,(ଡି.ଏନ୍.ଏ.): ଦିଗପହଣ୍ଡି-ପୋଡାମାରୀ ରାସ୍ତାର ମୌଳାଭଞ୍ଜା ସାତଭଉଣୀ ମନ୍ଦିର ନିକଟରେ ଶୁକ୍ରବାର ଗଞ୍ଜେଇ ଚାଲାଣ କରୁଥିବା ଏକ ଗାଡ଼ି ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗୋପାଳପୁର ଥାନା ବ୍ରଜେଶ ପେଣ୍ଠ ଗ୍ରାମର ରବୀନ୍ଦ୍ର ପ୍ରଧାନ। ପୋଲିସ୍ ଗଞ୍ଜେଇ ଭର୍ତ୍ତି ଟାଟାଏସିଇ ସହ ବାଇକ୍ ଚାଳକ ରବୀନ୍ଦ୍ରଙ୍କ ମୃତଦେହକୁ ଜବତ କରି ବ୍ରହ୍ମପୁର ଏମ୍‌କେସିଜି ମେଡିକାଲକୁ ପଠାଇଛି। ଗଞ୍ଜେଇ ବୋଝେଇ ଗାଡ଼ି ଚାଳକ ଅନନ୍ତ ରଉତଙ୍କୁ ଗିରଫ କରାଯାଇଛି। ପାଟପୁର ତହସିଲଦାର ଶ୍ରୀନିବାସ ନାୟକ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ୮୮ କେଜି ୩୦୦ ଗ୍ରାମ୍ ଗଞ୍ଜେଇ ଜବତ ହୋଇଛି।



### ସଂକ୍ଷେପରେ

## ପୋକ୍‌ସୋ, ବଳାତ୍କାର ଆଇନ ସମ୍ପର୍କିତ ଆଲୋଚନାଚକ୍ର

ଫୁଲବାଣୀ ଅଫିସ, ୧୧: କନ୍ଧମାଳ ମିଳିତ ନାଗରିକ କମିଟି ପକ୍ଷରୁ ଫୁଲବାଣୀ ପ୍ରେସ୍ କ୍ଲବରେ ପୋକ୍‌ସୋ, ବଳାତ୍କାର ଆଇନର ଅପବ୍ୟବହାର ଓ ସଦୁପଯୋଗ ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଇନଜୀବୀ, ସାମାଜିକ କର୍ମୀମାନେ ଯୋଗଦେଇ ଏହି ପ୍ରକାର ମାମଲା ଥାନାକୁ ଆସିଲେ ପୋଲିସ ନିରପେକ୍ଷ ତଦନ୍ତ କରିବା ଆବଶ୍ୟକ ବୋଲି କହିଥିଲେ। ତଦନ୍ତ ଢିଲା ହେଉଥିବାରୁ ଆଇନର ଦୁରୁପଯୋଗ ହେଉଛି। ନ୍ୟାୟିକ ବ୍ୟବସ୍ଥାରେ ଉଭୟ ପକ୍ଷ ନ୍ୟାୟ ପାଇବା ଦରକାର। ଓଡିଶା ପୋକ୍‌ସୋ ମାମଲାରେ ଦେଶରେ ପଞ୍ଚମ ସ୍ଥାନରେ ଅଛି। ବଳାତ୍କାରରେ ଦୁଇ ନମ୍ବରରେ ରହିଛି। ସରକାର ଏହା ଉପରେ ଗୁରୁତ୍ୱର ସହ ପଦକ୍ଷେପ ନେବା ଆବଶ୍ୟକ। ପୋଲିସ ମାମଲାଗୁଡିକର ତଦନ୍ତରେ ପକ୍ଷପାତିତା କରୁଥିବାରୁ ଅନେକ କ୍ଷେତ୍ରରେ ଦୋଷୀ ଖସି ଯାଉଛନ୍ତି ବୋଲି କୁହାଯାଇଥିଲା। କମିଟି ସଭାପତି ଡ.ଅରୂପ ଜେନା, ଆଇନଜୀବୀ ରବିନ୍ଦ୍ରନାଥ ମିଶ୍ର, ବିଜୟ ମହାନ୍ତି, ପ୍ରତାପ ପାତ୍ର, ବିଜୟକୃଷ୍ଣ ପଟ୍ଟନାୟକ, ହରିଶ୍ଚନ୍ଦ୍ର ମହାରଣା, ଭଗବାନ ମହାନ୍ତି, ନନ୍ଦିତା କୁମାରୀ, କଳ୍ପନା ମହାନ୍ତି ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

# ଗଞ୍ଜାମ ପର୍ଯ୍ୟଟନସ୍ଥଳରେ ୫୦ ଭିୟୁ ପଏଣ୍ଟ

## ରିଟୁଇଟ୍ କଲେ ମୁଖ୍ୟମନ୍ତ୍ରୀ



କଳମ୍ବ ଭିୟୁ ପଏଣ୍ଟ।

**ଛତ୍ରପୁର,୧୧(ଡି.ଏନ୍.ଏ.)**

ଗଞ୍ଜାମ ଜିଲାରେ ପର୍ଯ୍ୟଟନର ବିକାଶ ଏବଂ ପର୍ଯ୍ୟଟନସ୍ଥଳ ପ୍ରତି ପର୍ଯ୍ୟଟକଙ୍କୁ ଆକୃଷ୍ଟ ପାଇଁ ଅନେକ ପଦକ୍ଷେପ ନିଆଯାଉଛି। ଜିଲାର ୨୨ ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରେ ଥିବା ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳରେ ବର୍ତ୍ତମାନ ୫୦ଟି ଭିୟୁ ପଏଣ୍ଟ ନିର୍ମାଣ କରାଯାଇଛି। ପର୍ଯ୍ୟଟକମାନେ ଭିୟୁ ପଏଣ୍ଟରୁ ମନୋରମ ଦୃଶ୍ୟରାଜିକୁ ଉପଭୋଗ କରିପାରୁଛନ୍ତି। ଏଥିସହ ଉପରୁ ସେଲ୍ଫି ନେବା ସହ ଫଟୋ ଉଠାଇ ପାରୁଛନ୍ତି। ଭିୟୁ ପଏଣ୍ଟରୁ ସୂର୍ଯ୍ୟ ଉଦୟ ଓ ସୂର୍ଯ୍ୟାସ୍ତ ମଧ୍ୟ ପର୍ଯ୍ୟଟକ ଦେଖି ପାରୁଛନ୍ତି। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା (ଡିଆରଡିଏ) ତତ୍ତ୍ୱାବଧାନରେ ବିଭିନ୍ନ ବ୍ଲକ ପ୍ରଶାସନ ଓ ପଞ୍ଚାୟତ ପକ୍ଷରୁ ଏହାକୁ ତ୍ୱରାନ୍ୱିତ କରାଯାଇଛି। ଭିୟୁ ପଏଣ୍ଟ ସ୍ଥଳରେ ଓର୍ମାସ ଓ ମିଶନ ଶକ୍ତି ଅନୁଦାନରେ ତାଲିମପ୍ରାପ୍ତ ମହିଳା ସଂଘ ପକ୍ଷରୁ ହାଇଜେନିକ ଖାଦ୍ୟ ପର୍ଯ୍ୟଟକଙ୍କୁ ପରିବେଷଣ ପାଇଁ ବ୍ୟବସ୍ଥା ହୋଇଛି। ଏ ସମ୍ପର୍କରେ ଗଞ୍ଜାମ ଡିଆରଡିଏ ପିଡି ଟୁଇଟ କରି ସୂଚନା ଦେଇଛନ୍ତି। ଏଥିସହ ଏହାର ଏକ ଭିଡିଓ ମଧ୍ୟ ଜାରି କରାଯାଇଛି। ତାହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରିଟୁଇଟ୍ କରିଛନ୍ତି। ସୂଚନାଯୋଗ୍ୟ, ଜିଲାରେ ତାରାତାରିଣୀ ମନ୍ଦିର, ଗୋକର୍ଣ୍ଣେଶ୍ୱର ମନ୍ଦିର, ନିଜ ବାଙ୍କେଶ୍ୱରୀ, ଆନନ୍ଦ ବରିହା ପଥ, ତିତରି ସିଂହୀ, ପୋଲସରା ବ୍ଲକ କଳମ୍ବ ଭିୟୁ ପଏଣ୍ଟ, ଖଲ୍ଲିକୋଟ ବ୍ଲକ କେଶପୁର ବଡ଼ଘାଟି ଭିୟୁ ପଏଣ୍ଟ ଆଦି ରହିଛି। ଏହାବ୍ୟତୀତ ବିଭିନ୍ନ ଗ୍ରାମାଞ୍ଚଳରେ ଥିବା ପର୍ଯ୍ୟଟନ ସ୍ଥଳରେ ମଧ୍ୟ ଭିୟୁ ପଏଣ୍ଟ ନିର୍ମାଣ ଚାଲିଥିବା ସୂଚନା ଦିଆଯାଇଛି।

# ଗଞ୍ଜାମ ଜିଲାରେ ୮ବର୍ଷର ରେକର୍ଡ ଭାଙ୍ଗିଲା ଡେଙ୍ଗୁ

## ବିଏମ୍‌ସିରେ ୧୪୮ ଆକ୍ରାନ୍ତ

**ବ୍ରହ୍ମପୁର ଅଫିସ,୧୧**

ଗଞ୍ଜାମ ଜିଲାରେ ଡେଙ୍ଗୁ ଏବେ ଅଣାୟତ୍ତ ହୋଇପଡିଛି। ପ୍ରତିଦିନ କେଉଁଠି ନା କେଉଁଠି ଡେଙ୍ଗୁ ରୋଗୀ ଚିହ୍ନଟ ହେଉଛନ୍ତି। ଏଥିରୁ ଶିଶୁମାନେ ମଧ୍ୟ ବାଦ୍ ପଡ଼ିନାହାନ୍ତି। ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ଏବେ ଗତ ୮ବର୍ଷର ରେକର୍ଡ ଭାଙ୍ଗିଛି। ୨୦୧୩ରୁ ୨୦୨୦ ମଧ୍ୟରେ ୨୦୧୬ ରେ ଡେଙ୍ଗୁର ସର୍ବାଧିକ ରେକର୍ଡ ଥିଲା ୩୨୯। ଜିଲାରେ ଚଳିତ ବର୍ଷ ଆକ୍ରାନ୍ତଙ୍କ ସଂଖ୍ୟା ଡିସେମ୍ବର ୩୧ ସୁଦ୍ଧା ୩୩୩, ଯାହାକି ୨୦୧୬ର ରେକର୍ଡ ଭାଙ୍ଗିଛି। ଚଳିତ ବର୍ଷ ଚିହ୍ନଟ ହୋଇଥିବା ପଜିଟିଭ ମଧ୍ୟରୁ ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି)ରେ ସର୍ବାଧିକ ୧୪୮ ଜଣ ରହିଛନ୍ତି। ଜିଲାରେ ୨୦୧୩ରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ୧୪୩ ଥିବା ବେଳେ ୨୦୧୪ରେ ୬୪, ୨୦୧୫ରେ ୭୪, ୨୦୧୬ରେ ୩୨୯, ୨୦୧୭ରେ ୧୪୬, ୨୦୧୮ରେ ୧୫୫, ୨୦୧୯ରେ ୩୦୭, ୨୦୨୦ରେ କେବଳ ୦୯ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିଲେ।

ସୂଚନାଯୋଗ୍ୟ,୨୦୨୧ ଜୁଲାଇରେ ଜିଲାରେ ପ୍ରଥମ ଡେଙ୍ଗୁ ଚିହ୍ନଟ ହୋଇଥିଲା। ତା'ପର ଠାରୁ ଧୀରେ ଧୀରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢିବାରେ ଲାଗିଥିଲା। ଗତ ସେପ୍ଟେମ୍ବର ମାସରୁ ପର୍ଯ୍ୟାୟ କ୍ରମେ ହୋଇଥିବା ଲଘୁଚାପଜନିତ ବର୍ଷା ଯୋଗୁ ବିଭିନ୍ନ ଖାଲୁଆ ସ୍ଥାନରେ ପାଣି ଜମି ରହିଥିଲା, ଯାହାକି ଡେଙ୍ଗୁ ରୋଗର କାରଣ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଚଳିତ ବର୍ଷ ଶିଶୁ ସମେତ ବିଭିନ୍ନ ବର୍ଗର ଲୋକ ଡେଙ୍ଗୁରେ ଆକ୍ରାନ୍ତ ହୋଇଛନ୍ତି। ଡେଙ୍ଗୁ ପଜିଟିଭ ଚିହ୍ନଟ ହେଉଥିବା ଅଞ୍ଚଳକୁ ସ୍ୱାସ୍ଥ୍ୟ ବିଭାଗ ଟିମ୍ ଯାଇ ଲୋକମାନଙ୍କୁ ସଚେତନ କରୁଛି। ମଶା ଲାର୍ଭା ସୃଷ୍ଟି ହେଉଥିବା ସ୍ଥାନ ଚିହ୍ନଟକରି ତାହା ସଫା କରାଯାଉଛି। ବିଏମ୍‌ସି ତରଫରୁ ମଶାମରା ଧୂଆଁ ମଧ୍ୟ ସ୍ପ୍ରେ କରାଯାଉଛି ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ଉମାଶଙ୍କର ମିଶ୍ର ସୂଚନା ଦେଇଛନ୍ତି।

# ରେଶମ ସହରରେ ନବବର୍ଷ ଫିକା

**ବ୍ରହ୍ମପୁର ଅଫିସ,୧୧**

ଇଂଲିଶ ନବବର୍ଷ ଶନିବାର ଆରମ୍ଭ ହୋଇଛି। ପ୍ରଥମରୁ ଚଳିତ ବର୍ଷ ଓମିକ୍ରନ ସଂକ୍ରମଣ ଭୟ ହେତୁ ଡିସେମ୍ବର ୩୧ରୁ ଜାନୁୟାରୀ ୨ ପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ କଟକଣା ସାର୍ବଜନୀନ ସ୍ଥାନରେ ନବବର୍ଷ ପାଳନକୁ ନେଇ କଟକଣା ଜାରି କରାଯାଇଛି। ଏହି କାରଣରୁ ସହରବାସୀଙ୍କ ମଧ୍ୟରେ ନବବର୍ଷ ପାଳନକୁ ନେଇ ବିଶେଷ ଉତ୍ସାହ ଦେଖିବାକୁ ମିଳି ନ ଥିଲା। କଟକଣା ଯୋଗୁ ଦେବାଳୟ, ସିନେମା ହଲ, ଗୋପାଳପୁର,ରାମଲିଙ୍ଗେଶ୍ୱର ପାର୍କ, ପାତି ସୋନପୁର ଆଦି ବନ୍ଦ ରହିଥିଲା। ସହରବାସୀ ଚଳିତ ଥର ନିଜ ପରିବାର ସହ ନବବର୍ଷ ଘରେ ପାଳନ କରିଛନ୍ତି। ସେହିପରି ଜିଲା ପ୍ରଶାସନ ପକ୍ଷରୁ କଟକଣା ଜାରି କରାଯାଇଥିବାରୁ ଚଳିତ ଥର ଫେସ୍‌ବୁକ୍, ହ୍ୱାଟସ୍‌ଆପ୍ ଓ ଇନ୍‌ଷ୍ଟାଗ୍ରାମ୍ ଭଳି ସାମାଜିକ ଗଣମାଧ୍ୟମ ସାହାଯ୍ୟରେ ପରସ୍ପରକୁ ଶୁଭେଚ୍ଛା ଜଣାଇଛନ୍ତି।

## ସାପ୍ତାହିକ ହାଟରେ ପୋଲିସର ସଚେତନତା

ରାୟଗଡ଼(ଗଜପତି),୧୧ (ଡି.ଏନ୍.ଏ.) କରୋନାର ନୂଆ ଭାରିଆଣ୍ଟ ଓମିକ୍ରନର ଦ୍ରୁତ ସଂକ୍ରମଣକୁ ଦୃଷ୍ଟିରେ ରଖି ଜାନୁୟାରୀ ପାଇଁ ସରକାର ଜାରି କରିଥିବା ଗାଇଡ୍‌ଲାଇନ ସମ୍ପର୍କରେ ରାୟଗଡ଼ରେ ପୋଲିସ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଇଛି। ରାୟଗଡ଼ ବ୍ଲକ ସଦର ମହକୁମାଠାରେ ପ୍ରତି ଶନିବାର ସାପ୍ତାହିକ ହାଟ ବସୁଥିବା ବେଳେ ହାଟରେ ଆସନ୍ତା ସପ୍ତାହରୁ ସାମାଜିକ ଦୂରତା ପାଳନ ସହ ମାସ୍କ ବ୍ୟବହାର କରି କିଣାବିକା କରିବାକୁ ଥାନାଧିକାରୀ ଗୋବିନ୍ଦ ଗୌଡ ନିର୍ଦ୍ଦେଶ ଦେଇଛନ୍ତି।


**GOVERNMENT OF ODISHA, "e"-PROCUREMENT NOTICE**

**WORKS DEPARTMENT**

E-mail: ceworldbankprojects@gmail.com

**Bid Identification No. CE-W.B.P. (O)-27/2021-22**

No. B-933

1. The Chief Engineer (World Bank Project), Odisha on behalf of Governor of Odisha invites percentage rate bid in double cover system in ONLINE MODE from eligible contractors for construction of Road & Bridge work as detailed below:
2. Nature of work : Road / Bridge work
3. No. of work : 20 Nos.
4. Tender cost : Rs.10,000.00 (on-line)
5. Class of Contractor : A/ Special/ Super Class Contractor
6. Available of bid document in the website : From 10.00 AM of 12.01.2022 to 5.00 PM of 31.01.2022
7. Date of opening of Bid : Dt.01.02.2022 at 11.30 AM
8. The Bidders have to participate in ONLINE bidding only. Further details can be seen from the website: https://tenderodisha.gov.in. Any addendum / corrigendum / cancellation of tender can also be seen in the said website.

Sd./- Chief Engineer
World Bank Project, Odisha

OIPR-34003/11/0043/2122



No.CAD-2610

**OFFICE OF THE CHIEF GENERAL MANAGER (CIVIL)**
**IDCO, IDCO TOWER, BHUBANESWAR**

Bid Identification No. Civil/EST-50/2021-22
TCN No. 23331, dt.27.12.2021

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. **Name of the Work :** Construction of Balance work at Raghurajpur an ethnic Self Reliant Craft village (Renovation and New Construction works).
2. **Value of the Work:** Rs.105.89 Lakhs
3. **Period of completion:** 06 (Six) Calendar Months
4. **Availability of tender online for Bidding:**
   I. **Start Date** : 18.00 hours of dt.12.01.2022.
   II. **End Date** : 15.00 hours of dt.31.01.2022.
   III. **Opening Date** : 16.00 hours of dt.31.01.2022.

Tender details can be seen from the e-procurement portal. www.tendersorissa.gov.in. Corrigendum or Addendum if any will not be published in newspapers and can be seen in e-procurement portal as well as in IDCO website.

**Sd./- Chief General Manager (Civil), IDCO, Bhubaneswar**

OIPR-14003/11/0171/2122



**ODISHA PUBLIC SERVICE COMMISSION**
**CUTTACK**

**NOTICE**

**No. 9690/PSC, (1R-68-21/22) (DR-V),** **Dt. 31.12.2021**

**No. D-265:-** It is for information of all concerned that, pursuant to the advertisement No. 06 of 2021-2022, **09 (nine)** candidates, bearing following PPSAN have been allowed to face the interview to determine their eligibility for recruitment to the post of **Associate Professor in "Home Science".** The Interview in respect of the following candidates will be held in the office of the Commission at 19,. Dr. P.K. Parija Road, Cuttack- 753001 on **20.01.2022 & 21.01.2022** as per the programme mentioned below.

| Date | Time of Interview | PPSAN |
|---|---|---|
| 20.01.2022 | 02.30 P.M. | 00109749, 00109606, 00109025 & 00109234 = **4 Candidates** |
| 21.01.2022 | 10.30 A.M. | 00085381, 00109209, 00109595, 00109547 & 00109466 = **5 Candidates** |

**The candidates are advised to produce following documents at the time of interview:-**

1. **All Original Research Publications/Books.**
2. **Photocopy of front and back cover pages of published books-04 sets.**
3. **Photocopies of 10 best original publications- 04 sets.**

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

The candidates are further advised to report in the office of the Commission **half an hour before the commencement of interview** on the scheduled date & time as mentioned above. Every candidate is strictly advised to adhere to the **COVID guidelines** as notified by the Government from time to time while attending the interview process.

OIPR-12002/11/0193/2122 **Sd./- Secretary**



**OFFICE OF THE JOINT DIRECTOR, ANIMAL DISEASE RESEARCH INSTITUTE, PHULNAKHARA, CUTTACK**

Fax No. 0671-2356130 / Email: adri.odisha@gmail.com

Notice No. 2263/ADRI Dt.31.12.21

**TENDER CALL NOTICE FOR PRINTING OF MONTHLY BULLETIN**

No. M-64: Sealed tenders are invited from the reputed Printing Press/ Firms/Agencies having valid GST and Income Tax Clearance Certificate/ PAN for printing and supply of monthly issue of booklets/bulletins under ASCAD-2020-21 "Monthly Bulleting on different disease activities".

The tender papes for the above purpose containing the terms and conditions can be obtained from the Office of the Joint Director, Animal Disease Research Institute, Phulnakhara during office hours on any working day upto Dt.19.01.2022 at 1.00 P.M. on payment of Rs.590/- (Rupees six hunded thrity six only) towards cost of tender paper Rs.500/- + VAT 18%. The same can be downloaded from the Deptt. Website **www.odishaahvs.com** and submitted along with a B.D. of Rs.590/- drawn in favour of Joint Director, A.D.R.I., Phulnakhara, Cuttack payable at State Bank of India, Link Road, Cuttack.

The tender paper complete in all respect along with necessary documents may be dropped in the tender box of this office or sent to the Joint Director, ADRI, Phulnakhara, Cuttack by Registered Post/Speed Post/Courier so as to be reach on or before Dt.20.01.2022 upto 2.30 P.M. The tenders will be opened on Dt.20.01.2022 at 3.00 P.M. in the rpesence of the bdiders or their representatives if any. The tender received beyond the date and time mentioned above shall not be taken into consideration. Selected printing press will have to deliver the printed booklets within a week of receipt of printing order along with soft copy every month without fail. The Joint Director, ADRI, Phulnakahara, Cuttack reserves the right to reject/cancel/withdraw any or all the tenders without assigning any reason thereof.

**Sd./- Joint Director**
**A.D.R.I., Phulnakhara, Cuttack**

**OIPR-06078/11/0002/2122**



**OFFICE OF THE PANCHAYAT SAMITI, RAJBORASAMBAR, BARGARH**

E-mail: ori-bpadmapur@nic.in, Ph.: 06683-223443

Letter No. 1970 Date: 27.12.2021

**INVITATION FOR BIDS (IFB)**

**BID IDENTIFICATION No. PS-03/2021 Dt.27.12.2021**

No. i-319: On behalf of Panchayat Samiti, Rajborasambar invites percentae rate bids in Double Cover System for the construction of works as detailed in the table, from the Class of Civil contrators Registered with Rajborasambar Panchayat Samiti, Rajborasambar. The proof of registration from the appropriate authority shall be enlcosed along with the Bid.

| Sl. No. | Name of the Work | Approximate Value of Work (in lakh) (Excluding of GST 12%) | Period of Completion | Class of Contactor | Bid Security | Cost of Document (in Rs.) | Last date of receipt of Bid |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 01 | Construction of Udyamita Kendra at Dahita | 34.00558 | 240.00 days | C & B | 1% of Estimated Cost | 6000/- | 05.01.2022 |
| 02 | Construction of Udyamita Kendra at Dahita | 11.64383 | 150.00 days | D & C | 1% of Estimated Cost | 6000/- | 05.01.2022 |
| 03 | Construction of Kalyan Mandap at Buden | 34.02616 | 240.00 days | C & B | 1% of Estimated Cost | 6000/- | 05.01.2022 |
| 04 | Construction of Kalyan Mandap at Dahita | 20.40550 | 240.00 days | C & B | 1% of Estimated Cost | 6000/- | 05.01.2022 |
| 05 | Construction of Kalyan Mandap at Dahigoan | 20.40550 | 240.00 days | C & B | 1% of Estimated Cost | 6000/- | 05.01.2022 |
| 06 | Construction of Stadium at Dahita | 33.38396 | 240.00 days | C & B | 1% of Estimated Cost | 6000/- | 05.01.2022 |
| 07 | Construction of Stadium at Dahita | 13.04243 | 240.00 days | D & C | 1% of Estimated Cost | 6000/- | 05.01.2022 |

1. The bid documents will be available in the Office of the Panchayat Samiti, Rajborasambar from 30.12.2021 to 05.01.2022 at 11.00 A.M. to 5.00 P.M. in the Official days.
2. All corrigendum and addendum will be published in the Notice Board of Panchayat Samiti, Rajborasambar.
3. Other deails can be seen in the bidding documents.

**Sd./- Block Development Officer, Rajborasambar**

**OIPR-19186/11/0001/2122**



**ODISHA PUBLIC SERVICE COMMISSION**
**CUTTACK**

**NOTICE**

**No. 9694/PSC, (1R-71-21/22) (DR-V),** **Dt. 31.12.2021**

**No. D-266:-** It is for information of all concerned that, pursuant to the advertisement No. 10 of 2021-2022, **02 (two)** candidates, bearing following PPSAN have been allowed to face the interview to determine their eligibility for recruitment to the post of **Professor in "Home Science".** The Interview in respect of the following candidates will be held in the office of the Commission at 19,. Dr. P.K. Parija Road, Cuttack- 753001 on **17.01.2022** as per the programme mentioned below.

| Date | Time of Interview | PPSAN |
|---|---|---|
| 17.01.2022 | 10.30 A.M. | 00111090 & 00110100 = **02 Candidates** |

**The candidates are advised to produce following documents at the time of interview:-**

1. **All Original Research Publications/Books.**
2. **Photocopy of front and back cover pages of published books-04 sets.**
3. **Photocopies of 10 best original publications- 04 sets.**

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

The candidates are further advised to report in the office of the Commission **half an hour before the commencement of interview** on the scheduled date & time as mentioned above. Every candidate is strictly advised to adhere to the **COVID guidelines** as notified by the Government from time to time while attending the interview process.

OIPR-12002/11/0194/2122 **Sd./- Secretary**



**ODISHA LIFT IRRIGATION CORPORATION LTD.**

(A Government of Odisha Undertaking)
Plot No.N-17/2, Nayapalli, Bhubaneswar-751012
Phone No.: (0674) 2390195 (Off), Fax No. (0674) 2395844,
Email ID: olicltd123@bsnl.in, olicltd@ymail.com
www.odishalift.co.in

**NATIONAL COMPETITIVE BIDDING THROUGH e-Procurement**

**No. IT-101/2021-9964/OLIC, Dated: 30.12.2021**

**No.CAD-2625:-** The Managing Director, OLIC Ltd., Bhubaneswar invites online percentage rate tender through e-procurement for Installation, Electrification, Energisation and Commissioning of cluster bore wells in the State of Odisha. Interested bidders may visit website: **www.tendersodisha.gov.in** and OLIC Website **www.odishalift.co.in** to view and download Detailed Tender Call Notice and bid documents. The bids should be submitted only online in the website **www.tendersodisha.gov.in**.

**Important features of this NCB are as under:**

A. **Brief description of Work:** Installation, Electrification, energisation and commissioning of Borewell in Ganjam, Rayagada, Nayagarh and Gajapati Districts (04 Packages).
B. **Estimated cost of works:** Varies from Rs.77.67 Lakhs to Rs.553.36 Lakhs
C. **Date and time of availability of bid document in the portal:** From Dt. 04.01.2022 to Dt. 01.02.2022 (up to 17.00 hours)
D. **Last date/time for receipt of bid in the Portal:** Dt.01.02.2022 up to 17.00 hours.
E. **Last date of seeking clarification:** Dt.12.01.2022 upto 17.00 hours.
F. **Technical Bid will be opened on:** Dt.02.02.2022 at 11.00 hours.

Any Addendum/ Corrigendum/ Cancellation of tender will be available in the said website.

Authority reserves the right to accept/reject any or all the tenders, increase or decrease the quantities of work put to bidding without assigning any reason thereof.

**Sd./- MANAGING DIRECTOR, OLIC LTD, BHUBANESWAR**

OIPR-32135/11/0029/2122



GOVERNMENT OF ODISHA E-mail: rw_rourkela@yahoo.co.in

**OFFICE OF THE SUPERINTENDING ENGINEER, RURAL WORKS DIVISION, ROURKELA**

**TENDER CALL NOTICE**

No. O-1603 **BID IDENTIFICATION NO. ONLINE-SERKL-25 of 2021-22**

1. Name of the Work : Road Work
2. Total No. of Works : 1 (One) No.
3. Estimated Cost : Rs.69.92 lakhs
4. Class of Contractor : "B" & "A" Class
5. Period of Completion : 06 (Six) Calendar Months
6. Type of Tender : Double Cover
7. Other details :

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Superintending Engineer, Rural Works Division, Rourkela | Online-SERKL-25 of 2021-22 | 03.01.2022 from 10.00 A.M. | 07.01.2022 upto 5.00 P.M. |

Further details can be seen from the website **www.tendersorissa.gov.in**.

**Sd./- Superintending Engineer, RW Division, Rourkela**

**OIPR-25067/11/0029/2122**



**BLOCK DEVELOPMENT OFFICER, GOLAMUNDA**

No. i-316 **Bid Identification No. BDO, GOLAMUNDA - 3/2021-22**

| | | | Class of Contractor | Approx. Amount put to Tender (Rs. in lakh) |
|---|---|---|---|---|
| 1 | Name of the work & estimated cost | Construction of New PHC Building at Mahaling in Golamunda Block During the year 2021-22 | 'B' & 'A' | 63.56 |
| 2 | Estimated Cost | Rs.55.32 lakh | | |
| 3 | Cost of Tender paper | 10000.00 (Ten Thouand) | | |
| 4 | Period of Completion | 6 Calendar Months | | |
| 5 | Date and time of availability of bid document | From 10.00 hrs. of 31.12.2021 to Dt.05.01.2022 till 17.00 hours | | |
| 6 | Last date/time for receipt of bid | Dt.22.12.2021 till 17.00 hours | | |
| 7 | Name and address of the Officer Inviting Bid | BDO, Golamunda | | |
| 8 | Date of Opening | Dt.06.01.2022 | | |

Further details can be seen from the e-procurement portal **www.kalahandi.nic.in**.

**OIPR-19173/11/0003/2122** **Sd./- Block Development Officer, Golamunda**



**COLLECTORATE, DEOGARH**
**(ST & SC Development Section)**

E-mail: dwo_deogarh@yahoo.com, (Phone No. 06641-226407)

**Notification No. 1737/SSD** **Date: 29.12.2021**

No. V-57: Applications in prescribed form are invited from the deserving candidates from native of Odisha for engagement as **Initial Appointee through WRITTEN EXAMINATION** in the following categories of posts in ST & SC Development Department Educational Institutions run in Deogarh District. Preference will be given to the candidates belonging to the same district.

| Sl. No. | Name of the Post | Category Wise Position | | | | | | | | |
|---|---|---|---|---|---|---|---|---|---|---|
| | | ST | ST (W) | SC | SC (W) | SEBC | SEBC (W) | UR | UR (W) | Total |
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 |
| 1 | B.A., B.Ed. | 01 | - | - | - | - | - | 01 | 01 | 03 |
| 2 | B.Sc., B.Ed. (PCM) | - | - | - | - | - | - | 01 | - | 01 |
| 3 | B.Sc., B.Ed. (CBZ) | - | - | - | - | - | - | 01 | - | 01 |
| 4 | I.Sc., CT | 01 | - | - | - | - | - | 01 | 01 | 03 |

The details advertisement and the selection criteria may be obtained from office Notice Board of District Welfare Office, Deogarh and District website **www.deogarh.nic.in**. The candidates may download the advertisement, scheme/syllabus (for written examination) and application format accordingly. The last date of receipt of application in the office of the District Welfare Office, Deogarh is 17.01.2022 by Regd. Post/Speed Post only.

By Order of the Collector
**Sd./- District Welfare Officer, Deogarh**

**OIPR-26038/11/0001/2122**



**OFFICE OF THE SUPERINTENDING ENGINEER, BHUBANESWAR (R&B) DIVISION NO. II, BHUBANESWAR**

eerb2_bbsr@yahoo.com

No. B-935 **INVITATION FOR BIDS THROUGH e-Procurement**

Bid Identification No. C.C. (R&B) - 02

**e-Procurement Tender-cum-Auction Notice No. 31 of 2021-22**

| | | |
|---|---|---|
| 1 | Name of the Work | Demolition of structures (G.A. Department quarters & garages) for construction of PG Institute at Capital Hospital, Unit - 6, Bhubaneswar |
| 2 | Total No. of Works | 1 No. work |
| 3 | Reserve Price | Rs.40,60,700.00 |
| 4 | Bid Processing Fee | Rs.6000.00 |
| 5 | Period of Completion | 1 (One) Calendar Month |
| 6 | Type of Tender | Auction Sale |
| 7 | Date & time of availability of bid document in the portal | From Dt.04.01.2022 to 17.00 hrs. of Dt.19.01.2022 |
| 8 | Last date & time for receipt of bids in the portal | Dt.19.01.2022 upto 17.00 hrs. |
| 9 | Opening of Bid through Online | Dt.20.01.22 at 11.00 A.M. |
| 10 | Name & address of the Officer Inviting Bid | Er. B. Jagabandhu Rao, Superintending Engineer, Bhubaneswar (R&B) Division No. II, Bhubaneswar. |

The bidder must possess matching class compatible Digital Signature Certificate (DSC).
Further details can be seen from the e-procurement portal **https://tendersorissa.gov.in**.
**N.B.:** Subsequent corrigendum/addendum if required shall be available in the website as indicated above.

OIPR-34088/11/0011/2122 Sd./- Superintending Engineer, BBSR (R&B) Division No. II, BBSR

## ସ୍ୱଚ୍ଛତା ପାଇଁ ସଚେତନ କଲେ ଏସ୍ଏଚ୍ଜି

ଜି.ଉଦୟଗିରି,(ଡି.ଏନ୍.ଏ.): ଆମ ସହର, ଆମ ପରିବେଶ, ଆମ ଘରକୁ ଆମେ ସ୍ୱଚ୍ଛ ରଖିବା। ପରିଷ୍କାର ରଖିବା। ରୋଗ ସଂକ୍ରମଣରୁ ରକ୍ଷା ପାଇବା। ଏମିତି କିଛି ବାର୍ତ୍ତା ରଙ୍ଗୋଲି ମାଧ୍ୟମରେ ଦେଇଛନ୍ତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍ଜି)। ଜି.ଉଦୟଗିରି ଏନ୍ଏସି ତରଫରୁ ଆୟୋଜିତ ସ୍ୱଚ୍ଛ ସର୍ବେକ୍ଷଣ ୨୦୨୨ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ନେଇ ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହା ସହିତ ଶୋଭାଯାତ୍ରା କରାଯାଇ ସ୍ୱଚ୍ଛତା ପାଇଁ ସଚେତନତା କରାଯାଇଛି। କାର୍ଯ୍ୟନିର୍ବାହୀ ଅଧିକାରୀ ଇତୀଶ୍ରି ଷଡଙ୍ଗୀ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀମାନଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସତ୍ୟ ପ୍ରକାଶ ମହାପାତ୍ର, ସରିତା ରଥ, କମ୍ବୁନାଥ ପାଣିଗ୍ରାହୀ, ପ୍ରଭାତ ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ସଂକ୍ଷେପରେ

## ଦୁର୍ଘଟଣାରେ ଜଣେ ମୃତ, ରାସ୍ତାରୋକୋ

ବୁଗୁଡ଼ା,୧।୧(ଡି.ଏନ.ଏ.) ବୁଗୁଡ଼ା-ବାଲିପଦର ରାସ୍ତାର ଷୋହଳମଇଲି ପେଟ୍ରୋଲ ପମ୍ପ ନିକଟରେ ଶନିବାର ଦୁର୍ଘଟଣା ଘଟି ଜଣେ ସ୍କୁଟି ଆରୋହୀ କଲେଜ ଛାତ୍ରଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଏକ୍ସଲ ଚାଳକଙ୍କ ସମେତ ୩ ଜଣ ଆହତ ହୋଇଛନ୍ତି। ମୃତକ ହେଲେ ବୁଗୁଡ଼ା ଥାନା ମହୁଲପଲ୍ଲୀ ଗ୍ରାମର ରାଜେଶ ପାତ୍ର। ଆହତମାନେ ହେଲେ ବେଲଗୁଣ୍ଠା ଥାନା ସୁତମସର ଗ୍ରାମର ସ୍କୁଟି ଚାଳକ ଯୋଗେଶ କୁମାର ଜେନା, ବଙ୍କା ଗ୍ରାମର ବିଟୁ ଲେଙ୍କା ଓ ବୁଗୁଡ଼ା ଥାନା ଖୋଲଖାଲି ଗ୍ରାମର ଏକ୍ସଲ ଚାଳକ ଶ୍ୱେତ ଗୌଡ଼। ବିଟୁ ଓ ଶ୍ୱେତଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଯୋଗେଶ, ବିଟୁ ଓ ରାଜେଶ ବୁଦ୍ଧଖୋଲ ଦର୍ଶନ ପାଇଁ ଯାଉଥିବା ସମୟରେ ପଛପଟୁ ଏକ୍ସଲରେ ଯାଉଥିବା ଶ୍ୱେତ ଏମାନଙ୍କ ସ୍କୁଟିକୁ ଧକ୍କା ଦେଇଥିଲା। ଏ ସମୟରେ ବୁଗୁଡ଼ା ପଟୁ ବାଲିପଦର ଆଡକୁ ଯାଉଥିବା ଏକ ପଥର ବୋଝେଇ ଟ୍ରକ୍ ବିଟୁକୁ ଧକ୍କା ଦେଇ ସ୍କୁଟି ପଛରେ ବସିଥିବା ରାଜେଶଙ୍କ ଉପରେ ଚଢି ଯାଇଥିଲା। ଘଟଣାସ୍ଥଳରେ ରାଜେଶଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ମହୁଲପଲ୍ଲୀ ଗ୍ରାମ ଲୋକେ ପହଞ୍ଚି କ୍ଷତି ପୂରଣ ଦାବିରେ ରାସ୍ତାରୋକୋ କରିଥିଲେ। ଫଳରେ ଯାନବାହାନ ଚଳାଚଳ ଠପ ହୋଇଯାଇଥିଲା। ରେଡ଼କ୍ରସ ପାଣ୍ଠିରୁ ୨୦ ହଜାର ସହାୟତା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପ୍ରଶାସନ ତରଫରୁ ବ୍ୟବସ୍ଥା କରାଯାଇଥିବା ତହସିଲଦାର ସଂଗ୍ରାମ କେଶରୀ ଜେନା କହିଛନ୍ତି। ଶନିବାର ଅନ୍ୟ ଏକ ଦୁର୍ଘଟଣାରେ ପାଙ୍ଗିଡ଼ି ଗ୍ରାମର ରବି ରେଡ୍ଡୀ ଆହତ ହୋଇଥିଲେ।

# ଗହଳିକୁ ମନା, ମାସ୍କ ପିନ୍ଧିବା ବାଧ୍ୟତାମୂଳକ

## ଓମିକ୍ରନ୍ ସଂକ୍ରମଣ ରୋକିବା ଲାଗି ଜିଲାପାଳଙ୍କ ବୈଠକ

ଛତ୍ରପୁର,୧।୧(ଡି.ଏନ୍.ଏ.)

ଗଞ୍ଜାମ ଜିଲାରେ କରୋନାର ପ୍ରଥମ ଏବଂ ଦ୍ୱିତୀୟ ଲହରର ସଫଳ ମୁକାବିଲା ଦିଗରେ ସମସ୍ତଙ୍କର ସହଯୋଗ ଏବଂ କାର୍ଯ୍ୟପ୍ରଣାଳୀ ପ୍ରଶଂସନୀୟ। ସମ୍ପ୍ରତି ନୂଆ ଭାରିଆଣ୍ଟ ଓମିକ୍ରନ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବା ସମ୍ଭାବନା ରହିଛି । ତେଣୁ ପୂର୍ବରୁ ସଚେତନତା ମୂଳକ ପଦକ୍ଷେପ ଗ୍ରହଣ କରାଗଲେ ଓମିକ୍ରନ ଦାଉରୁ ଜିଲାବାସୀଙ୍କୁ ସୁରକ୍ଷିତ କରାଯାଇପାରିବ । ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଶନିବାର ଓସ୍ୱାନ ହଲରେ ଏକ ଜରୁରୀକାଳୀନ ବୈଠକ ଆଗତ କରି ଜିଲାରେ ଓମିକ୍ରନ୍ ସଂକ୍ରମଣ ରୋକିବା ନିମନ୍ତେ ସଚେତନତା କାର୍ଯ୍ୟକୁ ବ୍ୟାପକ କରିବାକୁ ଜଣାଇଛନ୍ତି।

ଜିଲାପାଳ ପ୍ରଥମେ ନବବର୍ଷର ପ୍ରଥମ ଦିନର ପ୍ରଥମ ବୈଠକରେ ସମସ୍ତ ଅଧିକାରୀ, କର୍ମଚାରୀମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହାପରେ ଓମିକ୍ରନ ସଂକ୍ରମଣ ରୋକିବା ପାଇଁ ସଚେତନତା କାର୍ଯ୍ୟକୁ ବ୍ୟାପକ କରି ଲୋକଙ୍କୁ ସଚେତନ ଏବଂ ସମସ୍ତ କୋଭିଡ ନିୟମର ଅନୁପାଳନ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ କହିଛନ୍ତି। ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ପରୀକ୍ଷା ଏବଂ ତତ୍ତ୍ୱାବଧାନ ଓ ଚିକିତ୍ସା ଦିଗରେ ପଦକ୍ଷେପ ଗ୍ରହଣ କରାଯିବ। ଗହଳିକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ଲୋକେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯିବ। ବିବାହ କାର୍ଯ୍ୟକ୍ରମ ସକାଶେ ଅନୁମତି ନେବା ସହିତ ସମସ୍ତ କୋଭିଡ ନିୟମ ଅନୁପାଳନ ଜରୁରୀ ବୋଲି କୁହାଯାଇଛି। ସେହିପରି ଜିଲାରେ ଚାଲିଥିବା ୫-ଟି ଅନ୍ତର୍ଗତ ସମସ୍ତ କାର୍ଯ୍ୟ ଠିକ ସମୟରେ ସାରିବା ସହିତ ଗୁଣବତ୍ତା ବଜାୟ ରଖିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସହରାଞ୍ଚଳରେ ମୁକ୍ତା ଯୋଜନା କାର୍ଯ୍ୟକୁ ବ୍ୟାପକ କରାଯିବ। ସେହିପରି ଏମ୍ଜିଏନ୍ଆର୍ଇଜିଏସ୍‌ରେ ତାରା ଯୋଜନାକୁ ସଂପୃକ୍ତ କରି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ଜିଲାର ସମସ୍ତ ବୈଠକ ଜୁମ କିମ୍ବା ଭିସିରେ ହେବ। ପ୍ରତ୍ୟେକ ସୋମବାର ସ୍ୱଚ୍ଛ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ ମୁକ୍ତା ଯୋଜନାରେ ସୌନ୍ଦର୍ଯ୍ୟକରଣ, ସଫେଇ, ମୋ ୱାର୍ଡ ବୈଠକ ଆଦି ବିଷୟ ନେଇ ଆଲୋଚନା କରାଯାଇଛି । ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ଛତ୍ରପୁରଠାରେ ଯେଭଳି ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରି ବିକ୍ରିବଟା ଦିଗରେ ପଦକ୍ଷେପ ନିଆଯାଇଛି । ଜିଲାର ପର୍ଯ୍ୟଟନ ସ୍ଥଳ, ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ର ସଫେଇ ଦିଗରେ ଦୃଷ୍ଟି ଦେବାକୁ କୁହାଯାଇଛି। ବୈଠକରେ ଡିଆରଡିଏ ପିଡି ସିନ୍ଧେ ଦତ୍ତାତ୍ରେୟ ଭାଉ ସାହେବ, ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସଚ୍ଚିଦାନନ୍ଦ ନାୟକ, ଅତିରିକ୍ତ ଜିଲାପାଳ ଲୀନା କୁମାରୀ ଖେସ ଓ ପ୍ରିୟରଞ୍ଜନ ପୃଷ୍ଟି, ସିଡିଏମଓ ଡାକ୍ତର ଉମା ଶଙ୍କର ମିଶ୍ର, ଡିପିଏମ ଶ୍ୟାମ ସୁନ୍ଦର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।



ବୈଠକରେ ଉପସ୍ଥିତ ଜିଲ୍ଲାପାଳ ଓ ଅନ୍ୟମାନେ ।

## ୨୩ ଜଣଙ୍କୁ ମିଳିଲା ପଟ୍ଟା

କାଶୀନଗର,୧।୧(ଡି.ଏନ୍.ଏ.)

ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡା ହିତାଧିକାରୀଙ୍କ ଘରକୁ ଘର ଯାଇ ଜମିଜମା ପଟ୍ଟା ବାଣ୍ଟିବାକୁ ନିର୍ଦ୍ଦେଶନାମା କରିଛନ୍ତି। କାଶୀନଗର ତହସିଲ ତରଫରୁ ରାଜସ୍ୱ ରଥ ମାଧ୍ୟମରେ ପଟ୍ଟା ବଣ୍ଟନ ପ୍ରକ୍ରିୟା ଚାଲୁ ରହିଛି। ଶନିବାର ତହସିଲଦାର ସୀମାଞ୍ଚଳ ମହାନ୍ତି ଓ ଅତିରିକ୍ତ ତହସିଲଦାର ଗୋପାଳ କୃଷ୍ଣ ଅଧିକାରୀଙ୍କ ଉପସ୍ଥିତିରେ ସିଆଳି ସର୍କଲ ତାମେୟାପେଟା ଗ୍ରାମରେ ୨୩ ଜଣଙ୍କୁ ବଣ୍ଟନ କରାଯାଇଛି। ସୁପରଭାଇଜର, ଆରଆଇ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଶଶିଭୂଷଣ ରଥଙ୍କ ଜୟନ୍ତୀ

ସୋରଡ଼ା,(ଡି.ଏନ୍.ଏ.)/ ବ୍ରହ୍ମପୁର ଅଫିସ,୧।୧

କରୋନା କଟକଣା ମଧ୍ୟରେ ଶନିବାର ଶଶିଭୂଷଣ ରଥଙ୍କ ୧୩୮ତମ ରାଜ୍ୟସ୍ତରୀୟ ଜୟନ୍ତୀ ସୋରଡ଼ା ଶଶିଭୂଷଣ ସାହିତ୍ୟ ସଂସଦ ଦ୍ୱାରା ପାଳିତ ହୋଇଯାଇଛି। ସଂସଦର ଉମାଶଙ୍କର ଦାସ, ଶିକ୍ଷାବିତ ଗଗନ ବିହାରୀ ପଟ୍ଟନାୟକ, ଅଧ୍ୟାପକ ରଞ୍ଜନ ପାଟଜୋଶୀ, ସାମାଜିକ କର୍ମୀ ଧୋବା ବେହେରା ପ୍ରମୁଖ ସହରର ଋଷିକୁଲ୍ୟା ଛକସ୍ଥିତ ଶଶିଭୂଷଣଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ଅର୍ପଣ କରିଥିଲେ। ଓଡ଼ିଆ ଜାତିର ସ୍ୱାଭିମାନ ପାଇଁ ସଦାସର୍ବଦା ଅଗ୍ରସର ଥିବା ସୋରଡ଼ା ମାଟିର ସ୍ୱର୍ଗତ ରଥ ଆମ ପାଇଁ ଗର୍ବିତ ବୋଲି କହିଥିଲେ। ସେହିପରି ଉତ୍କଳ ସମ୍ମିଳନୀ ଗଞ୍ଜାମ ଜିଲା ପକ୍ଷରୁ ବ୍ରହ୍ମପୁର ପୁରୁଣା ବସ୍‌ଷ୍ଟାଣ୍ଡଠାରେ ଶଶିଭୂଷଣ ରଥଙ୍କ ଜୟନ୍ତୀ ଓ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ମିଳନୀ ସଭାପତି ଡ. ସୁବ୍ରତ କୁମାର ସାହୁ, ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ଏବଂ କାର୍ଯ୍ୟକାରୀ କମିଟି ସଦସ୍ୟ ମହମ୍ମଦ ଆସଲାମ୍, ପାର୍ବତୀ ପ୍ରସାଦ ପାଢ଼ୀଙ୍କ ସମେତ ଅନ୍ୟ ସଦସ୍ୟମାନେ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।


ସୋରଡାରେ ଶଶିଭୂଷଣ ରଥଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି ।

**TENDER CALL NOTICE FOR TENTAGE AND ALLIED WORK**

No.OSO/PMEGP/Exhibition/2021-22 Date:01.01.2022

Sealed tenders are invited from reputed Firms / tent houses for Tentage and allied works required for organizing 'State Level PMEGP Exhibition at Berhampur, Ganjam tentatively in the month of February, 2022. The tender notice, tender document with terms and conditions may be downloaded from the website **www.kvic.org.in** or obtained from KVIC, State Office, J-16, Bhimpur, Gandamunda, PO-Khandagiri, Bhubaneswar during office hour from 02.01.2022 to 22.01.2022. The last date and time for receipt of bids is 24.01.2022 up to 2.00 PM. Technical bid will be opened on 24.01.2022 at 4.00 PM in the Committee Room of KVIC State Office, Bhubaneswar.

State Director, KVIC, Bhubaneswar reserves the right to reject any or all tenders without assigning an reason thereof.

Sd./-
State Director,
KVIC, Bhubaneswar

## ଏସ୍ଏଚ୍ଜି ନେତ୍ରୀଙ୍କ ତାଲିମ ଶିବିର

ପାରଳାଖେମୁଣ୍ଡି,୧।୧ (ଡି.ଏନ୍.ଏ.)

ଗଜପତି ଜିଲା ମିଶନ ଶକ୍ତି ଆନୁକୂଲ୍ୟରେ ବିଭିନ୍ନ ବିଭାଗ ସହିତ ସହଭାଗିତା ଏବଂ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀର ନେତ୍ରୀମାନଙ୍କ ପାଇଁ ଜିଲାସ୍ତରୀୟ ତାଲିମ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲାପରିଷଦ ସଭା ଗୃହଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଜିଲା କୃଷି ଅଧିକାରୀ କୌଳାସ ଚନ୍ଦ୍ର ବେହେରା, ଜିଲା ସମାଜ ମଙ୍ଗଳ ଅଧିକାରୀ ମିନତୀ ଦେଇ, ମିଶନଶକ୍ତିର ଜିଲା ପ୍ରକଳ୍ପ ସଂଯୋଜକ ରଶ୍ମିରଞ୍ଜନ ସେଠୀ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲାର ସ୍ୱୟଂ ସହାୟକ ଗୋଷ୍ଠୀମାନେ କିପରି ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ ହେବେ ସେ ନେଇ ତାଲିମ ପ୍ରଦାନ କରାଯାଇଥିଲା।

**ମହିଳା କେୟାର୍ ଟେକର୍ ଆବଶ୍ୟକ**

ହାଇଦ୍ରାବାଦରେ ଆମ ଘରେ ଜଣେ 95 ବର୍ଷୀୟା ମହିଳାଙ୍କ ସେବା କରିବା ପାଇଁ **କେୟାର୍ ଟେକର୍/ଆୟା** ଭାବେ ଦୁଇଜଣ ମହିଳା ଆବଶ୍ୟକ । ବୟସ 18ରୁ 40 ବର୍ଷ ପର୍ଯ୍ୟନ୍ତ ଓ ଉଚ୍ଚତା 5 ଫୁଟ ହେବା ଆବଶ୍ୟକ। ଅଭିଜ୍ଞତା ଆଧାରରେ ଦରମା: 15,000 - 22,000 । ରହିବା ଓ ଖାଇବା ଖର୍ଚ୍ଚ ଦିଆଯିବ । ଏଜେଣ୍ଟ ମଧ୍ୟ ଯୋଗାଯୋଗ କରିପାରନ୍ତି ।

**ଆମର ଫୋନ୍ ନଂ.: 9652962583**

## ଶୀତକାଳୀନ ସେବା ଶିବିର ଉଦ୍‌ଯାପିତ



ଶିବିରରେ ଉପସ୍ଥିତ ଅତିଥି ଓ ଛାତ୍ର।

ଚିକିଟି,୧।୧(ଡି.ଏନ.ଏ.)

ଚିକିଟି ବ୍ଲକ୍ ନୂଆପଡା ଗ୍ରାମରେ ଅବସ୍ଥିତ ଶ୍ରୀ ବାଲାଜି ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୁଲ୍ୟରେ ଗତ ୨୫ରୁ ୩୧ ଯାଏ ୭ଦିନ ଧରି ଚାଲିଥିବା ଶୀତକାଳିନ ସେବା ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଉକ୍ତ ମହାବିଦ୍ୟାଳୟର ୟୁନିଟ୍ ୨ ଓ ୩ ଶାଖାର ୫୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ମୁଖ୍ୟଅତିଥି ଭାବେ ନୂଆପଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ଡଃ ରାମ ଶଙ୍କର ସାବତ ଯୋଗଦେଇ ଡେଙ୍ଗୁ ନିୟନ୍ତ୍ରଣ ଉପରେ ଆଲୋକପାତ କରିଥିବା ବେଳେ ମହାବିଦ୍ୟାଳୟର ଅଧକ୍ଷ ଆକୁଳାନନ୍ଦ ପାଢି ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରର ତାତ୍ପର୍ଯ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋଚନା କରିଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ଡଃ ସୁଦର୍ଶନ ପଟ୍ଟନାୟକ ଓ ସୁଚିତ୍ରା ମହାନ୍ତି ଶିବିର ପରିଚାଳନା କରିଥିବା ବେଳେ ପ୍ରାଧ୍ୟାପକ ଗଙ୍ଗାଧର ପ୍ରଧାନ, ଅଧ୍ୟାପକ ରୁନା ଚନ୍ଦ୍ର ସାହୁ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ପାଲା ଗାୟକ ସମ୍ମିଳନୀ

ଗଞ୍ଜାମ,୧।୧(ଡି.ଏନ.ଏ.)

ଗଞ୍ଜାମ ବ୍ଲକ ରାମଗଡ଼ ପଞ୍ଚାୟତ ଅନ୍ତର୍ଗତ ପ୍ରୟାଗୀ ଗ୍ରାମର ଅଲେଶ୍ୱର ସମୁଦ୍ର ବେଳାଭୂମିରେ ରାଜ୍ୟସ୍ତରୀୟ ପାଲା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଯୋଗଦେଇ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ। ଭୁବନେଶ୍ୱର ରାଜ୍ୟ ପାଲା ଗାୟକ ପରିଷଦର ସ୍ଥାୟୀ ଉପସଭାପତି ବିନାୟକ ରଥ, ରାଜ୍ୟ ପାଲା ଗାୟକ ଟ୍ରଷ୍ଟ ବୋର୍ଡ ସମ୍ପାଦକ ସୁଦର୍ଶନ ମହାପାତ୍ର, ଜଗନ୍ନାଥ ଅଖିଳ ଭାରତ ପାଲା କଳାକାର ସଂଘ ସଭାପତି ପ୍ରଭାତ କୁମାର ଶ୍ରୀଚନ୍ଦନ, ଅବସର ପ୍ରାପ୍ତ ସଂସ୍କୃତି ବିଭାଗ ସହକାରୀ ନିର୍ଦ୍ଦେଶକ କୃଷ୍ଣ ଚନ୍ଦ୍ର ନିଶାଙ୍କ, ମହା ସଚିବ ଦକ୍ଷିଣ ଓଡିଶା ସାହିତ୍ୟ ସମ୍ମିଳନୀ ଦଣ୍ଡପାଣି ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ରାଜ୍ୟ ଟ୍ରଷ୍ଟ ବୋର୍ଡ ସଦସ୍ୟ ସତ୍ୟ ନାରାୟଣ ଗୌଡ଼ଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

**The Odisha Small Industries Corporation Ltd.**
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-2662 OSIC GST No. 21AAACO2101M1Z1

**e-Procurement Notice for Building works**

Tender Notice No.5581 Date: 31.12.2021
Identification No. On line Building OSIC/Constn./2021-2022/006

(1)1.Name of the work
i) RFP for Construction, Design, Manufacturing, Supply and Erection of Pre-Engineered Building Steel Structure of RICE & RICE Bran cluster (200TPD) and Civil work of solvent Extraction Plant, Testing Laboratory and Training Center.
(2)Total No of works : 01 No.
(3)Class of Contractor : A or B class as per eligibility criteria online.
(4)Period of completion : 09(Nine) Calendar months.
(5)Other details

| Procurement on line | Bid Identification No | Availability of tender on-line for bidding | | Date & time of opening of Tender in O/O MD OSIC Ltd., Cuttack |
|---|---|---|---|---|
| | | From | To | |
| MD OSIC Ltd., Cuttack. | 006 of 2021-2022 | 5.1.2022 At-5.00 P.M | 27.01.22 up to 5.00 P.M | 28.01.2022 At-11.00 A.M |

Further details can be seen from the website www.tendersodisha.gov.in . Any amendment corrigendum, cancellation or re-tender may please be referred to the website.

Sd/-
MANAGING DIRECTOR
OSIC Ltd., Cuttack.
OIPR-14073/11/0089/2122

**N.A.C. OFFICE, KOTPAD**
Ph. No. 06860-283036, Fax No. 06860-283036
E-mail: kotpadnac@gmail.com

**"e" PROCUREMENT NOTICE**
BID IDENTIFICATION NO.- KPDNAC/29/2021-22
Tender ID - 2021_ORULB_75177

No. C-1760: Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. **www.tendersorissa.gov.in**.

1. Nature of the work : Civil
2. No. of works : 06 Nos.
3. Estimated Cost : As per DTCN
4. Period of Completion : As per DTCN
5. Date & time of availability of the bid documents in the portal : From 11.00 hours of Dt.31.12.2021 to 17.00 hours of Dt.10.01.2022
6. Last date/time for receipt of bids in the portal : Dt.10.01.2022 upto 17.00 hour
7. Bids received online shall be opened on : Dt.13.01.2022 at 11.00 hour
8. Name & address of the Officer Inviting Bid : Executive Officer, N.A.C., Kotpad

Further the details can be seen from the procurement portal: **www.tendersodisha.gov.in**.

Sd./- Executive Officer, N.A.C., Kotpad
OIPR-13182/11/0005/2122

## ନେତାଙ୍କ ଆଗରେ ଶକ୍ତି ପ୍ରଦର୍ଶନ କଲେ କର୍ମୀ

ଭଞ୍ଜନଗର,୧।୧(ଡି.ଏନ.ଏ)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ସରପଞ୍ଚ, ସମିତିସଭ୍ୟ ଓ ଜିଲା ପରିଷଦ ସଂରକ୍ଷଣ ତାଲିକା ପ୍ରକାଶ ପାଇ ସାରିଛି। ନୂଆ ସଂରକ୍ଷଣ ତାଲିକା ପରେ ନିର୍ବାଚନରେ ପ୍ରାର୍ଥୀ ହେବାକୁ ଥିବା ଅନେକ ଆଶାୟୀ ପୁଣି ନିରାଶ ହୋଇଛନ୍ତି। ବିଜେଡିର ଅନେକ ସରପଞ୍ଚ, ସମିତିସଭ୍ୟ ପୁଣି ପ୍ରାର୍ଥୀ ହେବାରୁ ବଞ୍ଚିତ ହେବେ । ବିରୋଧୀ ଦଳଗୁଡ଼ିକ ଆଇନର ଆଶ୍ରୟ ନେବାକୁ ସଜବାଜ ହେଉଛନ୍ତି। ଏଭଳି ସ୍ଥିତିରେ ଶନିବାର ନୂଆବର୍ଷର ପ୍ରଥମ ଦିନ ଭଞ୍ଜନଗର ନିର୍ବାଚନମଣ୍ଡଳୀର ଆଶାୟୀ ପ୍ରାର୍ଥୀମାନେ ସେମାନଙ୍କ ନେତାଙ୍କୁ ଅଭିନନ୍ଦନ ଜଣାଇବାକୁ ଆସି ଶକ୍ତି ପ୍ରଦର୍ଶନ କରିଛନ୍ତି। ଭଞ୍ଜନଗର ବିଧାୟକ ତଥା ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ ଅଗଝୋଳସ୍ଥିତ ବାସଭବନରେ ସକାଳୁ ଦଳୀୟ କର୍ମୀ, ନେତା, ଅଫିସର ଏବଂ ଶୁଭେଚ୍ଛୁଙ୍କ ଭିଡ଼ ଜମିଥିଲା। ଦଳୀୟ କର୍ମୀମାନେ ଦଳଦଳ ହୋଇ ସ୍ଲୋଗାନ ଦେଇ ଆସୁଥିବା ଲକ୍ଷ୍ୟ କରାଯାଉଥିଲା। କେତକ ପଞ୍ଚାୟତର ନେତାମାନେ ଅଲଗା ଆସୁଥିଲେ। ମନ୍ତ୍ରୀ ମଧ୍ୟ ସମସ୍ତଙ୍କୁ ନୂଆବର୍ଷର ଅଭିନନ୍ଦନ ଜଣାଇଥିଲେ। ସେହିପରି ଭାଜପା ଓ କଂଗ୍ରେସ ନେତାଙ୍କ ଘରେ ସମର୍ଥକମାନେ ଭିଡ଼ ଜଣାଇଥିଲେ ।

**OFFICE OF THE COLLECTOR, CUTTACK**
(ST & SC Dev. Section)
**ADVERTISEMENT**

Notification No. 3167/WEL Dated: 30.12.2021

No. V-59: Application in prescribed forms are invited from the deserving candidates from native of Odisha for engagement as **Initial Appointee through WRITTEN EXAMINATION** in the following categories of posts in ST & SC Development Department Educational Institution run in Cuttack District. Preference will be given to the candidates belonging to the same district.

| Sl. No. | Name of the Post | Catagory wise Position | | | | | | | | |
|---|---|---|---|---|---|---|---|---|---|---|
| | | ST | ST (W) | SC | SC (W) | SEBC | SEBC (W) | UR | UR (W) | Total |
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 |
| 1 | B.A., B.Ed. | 1 | - | 1 | - | - | - | 1 | - | 3 |
| 2 | Sanskrit | - | - | - | - | - | - | 1 | - | 1 |
| 3 | IA CT | - | - | - | - | - | - | 1 | - | 1 |

The detail advertisement and the selection criteria may be obtained from office Notice Board of District Welfare Office, Cuttack and District website i.e. **www.cuttack.nic.in**. The candidates may download the advertisement, scheme/syllabus (for written examination) and application format accordingly. **The last date of receipt of application in the office of the District Welfare Office, Cuttack is 31.01.2022 by 5.00 P.M. through Regd. Post/Speed Post only.**

By Order of the Collector, Cuttack
Sd./- District Welfare Officer, Cuttack
OIPR-24178/11/0010/2122

GOVERNMENT OF ODISHA
**OFFICE OF THE PROJECT ADMINISTRATOR, ITDA, MALKANGIRI**
**e-Procurement Notice**
Bid Identification No. ITDAMKG-06/2021-22

1. The Project Administrator, ITDA, Malkangiri on behalf of Governor of Odisha invites **Percentage Rate Bids** through **Online Mode** in Double Cover System for the type of works given in the table, from the eligible contractors of Class (D Class/C Class) or of equivalent range registered with the State Governments and Central Government/MES/Railways for execution of Building work. The proof of registration from the appropriate authority shall be enclosed along with the Bid. The successful bidder who has not registered under State Government has to register under the State PWD in appropriate class of eligibility before signing of the agreement. The bid should be submitted only online on the website **www.tendersodisha.gov.in**.

| | |
|---|---|
| Name/Type of works | Repair, Maintenance of Hostels, White Washing, Colouring, Electrical & PH Works, Roof Treatment, Washing Platform Cloth Drying Yard, Const. of CC Drain, Boundary Wall, Addl. Classroom, Approach Road, etc. in different Hostels running under SSD Department. |
| No. of works | 69 Nos. (Sixty Nine) |
| Amount put to tender | As laid down in the DTCN |
| Tender Paper Cost | As laid down in the DTCN |
| E.M.D. Amount Required | Bid securing declaration in the prescribed format |
| Period of Completion | As laid down in the DTCN for each work |
| Date & time of availability of bid document in the portal | From 3.00 P.M. of 01.01.2022 to 15.01.2022 upto 5.30 P.M. |
| Last date/time for receipt of bid in the portal | From 3.00 P.M. of 01.01.2022 to 15.01.2022 upto 5.30 P.M. |
| Last date/time for submission of paper cost & documents | From 10.00 A.M. of 17.01.2022 to 19.01.2022 upto 5.30 P.M. (During office hours in working days) in the tender box kept at ITDA/through Registered Post |
| Date of Opening of Tender | 20.01.2022 (At 11.00 A.M.) |

Further deails can be seen from the e-procurement portal **www.tendersodisha.gov.in**.

Sd./- Project Administrator, ITDA, Malkangiri

## ଖବରକାଗଜ ବିତରକ ସଂଘ ଗଠିତ



ବନ୍ଧୁମିଳନରେ ଯୋଗଦେଇଥିବା ଖବରକାଗଜ ବିତରକମାନେ।

ଆସିକା,୧।୧(ଡି.ଏନ୍.ଏ.)

ଆସିକା ତଥା ଆଖପାଖ ଅଞ୍ଚଳର ଖବରକାଗଜ ବିତରକମାନଙ୍କ ବନ୍ଧୁମିଳନ ଶୁକ୍ରବାର ସ୍ଥାନୀୟ ଖମ୍ବେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା । ବିତରକ ସନ୍ତୋଷ କୁମାର ପାଢୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବନ୍ଧୁମିଳନ ଅବସରରେ ଆସିକା ଖବରକାଗଜ ବିତରକ ସଂଘ ଗଠିତ ହୋଇଥିଲା । ବରିଷ୍ଠ ଖବରଦାତା ସୁରେନ୍ଦ୍ର ନାଥ ସାହୁ, ମନୋଜ କୁମାର ମୁନୀ, ସତ୍ୟନାରାୟଣ ରଥ, ଅନିଲ କୁମାର ପାଣିଗ୍ରାହୀ, ନାର୍ଣ୍ଣୁଲୁ ଆଚାରୀ, ଯୋଗେନ୍ଦ୍ର ପ୍ରଧାନ, ନରେନ୍ଦ୍ର କୁମାର ସାହୁ, ସରୋଜ କୁମାର ଦାସ, ଗିରିଶ ତ୍ରିପାଠୀ ଏବଂ ସାମାଜିକ କର୍ମୀ ସତ୍ୟନାରାୟଣ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଖବରକାଗଜ ବିତରକମାନଙ୍କୁ ରାଜ୍ୟ ସରକାର ପ୍ରୋତ୍ସାହନମୂଳକ ସହାୟତା ଦେଇଥିବାରୁ ସାଧୁବାଦ ଜଣାଇଥିଲେ । ଖବରକାଗଜ ବିତରକ ସଂଘର ସଭାପତି ଭାବେ ସୁରେନ୍ଦ୍ର ନାଥ ଖାଡଙ୍ଗା, ଉପସଭାପତି ଭୀଷ୍ମ ନାରାୟଣ ପ୍ରଧାନ, ସାଧାରଣ ସମ୍ପାଦକ ଲବ ସାହୁ, ଯୁଗ୍ମ ସମ୍ପାଦକ କୃଷ୍ଣ ଜେନା ଓ କୋଷାଧ୍ୟକ୍ଷ ରୂପେ ସନ୍ତୋଷ କୁମାର ପାଢ଼ୀଙ୍କୁ ମନୋନୀତ କରାଯାଇଥିଲା।

**ତହସିଲଦାରଙ୍କ କାର୍ଯ୍ୟାଳୟ, ଦାନଗଦୀ, ଜିଲ୍ଲା: ଯାଜପୁର**
ଲଘୁ ଖଣିଜ ଦ୍ରବ୍ୟ (ଗଚ୍ଛିତ ବାଲି) ସ୍ୱଳ୍ପ ମିଆଦୀ ନିଲାମ ନିମନ୍ତେ ବିଜ୍ଞାପନ

ସଂଖ୍ୟା: ୪୦୨୯/୨୦୨୧ ତାରିଖ: ୩୧।୧୨।୨୦୨୧

ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟର ରିହାତି ନିୟମାବଳୀ – ୨୦୧୬ ଅନୁଯାୟୀ

No. F-284: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ ଦାନଗଦୀ ତହସିଲ ଅଧୀନରେ ଥିବା ନିମ୍ନସୂଚୀ ପ୍ରଦତ୍ତ ଗଚ୍ଛିତ ବାଲି (ଲଘୁ ଖଣିଜ ଦ୍ରବ୍ୟ)କୁ ନିଲାମ ସୂତ୍ରେ ନେବାପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଏହି ସମ୍ବନ୍ଧୀୟ ସମସ୍ତ ଆବଶ୍ୟକୀୟ ତଥ୍ୟ ତହସିଲ କାର୍ଯ୍ୟାଳୟ, ଦାନଗଦୀରେ ସମସ୍ତ କାର୍ଯ୍ୟଦିବସମାନଙ୍କରେ ଉପଲବ୍ଧ ଅଟେ ଏବଂ ଯାଜପୁର ଜିଲ୍ଲା Website: **https://www.jajpur.nic.in**ରେ ମଧ୍ୟ ଉପଲବ୍ଧ ଅଟେ।

ସୈରାତ ଉତ୍ସଗୁଡ଼ିକର ବିବରଣୀ

| କ୍ର.ନଂ. | ସଇରାତ କେସ୍ ନଂ./ବର୍ଷ | ସଇରାତ ଉତ୍ସର ନାମ | ମୌଜା | ଖାତା ନଂ. | ପ୍ଲଟ ନଂ. | ରକବା (ଏକରରେ) | କିସମ | ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (ଘନ ମିଟରରେ) | ସର୍ବନିମ୍ନ ରୟାଲଟି ମୂଲ୍ୟ (ଘନ ମିଟରରେ) | ସର୍ବନିମ୍ନ ଅତିରିକ୍ତ ଦେୟ (ଘନ ମିଟରରେ) |
|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧ | ୦୧/୨୦୨୧ | ଦିଗାମ୍ବରପୁର ବାଲିଘାଟ | ଦିଗାମ୍ବରପୁର | ୬୮ | ୪୦୭ | ୧୦.୦୦ | ନଦୀ | ୭୦୦୦ | ୩୫.୦୦ | ୪୫.୦୦ |
| ୨ | ୦୨/୨୦୨୧ | ପଙ୍କପାଳ-୧ ବାଲିଘାଟ | ପଙ୍କପାଳ | ୨୨୪ | ୧୦୮୯ | ୧୨.୩୦ | ନଦୀ | ୬୦୦୦ | ୩୫.୦୦ | ୪୫.୦୦ |
| ୩ | ୦୩/୨୦୨୧ | ପଙ୍କପାଳ-୨ ବାଲିଘାଟ | ପଙ୍କପାଳ | ୨୨୪ | ୧୦୭୫ | ୧୨.୩୦ | ନଦୀ | ୬୦୦୦ | ୩୫.୦୦ | ୪୫.୦୦ |

OIPR-24149/11/0004/2122 ସ୍ୱା./– ତହସିଲଦାର, ଦାନଗଦୀ

**BERHAMPUR MUNICIPAL CORPORATION**
No. 17275 Date: 29.12.21

**QUOTATION CALL NOTICE**

No. C-1758: Sealed quotations are invited from Fabricator and Erector/Iron Manufacturing Unit/ Enterprises (Steel & Iron) to be reached by Speed Post/Registered Post for supply and Installation of Hoardings of Model and specification for "JAGA MISSION" around 150 Nos. in different slums. The detailed terms & conditions are available at our official website **www.berhampur.gov.in**. The last date of receipt of tenders in this office by 06.01.22 by 2.00 P.M. The bid will be opened on 06.01.22 at 4.30 P.M. in the office chamber of undersigned.
The authority reserves the right to accept or reject any quotation without assigning any reason thereof.

Sd./- Commissioner
Berhampur Municipal Corporation
OIPR-13035/11/0045/2122

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. ORIORI/2005/14844 Postal Regd. No. BN/42/21-23. ବ୍ରହ୍ମପୁର, ରବିବାର, ଜାନୁୟାରୀ ୨/୨୦୨୨ Berhampur, Sunday, January 2 / 2022

# ମୃତ୍ୟୁମୁହଁରେ ପଡ଼ିପାରନ୍ତି ୮୦ ହଜାର

## ମହାରାଷ୍ଟ୍ର ସରକାରଙ୍କ ଚେତାବନୀ

■୮୦ ଲକ୍ଷ ଆକ୍ରାନ୍ତ ହେବା ଆଶଙ୍କା

■୧୦ ମନ୍ତ୍ରୀ, ୨୦ ବିଧାୟକଙ୍କୁ କରୋନା

ମୁମ୍ବାଇ, ୧।୧


ମୁମ୍ବାଇରେ ଜଣେ ସ୍ୱାସ୍ଥ୍ୟକର୍ମୀ ଗାଡ଼ି ଭିତରେ ମହିଳାଙ୍କୁ କୋଭିଡ୍ ଟିକା ଦେଉଛନ୍ତି।

ମହାରାଷ୍ଟ୍ରରେ କରୋନାର ତୃତୀୟ ଲହର ସ୍ପଷ୍ଟ ହୋଇସାରିଥିବାବେଳେ ସଂକ୍ରମଣ ବ୍ୟାପକ ହେବ ଏବଂ ଏହା ବେଶ୍ ଘାତକ ସାବ୍ୟସ୍ତ ବୋଲି ଚେତାବନୀ ଦେଇଛନ୍ତି ରାଜ୍ୟ ସରକାର। ଏଥିରେ ୮୦ ଲକ୍ଷରୁ ଅଧିକ ଆକ୍ରାନ୍ତ ହେବେ ଏବଂ ୮୦ ହଜାରରୁ ଊର୍ଦ୍ଧ୍ୱଙ୍କ ଜୀବନ ଯାଇପାରେ ବୋଲି ଅତିରିକ୍ତ ସ୍ୱାସ୍ଥ୍ୟ ସଚିବ ଡ. ପ୍ରଦୀପ ବ୍ୟାସ କହିଛନ୍ତି। ଯଦି ତୃତୀୟ ଲହରରେ ୮୦ ଲକ୍ଷ କୋଭିଡ୍ ମାମଲା ଆସେ ତେବେ ୧ ପ୍ରତିଶତ ହାରରେ ମୃତ୍ୟୁସଂଖ୍ୟା ୮୦ ହଜାର ରହିପାରେ। ତେଣୁ ପ୍ରଶାସନିକ ଅଧିକାରୀମାନେ ଓମିକ୍ରନ ସଂକ୍ରମଣ କିମ୍ବା ତୃତୀୟ ଲହରକୁ ହାଲୁକା ଭାବେ ନ ନେଇ ଏଥିପ୍ରତି ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଛନ୍ତି। ଟିକା ନେଇ ନ ଥିବା ଏବଂ ବିଭିନ୍ନ ରୋଗରେ ପୀଡ଼ିତ ଥିବା ବ୍ୟକ୍ତି ଏଥିରେ ସର୍ବାଧିକ ପ୍ରଭାବିତ ହୋଇପାରନ୍ତି। ଅଧିକରୁ ଅଧିକ ଟିକାକରଣ କରି ଜୀବନ ବଞ୍ଚାଇବାକୁ ପ୍ରାଥମିକତା ଦିଆଯିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ଓମିକ୍ରନ ସହ ରାଜ୍ୟରେ ଡେଲ୍ଟାର ପ୍ରକୋପ ମଧ ଜାରି ରହିଛି। କରୋନା ମାମଲା ମଧ୍ୟରୁ ୭୦ ପ୍ରତିଶତ ଡେଲ୍ଟାରେ ସଂକ୍ରମିତ ହୋଇଥିବା ଜିନୋମ୍ ସିକ୍ୱେନ୍ସିଂରୁ ଜଣାପଡ଼ିଛି ବୋଲି ସେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ମହାରାଷ୍ଟ୍ରର ୧୦ରୁ ଅଧିକ ମନ୍ତ୍ରୀ ଏବଂ ପ୍ରାୟ ୨୦ ଜଣ ବିଧାୟକ କରୋନାରେ ଆକ୍ରାନ୍ତ ହୋଇଥିବା ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର କହିଛନ୍ତି।

## ଉପରମୁହାଁ ଓମିକ୍ରନ୍

■ଦେଶରେ ୧୪୩୧ ସଂକ୍ରମିତ

■ଦିନକରେ କୋଭିଡ୍ ମାମଲା ୩୫% ବୃଦ୍ଧି

ନୂଆଦିଲ୍ଲୀ, ୧।୧

ଦେଶରେ ଉପରମୁହାଁ ହୋଇଚାଲିଛି ଓମିକ୍ରନ୍ ସଂକ୍ରମଣ। କରୋନାର ଏହି ନୂଆ ଭାରିଆଣ୍ଟରେ ଦିନକରେ ୧୪୩୧ ମାମଲା ଚିହ୍ନଟ ହୋଇଛି। ଏଥିଯୋଗୁ ଭାରତରେ ମୋଟ ସଂକ୍ରମଣ ଦିନକରେ ୩୫ ପ୍ରତିଶତ ବୃଦ୍ଧି ପାଇଛି। ଗତ ୨୪ ଘଣ୍ଟାରେ ସମୁଦାୟ ୨୨,୭୭୫ ଜଣ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଦିନକରେ ୪୦୬ ମୃତ୍ୟୁ ରେକର୍ଡ କରାଯାଇଛି। ଏବେ ସୁଦ୍ଧା ୨୩ ରାଜ୍ୟକୁ ଓମିକ୍ରନ୍ ସଂକ୍ରମଣ ବ୍ୟାପିସାରିଛି। ମହାରାଷ୍ଟ୍ର ଏହି ଭାରିଆଣ୍ଟରେ ସବୁଠୁ ଅଧିକ ପ୍ରଭାବିତ ହୋଇଛି। ମୋଟ ୪୫୪ ମାମଲା ମହାରାଷ୍ଟ୍ରରେ ରହିଥିବାବେଳେ ଏହା ତଳକୁ ଦିଲ୍ଲୀରେ ୩୫୧ ଜଣ ଓମିକ୍ରନ୍‌ରେ ସଂକ୍ରମିତ ହୋଇଛନ୍ତି। ତୃତୀୟ ସର୍ବାଧିକ ଆକ୍ରାନ୍ତ ଥିବା ରାଜ୍ୟ ତାମିଲନାଡୁରେ ୧୧୮ ଓମିକ୍ରନ୍ ମାମଲା ରହିଛି। ଗୁଜରାଟରେ ୧୧୫, କେରଳରେ ୧୦୯ କେସ୍ ସାମ୍ନାକୁ ଆସିଛି।

ଓମିକ୍ରନ୍ ସଙ୍କଟବେଳେ ଭାରତରେ ହଠାତ୍ ମେଡିକାଲ କେୟାରର ଆବଶ୍ୟକତା ବଢ଼ିଯିବ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ମୁଖ୍ୟ ବୈଜ୍ଞାନିକ ସୌମ୍ୟା ସ୍ୱାମୀନାଥନ୍ କହିଛନ୍ତି। ଅତି ଦ୍ରୁତବେଗରେ ସଂକ୍ରମଣ ମାଡ଼ିବ ଏବଂ ବହୁ ସଂଖ୍ୟାରେ ଲୋକେ ଏଥିରେ ଆକ୍ରାନ୍ତ ହେବାକୁ ଯାଉଥିବା ସେ ଏକ ସାକ୍ଷାତକାରରେ କହିଛନ୍ତି। ଭାରତରେ ମୋଟ କୋଭିଡ୍ ମାମଲା ୩,୪୮,୬୧,୫୭୯କୁ ବୃଦ୍ଧି ପାଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ସକ୍ରିୟ ମାମଲା ୧ ଲକ୍ଷ ଟପିଥିବାବେଳେ ଦୈନିକ ପଜିଟିଭ୍ ହାର ୨.୦୫ % ରହିଛି।

## ସଂକ୍ଷେପରେ

### ୧୫ରୁ ୧୮ ବର୍ଷୀୟଙ୍କ ଟିକାକରଣ ଲାଗି ପଞ୍ଜୀକରଣ ଆରମ୍ଭ

**ନୂଆଦିଲ୍ଲୀ, ୧।୧:** ପନ୍ଦରରୁ ଅଠର ବର୍ଷୀୟ କିଶୋରୀକିଶୋରଙ୍କୁ କୋଭିଡ୍-୧୯ ଟିକାକରଣ ଲାଗି ଶନିବାରଠାରୁ କୋୱିନ୍ ପୋର୍ଟାଲରେ ପଞ୍ଜୀକରଣ ଆରମ୍ଭ ହୋଇଛି। ପରିବାରର ଯୋଗ୍ୟ କିଶୋର କିଶୋରୀମାନେ ନାମ ପଞ୍ଜୀକରଣ କରାଇବାକୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଅନୁରୋଧ କରାଯାଇଛି। ଆସନ୍ତା ୩ ତାରିଖରୁ ଏହି ବର୍ଗର ପିଲାମାନଙ୍କୁ କୋଭିଡ୍ ଟିକା ଦିଆଯିବ। ଏଥିପାଇଁ କେବଳ କୋଭାକ୍ସିନ୍ ଟିକା ବ୍ୟବହାର କରାଯିବ ବୋଲି ପୂର୍ବରୁ ଘୋଷଣା କରାଯାଇଥିଲା।

### ଏଲିଜାବେଥ୍‌ଙ୍କ ନାଁରେ ନାମିତ ହେବ ଦ୍ୱୀପ



**ଲଣ୍ଡନ, ୧।୧:** ଅଷ୍ଟ୍ରେଲିଆର କାନ୍‌ବେରାସ୍ଥିତ ହ୍ରଦ ବର୍ଲେ ଗ୍ରିଫିନରେ ଥିବା ଆସ୍‌ପେନ୍ ଦ୍ୱୀପକୁ ବ୍ରିଟେନ ମହାରାଣୀ ଏଲିଜାବେଥ୍ ଦ୍ୱିତୀୟଙ୍କ ନାଁରେ ନାମିତ କରାଯିବ। ଏ ନେଇ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ସ୍କଟ୍ ମରିସନ୍ ଶନିବାର ଘୋଷଣା କରିଛନ୍ତି। ଆସନ୍ତା ଜୁନ୍‌ରେ ଏଲିଜାବେଥ୍ ଦ୍ୱିତୀୟଙ୍କ ଯୋଗଦାନର ୭୦ ତମ ବାର୍ଷିକୀ ପାଳନ କରିବା ନିମନ୍ତେ ଆୟୋଜନ ହେବାକୁ ଥିବା ସମାରୋହରେ ଏହି ଘୋଷଣା କାର୍ଯ୍ୟକାରୀ ହେବ ବୋଲି ମରିସନ୍ କହିଛନ୍ତି। ଅଷ୍ଟ୍ରେଲିଆକୁ ୭୦ ବର୍ଷ ଧରି ସେବା ଯୋଗାଇବା ବାସ୍ତବରେ ବହୁତ ବଡ଼ ଉପଲବ୍ଧି। ଏହି ଉପଲକ୍ଷେ ସମସ୍ତ କମନୱେଲ୍‌ଥ୍ ରାଷ୍ଟ୍ରଗୁଡ଼ିକ ଏକାଠି ସମାରୋହ ପାଳନ କରିବା ଗର୍ବର କଥା ବୋଲି ସେ ପ୍ରକାଶ କରିଛନ୍ତି।

### ଭାରତ, ପାକ୍ ମଧ୍ୟରେ ଆଣବିକ ପ୍ରତିଷ୍ଠାନ, ବନ୍ଦୀ ତାଲିକା ବିନିମୟ

**ନୂଆଦିଲ୍ଲୀ, ୧।୧:** ନୂଆବର୍ଷ ଅବସରରେ ଶନିବାର ଭାରତ ଓ ପାକିସ୍ତାନ ପରସ୍ପର ମଧ୍ୟରେ ଆଣବିକ ପ୍ରତିଷ୍ଠାନ ତାଲିକା ବିନିମୟ କରିଛନ୍ତି। ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ଭଲ ନ ଥିବା ସତ୍ତ୍ୱେ ୩ ଦଶନ୍ଧି ଧରି ଏଭଳି ତାଲିକା ଆଦାନପ୍ରଦାନ ପରମ୍ପରା ଜାରି ରହିଛି। ଯୁଦ୍ଧ ହେଲେ ପ୍ରତିପକ୍ଷଙ୍କ ଆଣବିକ ପ୍ରତିଷ୍ଠାନ ଉପରେ ଆକ୍ରମଣ ନ କରିବା ଏହି ତାଲିକା ବିନିମୟର ଉଦ୍ଦେଶ୍ୟ। ସେହିପରି ନୂଆବର୍ଷ ଅବସରରେ ଦୁଇ ଦେଶର ଜେଲ୍‌ରେ ରହିଥିବା ବନ୍ଦୀମାନଙ୍କ ତାଲିକା ମଧ୍ୟ ଆଦାନପ୍ରଦାନ କରାଯାଇଛି। ଭାରତୀୟ ବନ୍ଦୀ, ନିଖୋଜ ପ୍ରତିରକ୍ଷା କର୍ମଚାରୀ ଓ ମତ୍ସ୍ୟଜୀବୀମାନଙ୍କୁ ତୁରନ୍ତ ମୁକ୍ତ କରିଦେବା ପାଇଁ ନୂଆଦିଲ୍ଲୀ ପକ୍ଷରୁ ଅନୁରୋଧ କରାଯାଇଛି। ପରସ୍ପରର ଆଣବିକ ପ୍ରତିଷ୍ଠାନ ଉପରେ ଆକ୍ରମଣ ନ କରିବା ପାଇଁ ପୂର୍ବରୁ ହୋଇଥିବା ଚୁକ୍ତିନାମା ମୁତାବକ ନୂଆଦିଲ୍ଲୀ ଓ ଇସ୍‌ଲାମାବାଦରେ ଥିବା କୂଟନୈତିକ ଚ୍ୟାନେଲ ଜରିଆରେ ଆଣବିକ ପ୍ରତିଷ୍ଠାନ ଓ ପ୍ଲାଣ୍ଟ ତାଲିକା ବିନିମୟ ହୋଇଛି।

## ହରିଦ୍ୱାର ଧର୍ମ ସଂସଦ ବିବାଦ

### ନରସିଂହାନନ୍ଦ, ସାଗର ସିନ୍ଧୁରାଜଙ୍କ ନାଁରେ ଏତଲା

ହରିଦ୍ୱାର, ୧।୧

ଉତ୍ତରାଖଣ୍ଡର ହରିଦ୍ୱାରରେ ଅନୁଷ୍ଠିତ ଧର୍ମ ସଂସଦରେ ମୁସଲମାନ ସମ୍ପ୍ରଦାୟ ବିରୋଧରେ ହିଂସାତ୍ମକ ବକ୍ତବ୍ୟ ଦେବା ଅଭିଯୋଗରେ ସ୍ଥାନୀୟ ପୋଲିସ ହିନ୍ଦୁ ନେତା ଯେତି ନରସିଂହାନନ୍ଦ ଏବଂ ସାଗର ସିନ୍ଧୁରାଜଙ୍କ ବିରୋଧରେ ଏତଲା ଦାଏର କରିଛି। ଘୃଣିତ ଭାଷଣର ଭିଡିଓ କ୍ଲିପ୍ ଆଧାରରେ ଦୁଇ ସନ୍ଥଙ୍କ ନାମ ଏତଲାରେ ସାମିଲ କରାଯିବା ସହ ଧାରା ୨୯୫ଏ ଲାଗିଛି। ପୂର୍ବରୁ ଧର୍ମ ଦାସ, ଅନ୍ନପୂର୍ଣ୍ଣା, ୱାସିମ୍ ରିଜ୍‌ଭି ଓରଫ ଜିତେନ୍ଦ୍ର ତ୍ୟାଗୀ ଏବଂ ଧର୍ମ ସଂସଦ ସହ ସମ୍ପୃକ୍ତ କେତେଜଣଙ୍କ ବିରୋଧରେ ଏତଲା ଦାଏର ହୋଇଥିଲା। ସୂଚନାଯୋଗ୍ୟ, ୩ ଦିନିଆ ଧର୍ମ ସଂସଦରେ ଭାରତକୁ ହିନ୍ଦୁ ରାଷ୍ଟ୍ରରେ ପରିଣତ କରିବା ପାଇଁ କୁହାଯାଇଥିଲା। ଏଥିପାଇଁ ଆବଶ୍ୟକ ପଡ଼ିଲେ ଅସ୍ତ୍ର ଉଠାଇବାକୁ ଓ ଭାରତରେ ଥିବା ମୁସଲମାନମାନଙ୍କୁ ନିପାତ କରିବା ଲାଗି ଖୋଲା ଆହ୍ୱାନ ଦିଆଯାଇଥିଲା।

### ଇସ୍ରାଏଲରେ ପ୍ରଥମ ଫ୍ଲୋରୋନା ସଂକ୍ରମଣ

ତେଲ୍ ଅଭିଭ୍, ୧।୧

ବିଶ୍ୱ କରୋନାରୁ ମୁକୁଳିବାକୁ ରାସ୍ତା ଖୋଜୁଥିବାବେଳେ ଇସ୍ରାଏଲର ନୂତନ କରି 'ଫ୍ଲୋରୋନା' ସଂକ୍ରମଣ ଚିହ୍ନଟ ହୋଇଛି। ଏହା କରୋନା ଏବଂ ଇନ୍‌ଫ୍ଲୁଏଞ୍ଜାର ଏକ ଦୋହରା ସଂକ୍ରମଣ। ରୋବିନ୍ ମେଡିକାଲ ସେଣ୍ଟରେ ଜଣେ ଗର୍ଭବତୀ ମହିଳା ଏଥିରେ ସଂକ୍ରମିତ ହୋଇଛନ୍ତି। ଦୁଇଟି ଭୂତାଣୁର ମିଶ୍ରଣରେ ସୃଷ୍ଟି ଫ୍ଲୋରୋନା ସଂକ୍ରମଣ ଆକ୍ରାନ୍ତଙ୍କୁ ଗୁରୁତର କରିପାରେ କି ନା ସେ ନେଇ ଅଧ୍ୟୟନ ଚାଲିଥିବା ଇସ୍ରାଏଲ ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି।

## କଶ୍ମୀରର ୩ ପୂର୍ବତନ ମୁଖ୍ୟମନ୍ତ୍ରୀ ଗୃହବନ୍ଦୀ


ଫାରୁକ୍ ଅବଦୁଲ୍ଲା


ମେହବୁବା ମୁଫ୍‌ତି


ଓମାର ଅବଦୁଲ୍ଲା

**ଶ୍ରୀନଗର, ୧।୧:** ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବଦୁଲ୍ଲା, ଓମାର ଅବଦୁଲ୍ଲା, ମେହବୁବା ମୁଫ୍‌ତିଙ୍କୁ ଗୃହବନ୍ଦୀ ରଖାଯାଇଛି। ସେମାନେ ରହୁଥିବା ଶ୍ରୀନଗରର ଗୁପ୍‌କାର ରୋଡ୍ ଅଞ୍ଚଳକୁ ହାଇ ସିକ୍ୟୁରିଟି ଜୋନ୍ ମଧ୍ୟରେ ରଖାଯାଇଛି। ପିପୁଲ୍ସ ଆଲିଆନ୍ସ ଫର୍ ଗୁପ୍‌କାର ଡିକ୍ଲେରେଶନ (ପିଏଜିଡି)ର ଏହି ନେତାମାନଙ୍କ ଘର ଆଗରେ ସୁରକ୍ଷା ଟ୍ରକ୍ ରଖାଯାଇଛି ଓ କାହାରିକୁ ଭିତରକୁ ଛଡ଼ାଯାଉନାହିଁ।

ଜମ୍ମୁ ଅଞ୍ଚଳରେ ୬ ଏବଂ କଶ୍ମୀରରେ ଗୋଟିଏ ବିଧାନସଭା ଆସନ ବଢ଼ାଇବା ଲାଗି ସୀମା ପୁନଃ ନିର୍ଦ୍ଧାରଣ କମିଶନ ପ୍ରସ୍ତାବ ଦେଇଥିଲେ। ଫାରୁକ୍ ଅବଦୁଲ୍ଲାଙ୍କ ନେତୃତ୍ୱରେ ଗୁପ୍‌କାର ମେଣ୍ଟ ଉକ୍ତ ଚିଠା ପ୍ରସ୍ତାବ ବିରୋଧରେ ଆନ୍ଦୋଳନ ଘୋଷଣା କରିଥିଲା। ଶାନ୍ତିପୂର୍ଣ୍ଣ ଆନ୍ଦୋଳନକୁ ଚାପିଦେବା ଲାଗି ସରକାର ଯୋଜନା କରୁଥିବା ନ୍ୟାଶନାଲ କନ୍‌ଫରେନ୍ସର ଉପାଧ୍ୟକ୍ଷ ଓମାର ଅବଦୁଲ୍ଲା କହିଛନ୍ତି।

## ବାଣ କାରଖାନାରେ ବିସ୍ଫୋରଣ: ୫ ମୃତ

**ଚେନ୍ନାଇ, ୧।୧:** ତାମିଲନାଡୁର ଶିବକାଶୀ ନିକଟ ପୁଡୁପଟ୍ଟିଠାରେ ଥିବା ଏକ ବାଣ କାରଖାନାରେ ଶନିବାର ସକାଳେ ବିସ୍ଫୋରଣ ଘଟି ୫ ଜଣଙ୍କ ମୃତ୍ୟୁ ହେବା ସହ ଅନ୍ୟ ୧୦ ଗୁରୁତର ଆହତ ହୋଇଛନ୍ତି। ପୁଡୁପଟ୍ଟିର ସି ଭଝିଭିଡୁ ମୁରୁଗାନ୍‌ଙ୍କ ଏହି କାରଖାନାର କେମିକାଲ ବ୍ଲେଣ୍ଡିଂ ୟୁନିଟରେ ବିସ୍ଫୋରଣ ହୋଇଥିଲା। ଅଗ୍ନିଶମ କର୍ମଚାରୀମାନେ ନିଆଁକୁ ଆୟତ୍ତ କରିବା ସହ ଲୋକମାନଙ୍କୁ ଉଦ୍ଧାର କରିଥିଲେ। ଘଟଣାସ୍ଥଳରୁ ୩ ମୃତଦେହ ମିଳିଥିବାବେଳେ ହସ୍ପିଟାଲରେ ୨ ଜଣ ଆଖି ବୁଜିଛନ୍ତି। ଆହତମାନଙ୍କ ଅବସ୍ଥା ଗୁରୁତର ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ନାଥମପଟ୍ଟି ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ଭୂସ୍ଖଳନରେ ୪ ମୃତ


ଭିୱାନି, ୧।୧(ପି.ଟି.)

ହରିୟାଣାର ଭିୱାନି ଜିଲା ଅନ୍ତର୍ଗତ ଦାଦମ୍ ଖଣି ଅଞ୍ଚଳରେ ଶନିବାର ଭୂସ୍ଖଳନ ଘଟି ୪ ଜଣଙ୍କ ଜୀବନ ଯାଇଥିବାବେଳେ ଅନେକେ ମାଟିତଳେ ପୋତିହୋଇ ପଡ଼ିଛନ୍ତି। ପ୍ରଶାସନ ନେତୃତ୍ୱରେ ଚାଲିଥିବା ଉଦ୍ଧାର କାର୍ଯ୍ୟରେ ଏନ୍‌ଡିଆର୍‌ଏଫ୍, ଏସ୍‌ଡିଆର୍‌ଏଫ୍ ସମେତ ଏକାଧିକ ଟିମ୍‌କୁ ନିୟୋଜିତ କରାଯାଇଥିବା ରାଜ୍ୟ ଗୃହମନ୍ତ୍ରୀ ଅନିଲ ଭିଜ୍ କହିଛନ୍ତି। ହିସାରରୁ ସେନାର ଏକ ୟୁନିଟ୍‌କୁ ମଧ ଉଦ୍ଧାର କାର୍ଯ୍ୟରେ ସାମିଲ ହେବାକୁ ଡକାଯାଇଥିବା ଭିଜ୍ ଟୁଇଟ୍ କରିଛନ୍ତି। ଭୂସ୍ଖଳନ ଯୋଗୁ ପ୍ରାୟ ୬ଟି ଡମ୍ପର ଟ୍ରକ୍ ଓ କେତେକ ମେଶିନ ମାଟିତଳେ ପୋତିହୋଇ ପଡ଼ିଥିବା ପୋଲିସ କହିଛି। ୪ରୁ ୫ ଜଣ ମାଟିତଳେ ରହିଯାଇଥିବା ସିୱାନି ଡିଏସ୍‌ପି ମନୋଜ କୁମାର ସୂଚନା ଦେଇଛନ୍ତି। ତେବେ ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ ମାଟି ଅତଡ଼ା ତଳେ ଅଧିକ ଲୋକ ରହିଛନ୍ତି। ସେମାନଙ୍କୁ ତୁରନ୍ତ ଉଦ୍ଧାର ପାଇଁ ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟାର ଜିଲା ପ୍ରଶାସନ ସହ ନିୟମିତ ଯୋଗାଯୋଗରେ ଅଛନ୍ତି।

# ଚାଷୀଙ୍କ ଖାତାକୁ ଗଲା ୨୦,୯୦୦ କୋଟି

■ପିଏମ୍ କିଷାନ ଯୋଜନାର ୧୦ମ କିସ୍ତି

ନୂଆଦିଲ୍ଲୀ, ୧।୧


ନରେନ୍ଦ୍ର ମୋଦି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆବର୍ଷର ପ୍ରଥମ ଦିନରେ ଦେଶର ୧୦.୦୯ କୋଟି ଚାଷୀଙ୍କ ବ୍ୟାଙ୍କ ଖାତାକୁ ପିଏମ୍-କିଷାନ ଯୋଜନାରେ ୨୦,୯୦୦ କୋଟି ଟଙ୍କା ଆର୍ଥିକ ସହାୟତା ପଠାଇଛନ୍ତି। ଭିଡିଓ କନ୍‌ଫରେନ୍ସ ଜରିଆରେ ମୋଦି ହିତାଧିକାରୀ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଦଶମ କିସ୍ତି ଟଙ୍କା ପଠାଇବା ଅବସରରେ କୋଭିଡ୍-୧୯ ମହାମାରୀ ଦ୍ୱାରା ସୃଷ୍ଟ ଚ୍ୟାଲେଞ୍ଜ ନୂଆବର୍ଷରେ ଦେଶର ବିକାଶ ପ୍ରକ୍ରିୟାରେ ବାଧକ ହେବାକୁ ଦିଆଯିବ ନାହିଁ ବୋଲି କହିଥିଲେ। ଦେଶ ସମ୍ପୂର୍ଣ୍ଣ ସତର୍କତାର ସହ ମହାମାରୀ ବିରୋଧରେ ଲଢ଼େଇ ଜାରି ରଖିଛି। ଏଥିସହିତ ଜାତୀୟ ସ୍ୱାର୍ଥ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ମହାମାରୀ ସତ୍ତ୍ୱେ ସ୍ୱାସ୍ଥ୍ୟସେବା, ପ୍ରତିରକ୍ଷା, କୃଷି, ଷ୍ଟାର୍ଟ-ଅପ୍ ଏବଂ ଭିତ୍ତିଭୂମି ସେକ୍ଟରରେ ଉଲ୍ଲେଖନୀୟ ସଫଳତା ହାସଲ ହୋଇପାରିଛି। ମହାମାରୀ ବିରୋଧରେ ଭାରତର ବଳିଷ୍ଠ ମୁକାବିଲା ସବୁଦିନ ପାଇଁ ମନେ ରହିବ ବୋଲି ମୋଦି କହିଥିଲେ। ବର୍ତ୍ତମାନ ସୁଦ୍ଧା ୧୪୫ କୋଟିରୁ ଅଧିକ କୋଭିଡ୍ ଟିକା ଡୋଜ୍ ଦିଆଯାଇଥିବାରୁ ଏହି ସଫଳତା ପାଇଁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଥିଲେ। ବିଗତ ବର୍ଷରେ ବିଭିନ୍ନ ସେକ୍ଟରରେ ସଂସ୍କାର ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି ଓ ଆଧୁନିକ ଭିତ୍ତିଭୂମି ସୃଷ୍ଟି ହୋଇଛି। ବିକାଶକୁ ଆହୁରି ଦ୍ରୁତତର କରାଯିବ। କରୋନା ଚ୍ୟାଲେଞ୍ଜ ସୃଷ୍ଟି କରିଥିଲେ ମଧ ଏହା ବିକାଶ ପ୍ରକ୍ରିୟାକୁ ରୋକିପାରିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି (ପିଏମ୍-କିଷାନ) ଯୋଜନାରେ ହିତାଧିକାରୀ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ବର୍ଷକୁ ୩ଟି କିସ୍ତିରେ ୬ ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। ଏଥିସହିତ ପ୍ରଧାନମନ୍ତ୍ରୀ ୩୫୧ କୃଷି ଉତ୍ପାଦନ ସଂଗଠନ (ଏଫ୍‌ପିଓ)କୁ ୧୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଇକ୍ୱିଟି ପ୍ରଦାନ କରିଛନ୍ତି। ଏହା ଦ୍ୱାରା ୧.୨୪ ଲକ୍ଷ ଚାଷୀ ଉପକୃତ ହେବେ। ପ୍ରଧାନମନ୍ତ୍ରୀଙ୍କ ଏହି ଭର୍ଚୁଆଲ କାର୍ଯ୍ୟକ୍ରମରେ ବିଭିନ୍ନ ରାଜ୍ୟର ୯ ମୁଖ୍ୟମନ୍ତ୍ରୀ ଓ ଅନେକ ମନ୍ତ୍ରୀ ଓ କୃଷି ଅନୁଷ୍ଠାନର ପ୍ରତିନିଧିମାନେ ଯୋଗ ଦେଇଥିଲେ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Published at 11/2, Industrial Estate, Berhampur,Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ